■ RNI No.ODIODI/2010/33031
■ ୧୬ ବର୍ଷ Volume- 16
■ ISSUE -296 ସଂଖ୍ୟା-୨୯୬
■ ଭୁବନେଶ୍ୱର, ମଙ୍ଗଳବାର ୧୦ ଫେବୃଆରୀ ୨୦୨୬
■ Bhubaneswar, Tuesday 10 February, 2026
■ ୦୮ ପୃଷ୍ଠା Pages-08
■ ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
■ www.odishamanthan.com

MANTHAN

# ମନ୍ଥନ

www.odishamanthan.com RNI No. ORIORI/2010/33031

ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ଅଭିଯୋଗ ଶୁଣିଲେ, ସମସ୍ୟାର ସମାଧାନ କଲେ ମୁଖ୍ୟମନ୍ତ୍ରୀ

- ୧୬ତମ ପାଳି ସୁଦ୍ଧା ୯୪% ଅଭିଯୋଗର ସମାଧାନ
- ମୁଖ୍ୟମନ୍ତ୍ରୀଙ୍କ ସହିତ ୫ ଜଣ ମନ୍ତ୍ରୀ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶାସନ ସଚିବ ଓ ପଦାଧିକାରୀ ଲୋକମାନଙ୍କ ଅଭିଯୋଗ ଶୁଣିଲେ

ଭୁବନେଶ୍ୱର,୯।୨(ନି.ପ୍ର.): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ୟୁନିଟ୍-୨ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ଆଜି ଥିଲା ୧୭ତମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ। ମୁଖ୍ୟମନ୍ତ୍ରୀଙ୍କ ସହିତ ୫ ଜଣ ବରିଷ୍ଠ ମନ୍ତ୍ରୀ ମଧ୍ୟ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି।



ପ୍ରତ୍ୟେକ ଥର ପରି ମୁଖ୍ୟମନ୍ତ୍ରୀ ପ୍ରଥମେ ଆସି ପ୍ରକୋଷ୍ଠ ବାହାରେ ଦିବ୍ୟାଙ୍ଗ ବ୍ୟକ୍ତି ମାନଙ୍କୁ ଭେଟି ସେମାନଙ୍କର ସମସ୍ୟା ଓ ଅଭିଯୋଗ ଶୁଣି ସମାଧାନ ପାଇଁ ବିହିତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମୁଦାୟ ୩୨ ଜଣ ଦିବ୍ୟାଙ୍ଗଙ୍କ ମଧ୍ୟରୁ ଜଟିଳ ରୋଗରେ ପିଡୀତ ଥିବା ଭଦ୍ରକ ଜିଲ୍ଲାର ବ୍ରଜକିଶୋର ବନ୍ଧାଙ୍କୁ ୧ ଲକ୍ଷ ଟଙ୍କା ଓ ଯାଜପୁର ଜିଲ୍ଲାର କାର୍ତ୍ତିକ ସିଙ୍କୁ ୧.୫୦ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ମଞ୍ଜୁର କରିଥିଲେ। ଏଥି ସହିତ ଚିକିତ୍ସା ଆବଶ୍ୟକ କରୁଥିବା ଅନ୍ୟ ଅଭିଯୋଗକାରୀଙ୍କ ଦରଖାସ୍ତ ଉପରେ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।

ସୁଦୂର ପାଟଣାଗଡରୁ ଆସିଥିବା ଉଭୟ କିଡନୀ ଓ ସ୍ନାୟୁଗତ ରୋଗରେ ପିଡୀତା ତିଳୋତ୍ତମା ପାଣ୍ଡେଙ୍କ ଯିବା ଆସିବା ଖର୍ଚ୍ଚ ସହିତ ଚିକିତ୍ସା ସୁବିଧା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସମସ୍ତ ଦିବ୍ୟାଙ୍ଗ ଓ ଜଟିଳ ରୋଗରେ ପିଡୀତ ଅଭିଯୋଗକାରୀଙ୍କୁ ବ୍ୟକ୍ତିଗତ ଭାବେ ଭେଟି ସହୃଦୟତାର ସହିତ ସେମାନଙ୍କର ସମସ୍ୟା ଓ ଅଭିଯୋଗ ଶୁଣି ମୁଖ୍ୟମନ୍ତ୍ରୀ ଆଶୁ ସମାଧାନ କରିବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପ୍ରକୋଷ୍ଠ ଭିତରେ ପଞ୍ଜୀକୃତ କରିଥିବା ଅନ୍ୟ ସମସ୍ତ ଅଭିଯୋଗକାରୀଙ୍କ ଅଭିଯୋଗ ଶୁଣିଥିଲେ।

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ମାଧ୍ୟମରେ ଗତ ୧୬ଟି ପାଳିସୁଦ୍ଧା ଗ୍ରହଣ କରାଯାଇଥିବା ୧୪,୦୫୪ଟି ଅଭିଯୋଗ ମଧ୍ୟରୁ ୧୩,୧୬୯ଟି ଅଭିଯୋଗର ସମାଧାନ କରାଯାଇଛି। ଯାହା ଶତକଡା ୯୪ ପ୍ରତିଶତ ଅଟେ। ବକେୟା ଅଭିଯୋଗ ଗୁଡିକ ପ୍ରକ୍ରିୟା ମଧ୍ୟରେ ରହିଛି।

ଏହି ଅବସରରେ ଗଣମାଧ୍ୟମରେ ବିବୃତ୍ତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ହେଉଛି ଆମ ସରକାରଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। ଚଳିତ ନୂଆ ବର୍ଷରେ ପ୍ରଶାସନକୁ ଅଧିକ ଲୋକଭିମୁଖୀ କରିବା ପାଇଁ ଦିଆଯାଇଥିବା ୧୫ ଦଫା ନିର୍ଦ୍ଦେଶାବଳୀ ମଧ୍ୟରେ ଅଭିଯୋଗ ଶୁଣାଣି ପ୍ରକ୍ରିୟା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ସଚିବାଳୟ ଠାରୁ ଆରମ୍ଭ କରି ବ୍ଲକ, ତହସିଲ ପର୍ଯ୍ୟନ୍ତ ସମସ୍ତ ଅଧିକାରୀଙ୍କୁ କ୍ଷେତ୍ର ପରିଦର୍ଶନ ଜରିଆରେ ଲୋକଙ୍କ ଅଭିଯୋଗ ଶୁଣି ତାର ସମାଧାନ ଦିଗରେ ଯତ୍ନବାନ ହେବାପାଇଁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟସ୍ତରରେ ନିୟମିତ ଅଭିଯୋଗ ଶୁଣାଣି ହେଉଥିବାରୁ ଜିଲ୍ଲାସ୍ତରରେ ମଧ୍ୟ ଏହାର ସୁଫଳ ପରିଲକ୍ଷିତ ହେଉଛି। ଏବେ ଜିଲ୍ଲାପାଳ ଓ ଏସ.ପି ମାନେ ନିୟମିତ ଭାବେ ଅଭିଯୋଗ ଶୁଣାଣି କରୁଛନ୍ତି। ଅଭିଯୋଗ ଶୁଣାଣି ବ୍ୟବସ୍ଥା ସାରା ରାଜ୍ୟରେ ଏକ ନିୟମିତ ପ୍ରଶାସନିକ ପ୍ରକ୍ରିୟାରେ ପରିଣତ ହୋଇଛି।

ଆଜି ମୁଖ୍ୟମନ୍ତ୍ରୀଙ୍କ ସହିତ ଆଇନ ଓ ପୂର୍ତ୍ତ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ, ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ।

ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟା ଶାସନ ସଚିବ ସୁରେନ୍ଦ୍ର କୁମାର, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟ ମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢୀ ଏବଂ ଅନ୍ୟ ବିଭାଗ ଗୁଡିକର ପ୍ରମୁଖ ଶାସନ ସଚିବ ଓ ଶାସନ ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ।

## ରାଜଧାନୀରେ ଅନଲାଇନ ଅଟୋ ଓ ଟାକ୍ସି ସଂଘର ଆନ୍ଦୋଳନ; ଯାତ୍ରୀ ହନ୍ତସନ୍ତ

ଭୁବନେଶ୍ୱର: ରାଜଧାନୀରେ ଅନଲାଇନ ଅଟୋ ଓ ଟାକ୍ସି ସଂଘର ଆନ୍ଦୋଳନ। ଓଲା, ଉବେର, ରାପିଡୋ ଆଦି ଆପ୍ ଭିତ୍ତିକ ଡ୍ରାଇଭରଙ୍କ ଧର୍ମଘଟ ଯୋଗୁଁ ଯାତ୍ରୀ ହନ୍ତସନ୍ତ ହେଉଛନ୍ତି। ଆଜି (ସୋମବାର) ସକାଳ ୬ରୁ ସନ୍ଧ୍ୟା ୬ଟା ଯାଏ ୧୨ ଘଣ୍ଟା ଯାଏଁ ସେବା ବନ୍ଦ କରି ଆନ୍ଦୋଳନ କରାଯାଇଛି। ଫଳରେ ଭୁବନେଶ୍ୱରର ରସୁଲଗଡ ଛକରୁ ଜୟଦେବବିହାର ପର୍ଯ୍ୟନ୍ତ ଅଟକି ରହିଛି ଶହ ଶହ ଗାଡି।

ଓଲା, ଉବେର କମ୍ପାନୀ ମନାମାନୀ କରଥିବା ଅଭିଯୋଗରେ ଧର୍ମଘଟ କରାଯାଉଛି। ଗତ ୭ ତାରିଖରେ ଦେଶବ୍ୟାପୀ ଧର୍ମଘଟ କରାଯାଇଥିବାବେଳେ ରାଷ୍ଟ୍ରପତିଙ୍କ ଓଡିଶା ଗସ୍ତ ପାଇଁ ଧର୍ମଘଟ ବନ୍ଦ ରଖାଯାଇଥିଲା। ଆଜି ଅନଲାଇନ ଅଟୋ ଓ ଟାକ୍ସି ସଂଘ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଭୁବନେଶ୍ୱରରେ ଯେଉଁମାନେ ଅନଲାଇନରେ ଅଟୋ ଓ ଟାକ୍ସି ଚଳାଉଛନ୍ତି, ସେମାନେ ଏହି ଧର୍ମଘଟ କରୁଛନ୍ତି, ବିଶେଷ କରି ରାଜ୍ୟ ସରକାର ଏଥିରେ କିଛି ସହଯୋଗ କରି ସେମାନଙ୍କ ପାଇଁ ଏକ ଦର ଧାର୍ଯ୍ୟ କରନ୍ତୁ ଏବଂ ଓଲା, ଉବେର କମ୍ପାନୀ ସହ ଆଲୋଚନା କରିବାକୁ ଦାବି ଜଣାଇଛନ୍ତି।

## ବନ୍ଦ ହେବ ନାହିଁ ଏସ୍ଆଇଆର୍ : ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୯।୨ ଓକିଲ ସାଜି ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ୍ଆଇଆର୍ ବିରୋଧରେ ସୁପ୍ରିମକୋର୍ଟ ଯାଇଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଶକ୍ତ ଧକ୍କା ଲାଗିଛି। ଅନେକ ରାଜ୍ୟରେ ଚାଲିଥିବା ଏସ୍ଆଇଆରକୁ ବନ୍ଦ କରିବାକୁ କୌଣସି ଅନୁମତି ଦିଆଯାଇପାରିବ ନାହିଁ। ଏହାକୁ ସମସ୍ତ ରାଜ୍ୟ ବୁଝିଯିବା ଦରକାର ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିଚାରପତି ଏନଭି ଅଞ୍ଜାରିଆ ଏସ୍ଆଇଆର୍ ସମ୍ବନ୍ଧୀୟ ଆବେଦନର ଶୁଣାଣି କରିଛନ୍ତି। ଆଜିର ଶୁଣାଣିରେ ମମତା ବାନାର୍ଜୀଙ୍କ ଦଳ ଟିଏମସିର ଓକିଲ ସାଂସଦ କଲ୍ୟାଣ ବାନାର୍ଜୀ ପକ୍ଷ ରଖିଥିଲେ । ସେ ଦାବି କରିଥିଲେ ଯେ ସଂଖ୍ୟାଲଘୁ ବହୁଳ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଯଦି ୧୦୦୦ ଭୋଟର ଥାଆନ୍ତି, ତେବେ ସେମାନଙ୍କ ମଧ୍ୟରୁ ୯୫୦ ଜଣଙ୍କୁ ତାର୍କିକ ବିସଙ୍ଗତି ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ସମୟରେ ଫର୍ମ ୭ ଉପରେ ମଧ୍ୟ ଏକ ବିତର୍କ ହୋଇଥିଲା, ଯାହାକୁ ଭୋଟର ତାଲିକାରେ କୌଣସି ନାମ ଯୋଡିବା ଉପରେ ଆପତ୍ତି ଉଠାଇବା ପାଇଁ ପୂରଣ କରିବାକୁ ପଡ଼ିବ ।

# ଓଭରବ୍ରିଜରୁ ଖସିପଡିଲା କାର୍



ଭୁବନେଶ୍ୱର,୯।୨(ନି.ପ୍ର.): ରାଜଧାନୀ ଭୁବନେଶ୍ୱରର କେଦାରପଲ୍ଲୀ ବସ୍ତିର ଘର ଉପରୁ ଦୁର୍ଘଟଣାଗ୍ରସ୍ତ କାରଟିକୁ ଉଠାଯାଇଛି। ଘଟଣାସ୍ଥଳରେ ଅଗ୍ନିଶମବାହିନୀ ଓ ପୋଲିସ ପକ୍ଷରୁ ଏକ କ୍ରେନ୍ ସାହାଯ୍ୟରେ କାରକୁ ଓଭରବ୍ରିଜ ଉପରକୁ ଉଠାଇ ନିଆଯାଇଛି। ସେପଟେ ବସ୍ତିବାସିନ୍ଦା କ୍ଷତିପୂରଣ ପାଇଁ ଅଡ଼ି ବସିଛନ୍ତି।

ସୂଚନା ମୁତାବିକ ଆଜି ସକାଳେ ଶିଶୁ ଭବନ ଓଭରବ୍ରିଜରୁ ୧୦ ଫୁଟ୍ ତଳକୁ ଏକ କାର୍ ଖସିପଡିଥିଲା। ଓଭର ବ୍ରିଜରେ ବ୍ୟାରିକେଡରେ ପିଟି ହୋଇ ୧୦ ଫୁଟ ତଳକୁ ଖସି ପଡ଼ିଥିଲା। ତଳକୁ ଖସିବା ପରେ କାରଟି ଏକ ଗଛରେ ପିଟି ହୋଇଯାଇଥିଲା। ଏହାପରେ ଗଛରେ ପଡ଼ି ଏକ ଘର ଉପରକୁ ଖସି ପଡିଥିଲା। ଫଳରେ ତଳେ ଥିବା ଘର ଗୁଡିକ ଭାଙ୍ଗିଯାଇଛି। ଘରେ ଥିବା ୪ ଜଣ ଆହତ ହୋଇଥିବା ସୂଚନା ମିଳିଛି। ଦୁର୍ଘଟଣାରୁ କାର୍ ଡ୍ରାଇଭର ଜଣକ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଡ୍ରାଇଭର ଜଣକ ନିଶାଶକ୍ତ ଅବସ୍ଥାରେ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏନେଇ ବସ୍ତିବାସିନ୍ଦା କ୍ଷତିପୂରଣ ପାଇଁ ଅଡ଼ି ବସିଛନ୍ତି। ଖବର ପାଇ କ୍ୟାପିଟାଲ ଥାନା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଡ୍ରାଇଭରକୁ ଅଟକ ରଖିଛି।

## ସଂସଦ ଭବନକୁ ବୋମା ଧମକ

ନୂଆଦିଲ୍ଲୀ,୯।୨(ନି.ପ୍ର.): ନୂଆଦିଲ୍ଲୀସ୍ଥିତ ସଂସଦ ଭବନକୁ ବୋମାରେ ଉଡ଼ାଇ ଦେବାକୁ ଧମକ ମିଳିଛି । ସେଥିପାଇଁ ସଂସଦ ପରିସରକୁ ହାଇଆଲର୍ଟରେ ରଖାଯାଇଛି । ସମ୍ପୂର୍ଣ୍ଣ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ଆସନ୍ତା ୧୩ ତାରିଖରେ ସଂସଦକୁ ବୋମାରେ ଉଡାଇବାକୁ ଧମକପୂର୍ଣ୍ଣ ଇମେଲ୍ ଆସିଛି । ଆତଙ୍କବାଦୀ ସଂଗଠନ ଖଲିସ୍ତାନ ନାଁରେ ମେଲ୍ ଆସିଥିବା ଜଣାପଡ଼ିଛି ବୋମା ଧମକ।

ଖାଲି ସେତିକି ନୁହେଁ ସଂସଦ ସମେତ ଆଉ ୯ଟି ସ୍କୁଲକୁ ମଧ୍ୟ ଏପରି ଧମକ ଆସିଛି । ଦିନ ୧ଟା ୧୧ ମିନିଟରେ ବିସ୍ଫୋରଣ କରିବାକୁ ଧମକ ଆସିଛି। ଜାକେରୀ ଜେକିନ୍ସ ନାମରେ ଇମେଲ୍ ଆସିଛି । ଇମେଲରେ 'ଦିଲ୍ଲୀ ହେବ ଖଲିସ୍ତାନ' ବୋଲି ଉଲ୍ଲେଖ ରହିଛି । ଏହା ସହିତ 'ସ୍କୁଲ ମଝିରେ ଆଜି ଧମାକା', 'ପାର୍ଲିଆମେଣ୍ଟ ମଝିରେ ୮୦୦ ବୋମା ଚାଲିବ', 'ମୋଦୀ-ଶାହା-ଜୟଶଙ୍କର ଖାଲିସ୍ତାନୀଙ୍କ ଶତ୍ରୁ' ବୋଲି ମେସେଜ୍ ଲେଖାଯାଇଛି ।

ତେବେ ବୋମା ଧମକ ପରେ ସମସ୍ତ ବିଦ୍ୟାଳୟରେ ଛୁଟି ଘୋଷଣା କରାଯାଇ ଯାଞ୍ଚ ଆରମ୍ଭ କରାଯାଇଛି । ଦିଲ୍ଲୀ ପୋଲିସ, ଅଗ୍ନିଶମ ଟିମ୍, ସନ୍ଧାନୀ କୁକୁର ଏବଂ ବମ୍ ସ୍କ୍ୱାଡ୍ ପହଁଚି ତନ୍ନତନ୍ନ କରି ଯାଞ୍ଚ କରୁଛନ୍ତି। ତେବେ କୌଣସି ସନ୍ଦିଗ୍ଧ ବସ୍ତୁ ମିଳିନଥିବା ଜଣାପଡ଼ିଛି ।

# ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବୀନ

ଭୁବନେଶ୍ୱର,୯।୨(ନି.ପ୍ର.): ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଧାନ ମଣ୍ଡିରେ ଅବ୍ୟବସ୍ଥା ଏବଂ ଧାନ ସଂଗ୍ରହରେ ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରିବାରେ ବିଫଳତା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି । ରାଜ୍ୟର ଅନ୍ନଦାତା ସମ୍ମୁଖୀନ ହେଉଥିବା ଦୁର୍ଦ୍ଦଶା ଓ ଶୋଷଣ ସମ୍ପର୍କରେ ନବୀନ ଚିଠି ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଧ୍ୟାନ ଆକର୍ଷଣ କରିଛନ୍ତି।

**ମଣ୍ଡି ଅବ୍ୟବସ୍ଥା ଓ କଟନୀ ଛଟନୀ**

ନବୀନ ଲେଖିଛନ୍ତି, ଓଡ଼ିଶାର ଜୀବନ ରେଖା କୃଷି ପ୍ରତି ପ୍ରଶାସନିକ ଉଦାସୀନତା ଏବଂ ଲୋକଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତିର ଖୋଲାଖୋଲି ଉଲ୍ଲଂଘନ ଯୋଗୁଁ ଚଳିତ ଖରିଫ ଫସଲ ସଂଗ୍ରହ ଚାଷୀଙ୍କ ପାଇଁ ଗଭୀର ସଂଘର୍ଷର ସମୟ ପାଲଟିଛି । ନବୀନ ବିଜେପି ଦ୍ୱାରା ଦିଆଯାଇଥିବା ନିର୍ବାଚନୀ ଇସ୍ତାହାର ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ସେ ଲେଖିଛନ୍ତି ନିର୍ବାଚନ ସମୟରେ କୃଷକ ସମାଜକୁ ବର୍ଦ୍ଧିତ ଏମଏସପି ଏବଂ କଟନି-ଛାଟନି ବନ୍ଦ କରିବା ସମ୍ପର୍କରେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ମଣ୍ଡିର ବାସ୍ତବତା ବିଶ୍ୱାସଘାତକର କାହାଣୀ କହୁଛି । ନବୀନ ଚିଠିରେ ଉଲ୍ଲେଖ କରିଛନ୍ତି, ଚାଷୀମାନେ କଟନୀ-ଛଟନୀର ଶୀକାର ହେଉଛନ୍ତି । ଆର୍ଦ୍ରତା କିମ୍ବା ନିମ୍ନମାନର ଗୁଣବତ୍ତାର ଆଳ ଦେଖାଇ ପ୍ରତି କ୍ୱିଣ୍ଟାଲ ପିଛା ୫ କି.ଗ୍ରା.ରୁ ୭ କି.ଗ୍ରା ପର୍ଯ୍ୟନ୍ତ ମନଇଚ୍ଛା କାଟି ଦିଆଯାଉଛି। ମିଲର ଏବଂ ସ୍ଥାନୀୟ ଅଧିକାରୀଙ୍କ କଥିତ ସହଯୋଗରେ, ଚାଷୀମାନଙ୍କୁ ଏକ 'ପାରସ୍ପରିକ ଚୁକ୍ତି' କରିବାକୁ ବାଧ କରାଯାଉଥିବା ନବୀନ ଅଭିଯୋଗ କରିଛନ୍ତି। ଚାଷୀଙ୍କୁ ପ୍ରତି କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ଇନପୁଟ୍ ସବସିଡି ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା । କିନ୍ତୁ, ପ୍ରତି ଚାଷୀଙ୍କୁ ସର୍ବାଧିକ ୧୫୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ ସବସିଡିକୁ ସୀମିତ କରିବା ପାଇଁ ସାମ୍ପ୍ରତିକ ନିଷ୍ପତ୍ତି ସ୍ପଷ୍ଟ ବିଶ୍ୱାସ ଭଙ୍ଗ। ସେହିପରି ଭାରତ ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୬୯ ଟଙ୍କା ବୃଦ୍ଧି କରିଛନ୍ତି। କିନ୍ତୁ ଓଡ଼ିଶାର ଚାଷୀମାନେ ବର୍ଦ୍ଧିତ ମୂଲ୍ୟ ପାଉନାହାଁନ୍ତି । ଏହା କ'ଣ ବିଶ୍ୱାସଘାତକତା ନୁହେଁ ବୋଲି ପ୍ରଶ୍ନ କରିଛନ୍ତି ନବୀନ ।

ମୌଳିକ ସୁବିଧାର ଅଭାବ, ଟୋକନ୍ ସିଷ୍ଟମର

# ୩୦୮୨ ସେଣ୍ଟରରେ ମାଟ୍ରିକ୍ ପରୀକ୍ଷା

ଭୁବନେଶ୍ୱର,୯।୨(ନି.ପ୍ର.): ଆସନ୍ତା ୧୯ ତାରିଖରୁ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଅନୁଷ୍ଠିତ ହେବ । ଚଳିତ ବର୍ଷ ରାଜ୍ୟର ୩୦୮୨ ସେଣ୍ଟରରେ ମାଟ୍ରିକ୍ ପରୀକ୍ଷା ହେବ । ଏ ନେଇ ସୂଚନା ଦେଇଛନ୍ତି ମାଧ୍ୟମିକ ଶିକ୍ଷା ପରିଷଦ ଅଧ୍ୟକ୍ଷ ଶ୍ରୀକାନ୍ତ ତରାଇ ।

ସଭାପତି କହିଛନ୍ତି, ରାଜ୍ୟରେ ମୋଟ ୩୦୮୨ ସେଣ୍ଟରରେ ମାଟ୍ରିକ୍ ପରୀକ୍ଷା ହେବ । ଚଳିତ ବର୍ଷ ପ୍ରାୟ ୮୦ଟା ସେଣ୍ଟର ଅଧିକ କରାଯାଇଛି । ପ୍ରଶ୍ନପତ୍ର ରଖିବା ପାଇଁ ୩୨୨ଟି ନୋଡାଲ୍ ସେଣ୍ଟର ରହିଛି । ମାଟ୍ରିକ୍ ପରୀକ୍ଷା ପାଇଁ ମୋଟ ୫ ଲକ୍ଷ ୬୧ ହଜାର ୯୭୯ ପିଲା ଫର୍ମ ଫିଲ୍ ଅପ୍ କରିଛନ୍ତି । ଗୋଟିଏ ସିଟିଂରେ ସକାଳ ୯ ଟାରୁ ସାଢେ ୧୧ଟା ଯାଏ ପରୀକ୍ଷା ଚାଲିବ । ଆସନ୍ତାକାଲି ଠାରୁ ବୋର୍ଡ କାର୍ଯ୍ୟାଳୟରୁ ପ୍ରଶ୍ନ ପତ୍ର ନୋଡାଲ୍ ସେଣ୍ଟରକୁ ପ୍ରଶ୍ନ ପତ୍ର ପଠାଯିବା ପ୍ରକ୍ରିୟା ଆରମ୍ଭ ହେବ । ଆସନ୍ତାକାଲି ପ୍ରଥମ ପର୍ଯ୍ୟାୟରେ ୫ ଟି ଜିଲ୍ଲା ମାଲକାନଗିରି, କୋରାପୁଟ, କଳାହାଣ୍ଡି, ଝାରସୁଗୁଡ଼ା ଓ ସୁନ୍ଦରଗଡ଼କୁ ପ୍ରଶ୍ନ ପତ୍ର ପଠାଯିବ । କନ୍ଧମାଳ ଏବଂ ମାଲକାନଗିରି ମାଓ ଅଧ୍ୟୁଷିତ ଜିଲ୍ଲାରେ ୧୭ଟି ଥାନାରେ ନୋଡାଲ୍ ସେଣ୍ଟର୍ କରାଯାଇଛି । ସମସ୍ତ ନୋଡାଲ ସେଣ୍ଟରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ପ୍ରଶ୍ନ ପତ୍ର ଲିକ୍ ରୋକିବାକୁ ଲାଇଭ୍ ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯାଇଛି, ଯାହାକୁ ବୋର୍ଡ କାର୍ଯ୍ୟାଳୟରୁ କଣ୍ଟ୍ରୋଲ କରାଯିବ । ସେହିପରି କେଉଁ ମାର୍ଗ ଦେଇ ପ୍ରଶ୍ନ ପତ୍ର ଗାଡ଼ି ଯିବ ତାହା ମଧ୍ୟ ସ୍ଥିର ହୋଇଛି । ପ୍ରତି ଗାଡ଼ିରେ ବୋର୍ଡର କର୍ମଚାରୀ ଉପସ୍ଥିତ ରହିବେ ।

## ଡାହୁକ



ଭକୁଆ ନୁହଁନ୍ତି ଦେଶର ଜନତା
କଥା ଶୁଣି ହେବେ ବାଇ
ମିଛୁଆ ରାଧୁଆ ଗାଲୁଆ ସାଜିଲେ
ବାଘ ଯିବ ସାରା ଖାଇ।

-ବିଧୂ

# ନୋବେଲ ଶାନ୍ତି ପୁରସ୍କାର ବିଜେତାଙ୍କୁ ୭ ବର୍ଷ ଜେଲ

ତେହେରାନ,୯।୨(ନି.ପ୍ର.): ଇରାନରେ ନୋବେଲ ଶାନ୍ତି ପୁରସ୍କାର ବିଜେତା ନର୍ଗେସ ମହମ୍ମଦୀଙ୍କୁ ଅନଶନ ଆରମ୍ଭ କରିବା ପରେ ୭ ବର୍ଷରୁ ଅଧିକ ଜେଲଦଣ୍ଡ ଦିଆଯାଇଛି। ସମର୍ଥକମାନେ ରବିବାର ଏହା ଘୋଷଣା କରିଛନ୍ତି। ଦେଶବ୍ୟାପୀ ପ୍ରତିବାଦ ଏବଂ ସୁରକ୍ଷା ବାହିନୀ ହାତରେ ହଜାର ହଜାର ଲୋକଙ୍କ ମୃତ୍ୟୁ ପରେ ତେହେରାନ ଭିନ୍ନମତ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି।



ମହମ୍ମଦୀଙ୍କ ବିରୋଧରେ ରାୟ ଏପରି ଏକ ସମୟରେ ଆସିଛି ଯେତେବେଳେ ଇରାନ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମ୍ଭାବ୍ୟ ସାମରିକ ଆକ୍ରମଣକୁ ଏଡାଇବା ପାଇଁ ଆମେରିକା ସହିତ ଏହାର ପରମାଣୁ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିବାକୁ ଚେଷ୍ଟା କରୁଛି। ଇରାନର ଶୀର୍ଷ କୂଟନୀତିଜ୍ଞ ରବିବାର ଜୋର ଦେଇ କହିଛନ୍ତି ଯେ ତେହେରାନର ଶକ୍ତି ମହାନ ଶକ୍ତିକୁ ନା କହିବାର କ୍ଷମତାରୁ ଆସିଥାଏ। ଏହି ମୌଳବାଦୀ ଦୃଷ୍ଟିକୋଣ ଓମାନରେ ଆମେରିକା ସହିତ ଆଲୋଚନା ପରେ ଆସିଛି।

ଆଇନଜୀବୀ ମୁସ୍ତାଫା ନିଲି ଏକ ଏକ୍ସ-ରେରେ ଦଣ୍ଡାଦେଶକୁ ନିଶ୍ଚିତ କରି କହିଛନ୍ତି ଯେ ଶନିବାର ଦିନ ମଶାଦ ସହରର ଏକ ବିପ୍ଳବୀ କୋର୍ଟ ଦ୍ୱାରା ଏହି ରାୟ ଦିଆଯାଇଥିଲା। ଏପରି କୋର୍ଟଗୁଡ଼ିକ ସାଧାରଣତଃ ଅଭିଯୁକ୍ତମାନଙ୍କୁ ସେମାନଙ୍କର ଅଭିଯୋଗକୁ ଖଣ୍ଡନ କରିବାର କମ କିମ୍ବା କୌଣସି ସୁଯୋଗ ନ ଦେଇ ସେମାନଙ୍କର ରାୟ ଘୋଷଣା କରନ୍ତି। 'ଲୋକଙ୍କୁ ଉସୁକାଇବା ଏବଂ ଷଡ଼ଯନ୍ତ୍ର ପାଇଁ ତାଙ୍କୁ ଛଅ ବର୍ଷ ଜେଲଦଣ୍ଡ ଏବଂ ପ୍ରଚାର ପାଇଁ ଦେଢ଼ ବର୍ଷ ଜେଲଦଣ୍ଡ ଏବଂ ଦୁଇ ବର୍ଷର ଯାତ୍ରା ପ୍ରତିବନ୍ଧକ ଦିଆଯାଇଛି, ସେ ଲେଖିଛନ୍ତି।

# ହଙ୍ଗାମାରୁ ସ୍ୱାଭାବିକ ହେଉନି ଲୋକସଭା

ନୂଆଦିଲ୍ଲୀ,୯।୨: ଚଳିତ ସଂସଦ ଅଧିବେଶନରେ ଶାସକ ଦଳ ଏବଂ ବିରୋଧୀ ଦଳ ମଧ୍ୟରେ ଚାଲିଥିବା ବିବାଦ କମିବାର ଦେଖାଯାଉନାହିଁ। ସୋମବାର ଲୋକସଭା କାର୍ଯ୍ୟ ପୁଣି ଥରେ ପ୍ରବଳ ହଟ୍ଟଗୋଳରେ ପ୍ରଭାବିତ ହୋଇଛି, ଯାହା ଫଳରେ ବାଚସ୍ପତି ମଙ୍ଗଳବାର ଦିନ ୧୧ ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିବାକୁ ବାଧ ହୋଇଛନ୍ତି। ସୋମବାର ସକାଳେ ଗୃହ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳର ସାଂସଦମାନେ ବିଭିନ୍ନ ପ୍ରସଙ୍ଗରେ ସ୍ଲୋଗାନ ଦେଇ ଗୃହର ମଧ୍ୟଭାଗକୁ ଚାଲିଆସିଥିଲେ।



ବିରୋଧୀ ଦଳଗୁଡ଼ିକ ସାମ୍ପ୍ରତିକ ରାଜନୈତିକ ଘଟଣାବଳୀ ଏବଂ ଜ୍ୱଳନ୍ତ ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ଜିଦ୍ ଧରିଥିଲେ। ବାଚସ୍ପତି ସାଂସଦମାନଙ୍କୁ ସେମାନଙ୍କ ଆସନକୁ ଫେରି ପ୍ରଶ୍ନକାଳ ଚାଲିବାକ ଦେବାକୁ ବାରମ୍ବାର ଅନୁରୋଧ କରିଥିଲେ, କିନ୍ତୁ ହଟ୍ଟଗୋଳ ବଢ଼ିବାରେ ଲାଗିଥିଲା।

ଗୃହରେ ବିଶୃଙ୍ଖଳାକୁ ଦୃଷ୍ଟିରେ ରଖି ବାଚସ୍ପତି ଘୋଷଣା କଲେ ଯେ ଗୃହରେ ଆଲୋଚନା କରାଯାଉ ନାରାବାଜୀ ନୁହେ। ଦେଶର ଲୋକମାନେ ଚାହାଁନ୍ତି ଯେ ସେମାନଙ୍କ ପ୍ରସଙ୍ଗ ଗୃହରେ ଆଲୋଚନା ହେଉ।' ତଥାପି, ବିରୋଧୀ ସଦସ୍ୟଙ୍କ ଆକ୍ରମଣାତ୍ମକ ଆଭିମୁଖ୍ୟ ଏବଂ ଲଗାତାର ନାରାବାଜୀ ଯୋଗୁଁ ଗୃହର ମର୍ଯ୍ୟାଦା ବଜାୟ ରଖିବା କଷ୍ଟକର ହୋଇପଡୁଥିଲା। ପରବର୍ତ୍ତୀ ସମୟରେ ଗୃହକୁ କିଛି ସମୟ ପାଇଁ ମୁଲତବୀ ରଖାଯାଇଥିଲା। ପରେ ଯେତେବେଳେ ଆରମ୍ଭ ହୋଇଥିଲା ସମାନ ସ୍ଥିତି ଦେଖି ଗୃହକୁ ଦିନକ ପାଇଁ ମୁଲତବୀ ରଖାଯାଇଥିଲା। ସାରା ଦିନ ପାଇଁ ସ୍ଥଗିତ ରଖାଯାଇଥିଲା।

ଲୋକସଭାରେ ଲଗାତାର ହଙ୍ଗାମା କାରଣରୁ ଅନେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଏବଂ ଜନସ୍ୱାର୍ଥ ପ୍ରସଙ୍ଗ ଉପରେ ଆଲୋଚନା ହେବା ସମ୍ଭବ ହେଉନି। ମଙ୍ଗଳବାର ଦିନ ଗୃହ କାର୍ଯ୍ୟ ଆରମ୍ଭ ହେବ, ଆଶା କରାଯାଉଛି ଯେ ଉଭୟ ପକ୍ଷ ମଧ୍ୟରେ ସହମତି ହୋଇପାରିବ ଏବଂ କାର୍ଯ୍ୟ ସୁରୁଖୁରୁରେ ଚାଲିପାରିବ। ସଂସଦର ବଜେଟ ଅଧିବେଶନ ସମୟରେ ଲୋକସଭାରେ ଲଗାତାର ହଟ୍ଟଗୋଳ ଦେଖାଯାଉଛି। ପୂର୍ବାହ୍ନ ୧୧ଟାରେ ଗୃହ ପୁନର୍ବାର ଆରମ୍ଭ ହେବା ପରେ, ଗୃହକୁ ମଧ୍ୟାହ୍ନ ୧୨ଟା ଏବଂ ପରେ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା। ଅପରାହ୍ନ ୨ଟାରେ ଗୃହ ପୁନର୍ବାର ଆରମ୍ଭ ହେବା ପରେ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିବାକୁ ଚାହୁଁଥିଲେ, କିନ୍ତୁ ଅଧ୍ୟକ୍ଷ ସନ୍ଧ୍ୟା ରାୟ କହିଥିଲେ ଯେ ସେ ବଜେଟ ଉପରେ କହିପାରିବେ, କିନ୍ତୁ ଅନ୍ୟ କୌଣସି ବିଷୟରେ କହିବା ପାଇଁ କୌଣସି ନୋଟିସ୍ ମିଳିନାହିଁ।ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି ,ବାଚସ୍ପତିଙ୍କ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କେସି ଭେଣୁଗୋପାଳ ମଧ୍ୟ ଉପସ୍ଥିତ ଥିଲେ, କିନ୍ତୁ ରାହୁଲ ଗାନ୍ଧୀ କ'ଣ କହିବେ ତାହା ସ୍ପଷ୍ଟ କରିନଥିଲେ ? ଯଦି ବାଚସ୍ପତିଙ୍କ ବିରୋଧରେ ଅଭିଯୋଗ ଲଗାଇଲେ, ତେବେ ବାଚସ୍ପତି ଉତ୍ତର ଦେବା ପାଇଁ ସେଠାରେ ନାହାଁନ୍ତି। ହଟ୍ଟଗୋଳ ଜାରି ରହିବାରୁ, ମଙ୍ଗଳବାର ସକାଳ ୧୧ ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖାଯାଇଛି।

## ବାଚସ୍ପତି ଓମ ବିର୍ଲାଙ୍କ ବିରୋଧରେ କ୍ଷୁବ୍ଧ ବିରୋଧୀ

ନୂଆଦିଲ୍ଲୀ: ଲୋକସଭା ବାଚସ୍ପତି ଓମ ବିର୍ଲାଙ୍କ ବିରୋଧରେ ବିରୋଧୀ ଦଳ ମୋର୍ଚ୍ଚା ଖୋଲିବାକୁ ପ୍ରସ୍ତୁତି ଚଳାଇଛନ୍ତି । ଖବର ଅନୁଯାୟୀ ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଅଣାଯାଇପାରେ । ଅନେକ ବିରୋଧୀ ଦଳ ଏହାକୁ ନେଇ ସହମତି ପ୍ରକାଶ କରିଥିବା କୁହାଯାଉଛି । କିନ୍ତୁ ଏହାକୁ ନେଇ କୌଣସି ଆନୁଷ୍ଠାନିକ ସୂଚନା ବିରୋଧୀ ପକ୍ଷରୁ ଦିଆଯାଇ ନାହିଁ । ସୋମବାର ମଧ୍ୟ ହଟ୍ଟଗୋଳ କାରଣରୁ ଗୃହକୁ ୧୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା ।



# କୁଡୁମୁଲୁଗୁମ୍ମା ନୋଡାଲ ହାଇସ୍କୁଲ ଛାତ୍ର ମାନଙ୍କୁ ମାଡ ମାରିଥିବା ହେତୁ ଛାତ୍ର ମାନେ ହେଲେ ଥାନାର ଦ୍ୱାରସ୍ତ

ମାଲକାନଗିରି,୯।୨:(ମନ୍ଥନ) ଆଦିବାସୀ ଅଦ୍ୟୁଷିତ ଅଂଚଳରେ ଶିକ୍ଷାର ଅଗ୍ରଗତି ନିମନ୍ତେ ଭାରତ ଏବଂ କେନ୍ଦ୍ର ସରକାର ଙ୍କ ବହୁ ଯୋଜନା କରିବା ସହ ଛାତ୍ରଛାତ୍ରୀ ମାନେ ଅତି ସହଜ ରେ ଶିକ୍ଷାର ଲାଭ ପାଇପାରିବେ ।ତେଣୁ ଅନେକ କଳା ସଂସ୍କୃତିମାନ ପ୍ରଗ୍ରାମଗୁଡିକ ବିଦ୍ୟାଳୟ ଗୁଡିକରେ ଉନ୍ମୋଚନ କରାଯିବା ଗଲେ ଅତି ସହଯୋରେ ବୁଝି ଶିଖି ପାରିବେ । ଏବଂ ମାଡ଼ ହେଲେ ଭୟ ଭିତ ରେ ବିଦ୍ୟାଳୟ କୁ ଆସନ୍ତି ନାହିଁ ଛାତ୍ର ଛାତ୍ରୀ ତଥା ପାଠ ଛାଡିଦିଅନ୍ତି ଓ କେଉଁଠିନା କେଉଁଠି ମାଡ଼ ର ପ୍ରଭାବ ଧୀରେ ଧୀରେ ବଡି ଚ଼ଲିବ ଆଘାତ ରହିଯିବ କହି ଦଣ୍ଡ ମୁକ୍ତ ଅଂଚଳ ଭାବେ ଘୋଷଣା କରାଯାଇଛି ।ତଥାପି ଏଠି ଛାତ୍ର ମାନଙ୍କୁ ଗାଈ ଗୋରୁ ଙ୍କ ଭଳିଆ। ସରଳ ନୀରିଓ ଆଦିବାସୀ ଛାତ୍ର ଙ୍କୁ ନିର୍ଦ୍ଧୁମ ମାଡ଼ ମାରି ଅତି ନିନ୍ଦନୀୟ ଅଟେ । ଯାହାକି ଆଜି ମାଲକାନଗିରି ଜିଲ୍ଲା ଖଇରୁପୁଟ ବ୍ଲକ ଅନ୍ତର୍ଗତ କୁଡୁମୁଲୁଗୁମ୍ମା ର ସରକାରୀ ନୋଡାଲ ହାଇସ୍କୁଲ ରୋ ଶିକ୍ଷକ ନିର୍ମଳ ଦାସ, ଏବଂ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବବିତା ରାଣୀ ସାହୁ ଉକ୍ତ ବିଦ୍ୟାଳୟ ର ଛାତ୍ର ମାନଙ୍କୁ ନିର୍ଦ୍ଧୁମ ମାଡ଼ ମାରି ରକ୍ତାକ୍ତକରିଥିବାରୁ ଗତ ତା ୭/୦୨/୨୦୨୬ରିଖ ଦିନ ବାଲିମେଳା ଥାନା



ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଉକ୍ତ ଅଭିଯୋଗ କୁ ଆଧାର କରି ବାଲିମେଳା ଥାନା ଅଧିକାରୀ ଧିରେନ ପୋଟନାୟକ ଙ୍କ ନିର୍ଦ୍ଦେଶ କ୍ରମେ ଆଇଓ ତଥା ଏସ୍ଆଇ ଅଜିତ ସିଂଙ୍ଗ ବରିହା ତଦନ୍ତ କରି କେଶ ରେଜିଷ୍ଟର କରିଛନ୍ତି ।କେଶ ନମ୍ବର ୪୧/୨୬ ତା ୦୭/୦୨/୨୦୨୬ ରିଖ U/S -296/115(2)/351(2)/ 3(5)BNS R/00 see, 75 juvenile justice (core and protection of childreen)Act, ୨୦୧୫ ଅନୁସାରେ ନିର୍ମଳ ଦାସ ଏବଂ ବବିତା ରାଣୀ ସାହୁ u/ s-35(3)BNSS Agenest ରେ କେଶ ରୁଜୁ କରାଯାଇଅଛି ।ଏବଂ ଏହି ବିଦ୍ୟାଳୟ ରେ ଷ୍ଟାପ ଷ୍ଟାପ ଙ୍କ ମଧ୍ୟରେ କେହି କାହା ସହିତ ପଡୁନଥିା ର ମଧ ଦେଖାଦେଇଛି ।ଯାହାକି ପ୍ରଧାନ ଶିକ୍ଷୟତ୍ରୀ କହିବା କଥା ଯେ,ମୁଁ ଯେଉଁଦିନ ଠାରୁ ପ୍ରଧାନ ଶିକ୍ଷୟତ୍ରୀ ଭାବେ ଚ଼ର୍ଜ ଦିଆଗଲା,ସେ ଦିନ ଠାରୁ ଛାତ୍ର ଛାତ୍ରୀ ଙ୍କୁ ଭଲ ପାଠ ପାଇବା କୁ ଷ୍ଟାପ ମାନଙ୍କୁ ଙ୍କୁ ତାଗିଦ କରି କହିବାରୁ, ମୋ ଉପରେ ଆକ୍ରୋଶ ରଖି ଷ୍ଟାପ ମାନେ ମୋତେ ଭଲ ନାହିଁ କହି ମୋ ନାମରେ ପିଲାଙ୍କୁ ଭିତରେ ଭିତରେ ଷଡଯନ୍ତ୍ର କରି ଉଷୁକାଇ କେଶ କରାଯାଇଛି ବୋଲି ମୋତଦେଇଛନ୍ତି ।ଏହାକୁ ନେଇ ବୃଦ୍ଧିଜୀ ମାହୋଲ କୁ ଚର୍ଚ୍ଚା ଯେ ଏଠି ଶିକ୍ଷା ର ବ୍ୟବସ୍ଥା ଭୋଲନାହିଁ ଆଉ ଛାତ୍ର ଛାତ୍ରୀ ଙ୍କ ଅବିଭାବକ ଙ୍କୁ ବିଦ୍ୟାଳୟ ପରିଚ଼ଳନା କମିଟିରେ ସାମିଲ କରିବା କଥା ଏବଂ ଅବିଭାବକ ଙ୍କ ମଧ୍ୟରୁ ଜଣେ ଜଣାଶୁଣା ଅବିଭାବକ ଜଣେ ସଭାପତି ରହିବା କଥା କିନ୍ତୁ ଏଠି କୌଣସି ବହୁ କମ ମାତ୍ରାରେ ଅବିଭାବକ ଅଛନ୍ତି ଏବଂ ସଭାପତି ସମ୍ପାଦକ ଙ୍କ କୌଣସି ପିଲା ପାଠ ପଢୁନାହାନ୍ତି ତେଣୁ ପରିଚ଼ଳନା କମିଟି ଆଗ୍ରହ ପ୍ରକାରେ ବିଦ୍ୟାଳୟ ଉପରେ ପରିଦର୍ଶନ କରୁନାହାନ୍ତି ବୋଲି ମଧ ଅଭିଯୋଗ ହେଉଅଛି ।ଏପରି ବାରମ୍ବାର ଅଭିଯୋଗ କଲେ ମଧ କିଛି ପ୍ରଭାବ ପଡୁନଥିବା ମଧ ଅଭିଭାବକ ଙ୍କ ଅଭିଯୋଗ ହେଉଅଛି ।ତେଣୁ ଏହି କମିଟି ଭଙ୍ଗ କରି ପୁନର୍ବାର କମିଟି କରାଯିବାକୁ ଜିଲ୍ଲା ଗଷ୍ଟି ଶିକ୍ଷା ଅଧିକାରୀ ଧାନ ଦେଇ ଏହାର ସମାଧାନ କଲେ ବିଦ୍ୟାଳୟ ବହୁ ଭଲରେ ଚ଼ଳନ୍ତା ବୋଲି ମଧ ପ୍ରଶ୍ନ ଉଠୁଛି ।ତେଣୁ ଏହି କୁଡୁମୁଲୁଗୁମ୍ମା ନୋଡାଲ ହାଇସ୍କୁଲ ର ଶିକ୍ଷକ ନିର୍ମଳ ଦାସ ଏବଂ ପ୍ରଧାନ ଶିକ୍ଷୟତ୍ରୀ ବବିତା ରାଣୀ ସାହୁ ଙ୍କ ବିରୋଧ ରେ ହେଇଥିବା ଏତଲା ରୋ କେଶ କୁ ଆଧାର କରି ଦଣ୍ଡ ମୁକ୍ତ ଅଂଚଳ ର ନିରୀହ ସରଳ ଛାତ୍ର ମାନଙ୍କୁ ମାଡ଼ ମାରିବା ଅଭିଯୋଗ କୁ ଭିତ୍ତି କରି ପ୍ରଶାସନିକ ଅଧିକାରୀ ଜିଲ୍ଲାପାଳ ଛାତ୍ର ମାନଙ୍କୁ ନ୍ୟାୟ ଦେବାସହ ଏହି ଦୁଇ ଜଣଙ୍କୁ ନିଲମ୍ବନ ସହ ସରକାର ଙ୍କ ନିୟମ ଅନୁସାରେ ଦଣ୍ଡିତ ହେବ କେବେ ତାକୁ ନେଇ ଅପେକ୍ଷା ।

# ଓୟୁଜେ ଖୋର୍ଦ୍ଧା ଜିଲ୍ଲା ସାମ୍ବାଦିକ ୟୁନିଅନ ପକ୍ଷରୁ ସାଧାରଣ ପରିଷଦ ବୈଠକ

ଖୋର୍ଦ୍ଧା,୯।୨:(ମନ୍ଥନ)ଖୋର୍ଦ୍ଧା ଜିଲ୍ଲା ବେଗୁନିଆ। ବ୍ଲକ ଅନ୍ତର୍ଗତ ଗଡମାଣତିର ସ୍ଥିତ ମା ରାମଚଣ୍ଡୀଙ୍କ ପବିତ୍ର ପୀଠରେ ଖୋର୍ଦ୍ଧା ଜିଲ୍ଲା ସାମ୍ବାଦିକ ୟୁନିଅନର ସାଧାରଣ ପରିଷଦ ବୈଠକ ଓ ବନ୍ଧୁ ମିଳନ କାର୍ଯ୍ୟ କ୍ରମ ମହ । ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ତପନ କୁମାର ନାୟକ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ରାଜ୍ୟ ସମ୍ପାଦକ ପ୍ରସନ୍ନ କୁମାର ପାଇକରା ।ଯୋଗଦେଇ ଜିଲ୍ଲା ସଂଗଠନର କାର୍ଯ୍ୟ ପନ୍ଥା ସମ୍ପର୍କରେ ପରାମର୍ଶ ଦେଇଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ଲୋହିତ ନାରାୟଣ ମହାପାତ୍ର ସଂପାଦକୀୟ ବିବରଣୀ ପାଠ କରିଥିବାବେଳେ ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ସୁଶାନ୍ତ କୁମାର ବିଶ୍ୱାଳ, ଜିଲ୍ଲା ଉପସଭାପତି ସୟଦ ଅନସର୍ ଅଲ୍ଲୀ , ବେଗୁନିଆ। ବ୍ଲକ ସମ୍ପାଦକ ଚନ୍ଦନ କୁମାର ସୁନ୍ଦରାୟ,ଜଟଣୀ ବ୍ଲକ ସମ୍ପାଦକ ଶ୍ରୀକାନ୍ତ ପ୍ରଧାନ,ଟାଙ୍ଗୀ ବ୍ଲକ ସମ୍ପାଦକ ହିମାଂଶୁ ଭୁଷଣ ଚମ୍ପତିରାୟ ନିଜ ନିଜ ବ୍ୟକ୍ତବ୍ୟରେ ସଂଗଠନକୁ ପୂର୍ବାପେକ୍ଷା କିଭଳି ଆହୁରି ମଜଭୁତ କରାଯାଇ ପାରିବ ସେ ସମ୍ପର୍କରେ ଉଦବୋଧନ ଦେଇଥିଲେ । ପ୍ରାରମ୍ଭରେ ଖୋର୍ଦ୍ଧା ବ୍ଲକ ସମ୍ପାଦକ ରାଜେଶ ଚନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଧାନ କରିଥିବାବେଳେ ପରିଶେଷରେ ବେଗୁନିଆ। ବ୍ଲକ ସମ୍ପାଦକ ଶ୍ରୀ ଚନ୍ଦନ ସୁନ୍ଦରାୟ ଧନ୍ୟବାଦ୍ ଅର୍ପଣ କରିଥିଲେ ।ଏହି ବୈଠକ ଓ ବନ୍ଧୁମିଳନ କାର୍ଯ୍ୟ କ୍ରମରେ ଅଶୋକ ପଟ୍ଟନାୟକ, ରାଜେନ୍ଦ୍ର ପ୍ରସାଦ ନାୟକ, ସତ୍ୟ ନାରାୟଣ ସାମନ୍ତରାୟ, ସନ୍ଦୀପ କୁମାର ବର୍ମନ୍, ରମେଶ ସାମନ୍ତରାୟ, ଅଜିତ ମିଶ୍ର, ସେକ୍ ଅନ୍ୱର୍ ଅଲ୍ଲୀ, ତ୍ରିଲୋଚନ ବାଘସିଙ୍ଗ, ସିଦ୍ଧାର୍ଥ ମହାନ୍ତି, ପ୍ରକାଶ ପଟ୍ଟନାୟକ, ସୁଭଲକ୍ଷ୍ମୀ ସାମନ୍ତରା, ମହମ୍ମଦ ଫଜଲୁର୍ ରହମନ୍ ଏବଂ ନୂତନ ସଦସ୍ୟ ରୂପେ ସଞ୍ଜୟ କୁମାର ଦାସ, ଶ୍ୟାମ ସୁନ୍ଦର ପଟ୍ଟନାୟକ ଯୋଗଦେଇଥିଲେ ।



# ଗଞ୍ଜାମ ପୁଲିସ ଜିଲ୍ଲାରେ ହୋମଗାର୍ଡ ପରୀକ୍ଷା

ଛତ୍ରପୁର, ୯।୨:(ମନ୍ଥନ) ଗଞ୍ଜାମ ପୁଲିସ ଜିଲ୍ଲାରେ ହୋମଗାର୍ଡ ପରୀକ୍ଷା ଜୋରଦାର ଚ଼ଲିଛି । ବିଭିନ୍ନ କ୍ଷେତ୍ରରେ ୧୩୫ ଟି ପଦବୀ ରହିଥିବା ବେଳେ ୧୫୨୫ ଜଣ ପରୀକ୍ଷା ପାଇଁ ଉତୀର୍ଣ୍ଣ ହୋଇଛନ୍ତି ।ପୂର୍ବରୁ କିଛି ଜଣଙ୍କ ପରୀକ୍ଷା ସରିଥିବା ବେଳେ ବାକି ପରୀକ୍ଷାର୍ଥୀଙ୍କ ପାଇଁ ଇନଟେରିଭ୍ୟୁ ଚ଼ଲିଛି ଯ ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ର ଅଧକ୍ଷାତରେ ସମସ୍ତ ପ୍ରକାର ପରୀକ୍ଷା ପରିଚ଼ଳିତ ହେଉଥିବା ବେଳେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଚିନ୍ମୟ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧନାରେ ପରୀକ୍ଷାର୍ଥୀମାନଙ୍କ ବିଭିନ୍ନ କ୍ଷେତ୍ରରେ ତଦାରଖ କରୁଛନ୍ତି । ସେହିପରି ମେମ୍ବର-୧ ଭାବରେ ହୋମଗାର୍ଡ ଡିଏସ୍ପି କାଳୁଚରଣ ବେହେରା, ମେମ୍ବର-୨ ଆରକ୍ଷୀ ନୀରିକ୍ଷକ ବିକାଶ



ସେନାପତି ଏବଂ ଆସିଷ୍ଟାଂଟ ଅଗ୍ନିଶମ ଅଧିକାରୀ ଧନଞ୍ଜୟ ମଲ୍ଲିକ ପରୀକ୍ଷାର୍ଥୀମାନଙ୍କ ବିଭିନ୍ନ ପରୀକ୍ଷାକୁ ତଦାରଖ କରୁଛନ୍ତି । ୨୩୦ ଜଣ ସାଧାରଣ ବର୍ଗ ପରୀକ୍ଷାର୍ଥୀଙ୍କ ଲମ୍ବାଡିଅାଁ, ୨୦୦ ମିଟର ଦୌଡ ହୋଇଯାଇଛି ।ସୋମବାର ସାମୁଦ୍ରିକ ଥାନାରେ ୧୫ ଟି ପଦବୀ ପାଇଁ ଗୌରୀଶଙ୍କର ମନ୍ଦିର ସ୍ଥିତ ଲାଇନବନ୍ଧରେ ୮୮ ଜଣଙ୍କ ପହଁରା ପରୀକ୍ଷା ହୋଇଥିଲା । ସେହିପରି କାଲାମ ଶିକ୍ଷାନୁଷ୍ଠାନରେ କମ୍ପ୍ୟୁଟର ପରୀକ୍ଷା, ଡ୍ରାଇଭିଂ, ରୋଷେୟା, ଇଲେକ୍ଟ୍ରିସିଆନ୍, ପ୍ଲମ୍ବର ଆଦି ପଦବୀ ପାଇଁ ପରୀକ୍ଷାର୍ଥୀଙ୍କ ପରୀକ୍ଷା ରହିଥିବା ସୂଚନା ମିଳିଛି ।ଏହି ଅବସର ରେ ଛତ୍ରପୁର ଏସ୍ଡିପିଓ ଚନ୍ଦନ କୁମାର ଘଡ଼ାଇ ଓ ଛତ୍ରପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ଙ୍କ ସମେତ ବହୁ ପୋଲିସ ଅଧିକାରୀ ମାନେ ମଧ ଉପସ୍ଥିତ ଥିଲେ ।

# ଗଞ୍ଜାମରେ ବୃଦ୍ଧି ପାଉଛି ଦୁର୍ଘଟଣା

ଛତ୍ରପୁର,୯।୨:(ମନ୍ଥନ) ଗଞ୍ଜାମ ଜିଲ୍ଲା ରେ ସଡକ ଦୁର୍ଘଟଣାରେ ମୃତ୍ୟୁ ହାର ଥମିବାରେ ନାମନେଉନାହିଁ ।ରାତି ପାହିଲେ କେଉଁଠି ନା କେଉଁଠି ସଡକ ଦୃର୍ଘଟଣାର ଖବର ଶୁଣିବାକୁ ମିଳୁଛି । ଏପରିକି ଗଞ୍ଜାମ ଜିଲ୍ଲା ଭାରତର ସର୍ବାଧରକ ଦୁର୍ଘଟଣା ପ୍ରବଣ ୧୦୦ଟି ଜିଲା ମଧ୍ୟରେ ଅନ୍ତର୍ଭୁକ୍ତ । ଜିଲାରେ ଦୈନିକ ସଡକ ଦୃର୍ଘଟଣା ଅଧିକ ହେଉଥିବାରୁ ଜିଲାପ୍ରଶାସନ ଉଦବେଗ ପ୍ରକାଶ କରିଛି । ତେଣୁ ସଡକ ସୁରକ୍ଷା ନିୟମ ମାନିବାକୁ ନିବେଦନ କରାଯାଇଛନ୍ତି ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ । ଏହାସହ ଗଞ୍ଜାମ ଜିଲାର ସମସ୍ତ କର୍ମଚ଼ରୀ ସଡକ ସୁରକ୍ଷା ନିୟମର କୋଠର ପାଳନ କରିବାକୁ ଜିଲ୍ଲାପାଳ ଗାଇଡ ଲାଇନ ଜାରି କରିଛନ୍ତି। ନିୟମ ନମାନିଲେ ମୋଟର ଯାନ ଆଇନ ଅନୁସାରେ ଜରିମନା,ଦଣ୍ଡ,ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ଓ ଅନ୍ୟାନ୍ୟ ବୈଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।ସମସ୍ତ ବିଭାଗ ମୁଖ୍ୟମାନେ ନିଜନିଜ କାର୍ଯ୍ୟାଳୟ ପରିସରରେ ଉକ୍ତ ନିର୍ଦ୍ଦେଶାବଳୀକୁ କଠୋରତାର ସହ ପାଳନ କରିବେ । ପ୍ରବେଶପଥ ଦ୍ୱାର ଏବଂ ପାର୍କିଂ ସ୍ଥଳୀର ସିସିଟିଭି ରେକର୍ଡିଂ ଗୁଡ଼ିକ ଜିଲା ଦଳମାନଙ୍କ ଦ୍ୱାରା ସତ୍ୟାପନ ପାଇଁ ସଂରକ୍ଷିତ ରଖିବେ । ଗାଇଡ ଲାଇନ ଜାରି କରାଯିବା ପରେ ଆଜି ବିଭିନ୍ନ ବିଭାଗ ର କାର୍ଯ୍ୟାଳୟର କିଛି କର୍ମଚ଼ରୀ ନିୟମ ମାନିଥିବା ବେଳେ କିଛି ଜଣ ନିୟମ କୁ (ଫୁ କରିଥିବା) ମାନୁନଥିବା ଦେଖିବାକୁ ମିଳିଛି । ପରିବହନ ବିଭାଗ ଓ ପୁଲିସ ମଧ ଦୃର୍ଘଟଣା ନିୟନ୍ତ୍ରେ କରିବା ଲାଗି କାମ କରୁଛନ୍ତି । ଏପରିକି ସଚେତନତା ଓ ସଡକ ସୁରକ୍ଷା ମାସ ପାଳନ ହେଉଛି । ଏହିସବୁ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି,ତଥାପି ଦୃର୍ଘଟଣା ହ୍ରାସ ହେବାରେ ନାମ ଦେଉନାହିଁ । ଗଞ୍ଜାମ ଜିଲାରେ ୮ ବର୍ଷ ମଧ୍ୟରେ ୬୧୭୨ଟି ସଡକ ଦୃର୍ଘଟଣା ଘଟିଥିବା ବେଳେ ୩୨୦୮ଜଣଙ୍କ ମୃତ୍ୟୁ ହୋଇଛି । ଏପରିକି ୨୦୨୪ ବର୍ଷ ତୁଳନାରେ ୨୦୨୫ ବର୍ଷରେ ଅଧିକ ମାତ୍ରରେ ସଡକ ଦୃର୍ଘଟଣା ହୋଇଥିବା ବେଳେ ଅଧିକ ମୃତ୍ୟୁ ମଧ ହୋଇଛି । ୨୦୨୪ ବର୍ଷରେ ୮୧୮ଟି ସଡକ ଦୃର୍ଘଟଣା ଘଟି ୩୯୧ ଜଣଙ୍କ ମୃତ୍ୟୁହୋଇଥିବା ବେଳେ ସେହିତୁଳନାରେ ୨୦୨୫ରେ ୯୨୫ଟି ସଡକ ଦୃର୍ଘଟଣା ଘଟି ୪୬୮ଜଣଙ୍କ ମୃତ୍ୟୁ ହୋଇଛି ।ଗଞ୍ଜାମ ପୁଲିସ ଜିଲାରେ ୬୧୮ଟି ସଡକ ଦୃର୍ଘଟଣା ଘଟିଥିବା ୩୧୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ସେହିପରି ବ୍ରହ୍ମପୁର ପୁଲିସ ଜିଲାରେ ୩୦୪ଟି ସଡକ ଦୃର୍ଘଟଣା ଘଟି ୧୫୫ ଜଣଙ୍କ ଦେହାନ୍ତ ହୋଇଛି । ବ୍ରହ୍ମପୁର ଟ୍ରାଫିକ ଥାନା ଅଧିନରେ ସର୍ବାଧିକ ୭୪ଟି ସଡକ ଦୃର୍ଘଟଣା ଘଟିଥିବା ବେଳେ ୨୦ ଜଣଙ୍କ ମୃତ୍ୟୁ ହୋଇଛି । ବ୍ରହ୍ମପୁର ସଦର ଥାନା ଅଧିନରେ ୫୦ଟି ସଡକ ଦୃର୍ଘଟଣା ଘଟି ୩୨ଜଣଙ୍କ ମୃତ୍ୟୁ ହୋଇଛି, ଦିଗପହଣ୍ଡି ଥାନା ଅଧିନରେ ୪୬ଟି ସଡକ ଦୃର୍ଘଟଣା ଘଟି ୩୨ଜଣଙ୍କ ମୃତ୍ୟୁ ହୋଇଛି । ଖଲ୍ଲିକୋଟ ଥାନା ଅଧିନରେ ୬୦ଟି ଦୃର୍ଘଟଣା ଘଟି ୨୭ ଜଣଙ୍କ ମୃତ୍ୟୁ ହୋଇଛି । ୨୦୧୮ରେ ୭୩୮ ଟି ସଡକ ଦୁର୍ଘଟଣା ଘଟିଥିବା ବେଳେ ୩୮୯ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ୪୮୯ ଜଣ ଗୁରୁତର ଆହାତ ହୋଇଥିଲେ ଯ ୨୦୧୯ ବର୍ଷରେ ୭୩୩ ଟି ସଡକ ଦୃର୍ଘଟଣା ହୋଇଥିବା ବେଳେ ୩୮୫ ଜଣଙ୍କ ମୃତ୍ୟୁ ହୋଇଥିଲା । ୨୦୨୦ ରେ ୬୧୬ ଟି ସଡକ ଦୃର୍ଘଟଣା ହୋଇଥିବା ବେଳେ ୩୬୩ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ୨୦୨୧ରେ ଜିଲାରେ ୭୩୪ଟି ଦୃର୍ଘଟଣା ହୋଇଥିବା ବେଳେ ୩୭୭ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୫୮୦ ଜଣ ଆହାତ ହୋଇଥିଲେ । ୨୦୨୨ ବର୍ଷରେ ୮୩୧ଟି ଦୃର୍ଘଟଣା ହୋଇଥିବା ବେଳେ ୪୧୪ ଜଣ ମୃତ୍ୟୁ ହୋଇଥିବା ବେଳେ ୬୩୦ ଜଣ ଆହାତ ହୋଇଛନ୍ତି, ୨୦୨୩ ବର୍ଷରେ ୭୭୭ଟି ସଡକ ଦୃର୍ଘଟଣା ରେ ୪୨୦ଜଣଙ୍କ ମୃତ୍ୟୁ ହୋଇଛି ।

## ଭାରତୀୟ ବୃହତ ବନ୍ଦର କବାଡି ପ୍ରତିଯୋଗିତା ଉଦଯାପିତ

ପାରାଦୀପ,୯।୨:(ମନ୍ଥନ)ବୃହତ ବନ୍ଦର କ୍ରୀଡା ନିୟନ୍ତ୍ରଣ ବୋର୍ଡ ତତ୍ତ୍ୱାବଧାନରେ ପାରାଦୀପ ବନ୍ଦର ବିଜୁ କନଭେନସନ ସେଣ୍ଟର ଠାରେ ଚ଼ଲିଥିବା ୪୧ତମ ସର୍ବ ଭାରତୀୟ ବୃହତ ବନ୍ଦର କବାଡି ପ୍ରତିଯୋଗିତା ୨୦୨୫-୨୬ ରବିବାର ଦିନ ସଫଳତାର ସହ ଉଦଯାପିତ ହୋଇଯାଇଛି । ତିନିଦିନ ଧରି ଚ଼ଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ସାରା ଦେଶର ପ୍ରମୁଖ ବନ୍ଦର ର କ୍ରୀଡ଼ାବିତ ମାନେ ପ୍ରତିନିଧିତ୍ୱ କରୁଥିବା ସାତୋଟି ଦଳ ମଧ୍ୟରେ ଉତ୍ସାହଜନକ ପ୍ରତିଯୋଗିତା ଦେଖିବାକୁ ମିଳିଥିଲାୟ ଖେଳାଳୀମାନେ ମ୍ୟାଚ୍ ଗୁଡ଼ିକରେ ଅସାଧାରଣ ଦକ୍ଷତା, ଦଳଗତ କାର୍ଯ୍ୟ ଏବଂ କ୍ରୀଡା ମନୋଭାବ ପ୍ରଦର୍ଶନ କରିଥିଲେ।ଏକ ଆକର୍ଷଣୀୟ ଫାଇନାଲରେ ଜବାହରଲାଲ ନେହେରୁ ବନ୍ଦର ପ୍ରାଧିକରଣ ଚମ୍ପିଅନ୍ ହୋଇଥିବା ବେଳେ ଚେନାଇ ବନ୍ଦର ପ୍ରାଧିକରଣ ରନର୍ସ ଅପ୍ ହୋଇଥିଲା ।ସେହିପରି ପାରାଦୀପ ବନ୍ଦର ଏବଂ ମୁମ୍ବାଇ ବନ୍ଦର ମିଳିତ ଭାବରେ ଦ୍ୱିତୀୟ ରନର୍ସ ଅପ୍ ସ୍ଥାନ ହାସଲ କରିଥିଲେ ।

# ଅରଭାନୀ ସମୟର ସ୍ୱନକ୍ଷତ୍ର ଓ ସମ୍ବର୍ଦ୍ଧନା

ଭୁବନେଶ୍ୱର,୯।୨:(ମନ୍ଥନ)ମାତୃଭାଷା ଗୋଟିଏ ଜାତିର ଗର୍ବ ଓ ଗୌରବ। ଭାଷାଟିଏ ଗୋଟିଏ ଜାତିର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ଉଜ୍ଜ୍ୱଳିତ କରେ। ଗୋଟିଏ ଦେଶର କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା, ଚାଲିଚଳନ, ଓ ଜୀବନ୍ତ ଚଳନଶକ୍ତି ଥାଏ ତା'ର ଭାଷାରେ। ଭବିଷ୍ୟତର ପିଢ଼ିଙ୍କ ପାଇଁ ଭାଷା ଏକ ପଥପ୍ରଦର୍ଶକ। ସଂପାଦକ ରମେଶ କୁମାର ମହାପାତ୍ର ଓଡ଼ିଆ ବର୍ଣ୍ଣମାଳାର ଶୁଦ୍ଧ ପ୍ରୟୋଗ ସହିତ ବିଭିନ୍ନ ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧମରେ ଖବର ସଠିକ୍ ଭାବେ ଓ ଶୁଦ୍ଧ ଭାବେ ପ୍ରକାଶିତ ହେଉ ବୋଲି ମତପ୍ରକାଶ କରିଥିଲେ।ବର୍ଣ୍ଣ ବ୍ୟବହାରରେ ବ୍ୟତିକ୍ରମ ଦେଖାଦେଲେ ଭାଷା ବିକୃତି ଲାଭ କରିଥାଏ। ଓଡ଼ିଆ ବର୍ଣ୍ଣମାଳାର ପ୍ରତ୍ୟେକ ବର୍ଗର ପ ମ ତଥା ଅନୁନାସିକ ବର୍ଣ୍ଣ ସହ ଉକ୍ତ ବର୍ଗର ପ୍ରତ୍ୟେକ ବର୍ଣ୍ଣ ଯୁକ୍ତ କରି ଯେଉଁ ଯୁକ୍ତାକ୍ଷର ସୃଷ୍ଟି ହେଉଛି ଅଧୁନା ଅନୁସ୍ୱାର ପ୍ରୟୋଗ କରି ସେହି ଯୁକ୍ତାକ୍ଷରର ବିକୃତି କରାଯାଉଛି। ଏହା ଓଡ଼ିଆ ଭାଷା ପ୍ରତି ଶୁଭଙ୍କର ନୁହେଁ ଏବଂ ଏଥିପାଇଁ ଓଡ଼ିଆ ଭାଷାପ୍ରାଣ ବୋଲାଉଥିବା ତଥାକଥିତ ପଣ୍ଡିତମାନେ ଦାୟୀବୋଲି ଭୁବନେଶ୍ୱରରୁ ପ୍ରକାଶିତ ଓଡ଼ିଆ ପାକ୍ଷିକ ଖବରକାଗଜ ଅରଭାନୀ ସମୟର ବିଂଶ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ମୁଖ୍ୟଅତିଥି ସାହିତ୍ୟିକ, ଓଡ଼ିଆ ଭାଷାବିଦ୍ ତଥା ଓଡ଼ିଆ ଭାଷା ଗବେଷକ ଡ. ଦେବାଶିଷ ମହାପାତ୍ର ଏହି ପ୍ରସଙ୍ଗରେ ନିଜର ମତ ରଖିଥିଲେ। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ସୁଶ୍ରୀ ମଞ୍ଜୁଳା ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗାଳ୍ପିକା ତଥା ଶିଳାଶ୍ରୀ ସମ୍ପାଦିକା ଶ୍ରୀମତୀ ବାସନ୍ତୀ ଦାସ, ସାହିତ୍ୟିକା, ସମାଜସେବୀକା ତଥା ପ୍ରଧାନ ଶିକ୍ଷୟିତ୍ରୀ ଡ. ବସୁମତୀ ଶତପଥୀ ପ୍ରମୁଖ ସମ୍ମାନିତ ଅତିଥିମାନେ ଓଡ଼ିଆ ଭାଷାର ସୁରକ୍ଷା ଓ ଏହାର ମହତ୍ୱ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ବରିଷ୍ଠ କବି ତଥା ସମାଜସେବୀ କାମଦେବ ମହାପାତ୍ର ଓ କବି ପ୍ରିୟ ରଂଜନ ସାହୁଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ଆୟୋଜିତ କବିତା ଆସରକୁ ଲେଖିକା ଶୁଭଶ୍ରୀ ପଟ୍ଟନାୟକ, ସୌଦାମିନୀ ତ୍ରିପାଠୀ ଓ ନିରୁପମା ରାୟ ପ୍ରମୁଖ ସଂଚାଳନ କରିଥିବାବେଳେ ଓଡ଼ିଆ ଭାଷା କ୍ଷେତ୍ରରେ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ, ସଶକ୍ତ ଓଡ଼ିଶା ଆବାହକ ବିଜୟ ପ୍ରଧାନ ସହଯୋଗର ହସ୍ତ ବଢ଼ାଇଥିଲେ। ନାରାୟଣ ଖୁଁଆ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ମାଲକାନଗିରିର ବାର୍ଷିକ ଉତ୍ସବ

ମାଲକାନଗିରି, ୯।୨:(ମନ୍ଥନ)ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ମାଲକାନଗିରିର ବାର୍ଷିକ ଉତ୍ସବ ବିଦ୍ୟାଳୟ ର ଅଧକ୍ଷ ଡ଼ କୈଳାଶ ମୀନାଙ୍କ ଅଧକ୍ଷତାରେ ଅତ୍ୟନ୍ତ ଉତ୍ସାହ ଓ ସାଂସ୍କୃତିକ ପରିବେଶ ରେ ପାଳିତ ହେଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଓ ବିଦ୍ୟାଳୟ ପରିଚ଼ଳନା ସମିତି ର ଅଧକ୍ଷ ସୋମେଶ କୁମାର ଉପାଧ୍ୟାୟ ଉପସ୍ଥିତ ଥିଲେ । ଏହି ଅବସରରେ ବିଦ୍ୟାଳୟ ପରିଚ଼ଳନା ସମତି ର ସଦସ୍ୟମାନେ ମାଲକାନଗିରି ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ଟି ପି ଏସ ଓ ଡି ଏଲ ର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଆଶିଷ କୁମାର ଜେନା, ମାଲକାନଗିରି ମହିଳା ଉଚ୍ଚ ବିଦ୍ୟାଳୟ ର ଅଧକ୍ଷ ଦୁଷ୍ମନ୍ତ କୁମାର ଜେନା, ମାଲକାନଗିରି ମହାବିଦ୍ୟାଳୟ ର ବାଣିଜ୍ୟ ବିଭାଗ ମୁଖ୍ୟ ଡ଼. ରଞ୍ଜନ କୁମାର ସ୍ୱାଇଁ, ମାଣିକ ଲାଲ ଚକ୍ରବର୍ତ୍ତୀ, କ୍ରିଷ୍ଣା ମିର୍ଦ୍ଧା ଏବଂ ଲିଲି ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଏହି ଅବସରରେ ବିଦ୍ୟାଳୟ ପରିଚ଼ଳନା ସମିତି ର ଅଧକ୍ଷ ଏବଂ ସଦସ୍ୟ ମାନଙ୍କୁ ସମ୍ମାନିତ କରାଯାଇଥିଲା କ୍ଷବିଦ୍ୟାଳୟ ର ଅଧକ୍ଷ ବିଦ୍ୟାଳୟ ର ବାର୍ଷିକ ବିବରଣୀ ପାଠ କରିଥିଲେ ଏବଂ ଛାତ୍ରଛାତ୍ରୀ ତଥା ଶିକ୍ଷକ ଙ୍କ ବିଭିନ୍ନ ଉପଲବ୍ଧି ବିଷୟରେ ଅଭିଭାବକମାନଙ୍କୁ ଅବଗତ କରାଇଥିଲେ । ବିଦ୍ୟାଳୟର ବିଭିନ୍ନ ଶିକ୍ଷାତ୍ମକ, ସହପାଠ୍ୟକ୍ରମୀୟ ଓ କ୍ରୀଡା ସାଧନା ସମ୍ପର୍କରେ ବିସ୍ତୃତ ବିବରଣୀ ପାଠ କରିଥିଲେ ।ସେ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକମାନଙ୍କର ସଂଯୁକ୍ତ ପ୍ରୟାସକୁ ପ୍ରଶଂସା କରିଥିଲେ । ଏହି ବାର୍ଷିକ ଉତ୍ସବ ବିଦ୍ୟାଳୟର ସମଗ୍ର ଉନ୍ନତି ଓ ଉତ୍କୃଷ୍ଟତାର ପ୍ରତିବିମ୍ବ ଥିଲା । କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ର ବିଦ୍ୟାଞ୍ଜଳି ଯୋଜନା ରେ ଅଭିଭାବକ ଙ୍କ ଦ୍ୱାରା ବିଦ୍ୟାଳୟ ର ଉନ୍ନତି ପାଇଁ ବିଭିନ୍ନ ଅବଦାନ ପାଇଁ ଡ଼ ମୀନା କୃତଜ୍ଞତା ଜ୍ଞାପନ କରିଥିଲେ । ଜିଲ୍ଲକ୍ଷପାଳ ଶ୍ରୀ ଉପାଧ୍ୟାୟ ନିଜ ଛାତ୍ର ଜୀବନ ର ଅନୁଭୂତି ବର୍ଣ୍ଣନା କରିଥିଲେ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ର ଛାତ୍ରଙ୍କ ଦ୍ୱାରା ଡ୍ରୋନ୍ ଚ଼ଳନା ପ୍ରଦର୍ଶନ ର ପ୍ରଶଂସା କରିଥିଲେ । ଏହି ଅବସରରେ ବିଦ୍ୟାଳୟ ବୋର୍ଡ ପରୀକ୍ଷା ସର୍ବାଧିକ ଅଙ୍କ ରଖିଥିବା ଛାତ୍ରଛାତ୍ରୀ ତଥା ବିଭିନ୍ନ ପ୍ରତିଯୋଗିତା ରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟ ର ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଦ୍ୟାଳୟ ର ଶିକ୍ଷକ ଭି. ଅଶୋକ କୁମାର, ଅମିତ ଦାସ, ଆଦିତ୍ୟ ରାୟ, ମୋହନଲାଲ, କୁମାରୀ ସୃଷ୍ଟି ମଞ୍ଚ ପରିଚ଼ଳନା କରିଥିଲେ ଏବଂ ଲିଟୁ ନାୟକ ଫୋଟୋଗ୍ରାଫି କରିଥିଲେ । ବିଦ୍ୟାଳୟ ର ଅନ୍ୟାନ୍ୟ ଶିକ୍ଷକ ବୃନ୍ଦ ରାମବୀର ସିଂ, ଆଶିଷ କୁମାର , ଆର୍ତ୍ତତ୍ରାଣ ମହାକୁଡ଼, ଏବଂ ଅନ୍ୟ ମାନେ ଏଥିରେ ସହଯୋଗ କରିଥିଲେ ।



# ଇନ୍ଦ୍ରମଣୀ ରାଉତଙ୍କୁ ଶ୍ରାଦ୍ଧ ବାର୍ଷିକରେ ଶ୍ରଦ୍ଧାଞ୍ଜଳୀ

କେନ୍ଦ୍ରାପଡ଼ା,୯।୨:(ମନ୍ଥନ)ଆଦର୍ଶ ଶିକ୍ଷକ, ଦରଦୀ ମଣିଷ ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ଇନ୍ଦ୍ରମଣୀ ରାଉତଙ୍କ ବିଂଶତମ ଶ୍ରାଦ୍ଧବାର୍ଷିକୀ ଜିଲ୍ଲା ପ୍ରତିଭା ପୂଜା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଅମର ଉଦ୍ୟାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସଂସଦ ସଭାପତି ପ୍ରଦୀପ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା ଓ ଅଲେଖ କୁମାର ଜେନା, ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଲିତା ଦାସ, ଜିଲ୍ଲା ବିଜେଡି ସଭାପତି ଶିବ ପ୍ରସାଦ ଭଳ, ସିପିଏମ୍ ନେତା ତଥା ଆଇନ୍‌ଜୀବୀ ଆଶୀଷ ସେନାପତି ପ୍ରମୁଖ ଯୋଗଦେଇ ପ୍ରାକ୍ତନ ବିଧାୟକ ସ୍ୱର୍ଗତ ରାଉତଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏଥିସହ ଅତିଥିମାନେ ସ୍ୱର୍ଗତ ରାଉତ ବିଧାୟକ ଥିବା ବେଳେ ଖାଲି କେନ୍ଦ୍ରାପଡା ନୁହେଁ ସମଗ୍ର ଜିଲ୍ଲାରେ କିଭଳି ଭାବେ ସାମୁହିକ କାର୍ଯ୍ୟ ସବୁ କରିଥିଲେ ତାହା ବର୍ଣ୍ଣନା କରିଥିଲେ। ପ୍ରାରମ୍ଭରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯିବା ପରେ ଗରଦପୁରର ବଟକୃଷ୍ଣ ପାଢି ଏକ କବିତା ପାଠ କରିଥିଲେ। ପ୍ରଫୁଲ୍ଲ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଂଯୋଜକ ମୁକ୍ତାର ଖାଁ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରୁ ତାଙ୍କୁ ଭଲ ପାଉଥିବା ବ୍ୟକ୍ତି ବିଶେଷ ଯୋଗଦେଇ ତାଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ତାଙ୍କ ସ୍ମୃତିରେ ଯୁବ ଶିକ୍ଷାବିତ୍ ଅମ୍ରିନ୍ ସାହଦତ୍‌କୁ ଚଳିତ ବର୍ଷ ଇନ୍ଦ୍ରମଣୀ ରାଉତ ସ୍ମାରକୀ ସମ୍ମାନ-୨୦୨୬ ପ୍ରଦାନ କରାଯାଇଥିଲା। ଗରାପୁରସ୍ଥିତ ରେସଓ୍ୱା ପରିଚାଳିତ ଶକ୍ତିସଦନର ଅନ୍ତେବାସୀମାନଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଯୁବନେତା ରାଜେଶ ପଣ୍ଡା, ପ୍ରଦୀପ୍ତ ମହାନ୍ତି, ସମବାୟବୀତ ପ୍ରମୋଦ ମହାପାତ୍ର, କମଳାକାନ୍ତ ବେହେରା, ନାରାୟଣ ସାହୁ, ଗୋଲଖ ପଢିଆରୀ, ଶରତ କୁମାର ବେଉରା, ରମାକାନ୍ତ ଦାସ, ସାମ୍ବାଦିକ ପରେଶ ଦାସ ଓ ଚିତ୍ତରଞ୍ଜନ ଦାସ, କବି ଅବନ୍ତୀ ବେହେରା, ଆଡଭୋକେଟ୍ ଅକ୍ଷୟ କୁମାର ମହାନ୍ତି, ଜଗତ୍‌ଜୀବନ ଦାଶ, ଆଦିକନ୍ଦ ରାଉଳ, ସମାଜସେବୀ ଦେବେନ୍ଦ୍ର ଦାସ (ମଣ୍ଟୁ), ଆଲୋକ ସାହୁ, ସହର କଂଗ୍ରେସ ସଭାପତି ଦିଲ୍ଲୀପ ପ୍ରଧାନ, ଅଧାପକ ଅଜୟ ସାମଲ, ବୈଷ୍ଣବ ପ୍ରଧାନ, ରଣଧୀର ଜେନା, ଶୈଳବାଳା ସାମଲ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ରାଉତଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଅରୂପାନନ୍ଦ ବିଶ୍ୱାଳଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

ପଟ୍ଟାମୁଣ୍ଡାଇ,୯।୨:(ମନ୍ଥନ)ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ କୋଲଥିଆ। ସରକାରୀ ପ୍ରକଳ୍ପ ଉପ୍ରା ବିଦ୍ୟାଳୟ ରେ ଶିକ୍ଷକ ଅରୂପାନନ୍ଦ ବିଶ୍ୱାଳ ଙ୍କ ଅବସରକାଳୀନ ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟତ୍ରୀ ଅର୍ଚ୍ଚନା ସାମଲ ଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଭ୍ରମରବର ବିଶ୍ୱାଳ,ମୁଖ୍ୟ ବକ୍ତା ସଚିତ୍ର ବେହୁରା,ସଂମ୍ମାନିତ ଅତିଥି ଭାବେ ପୂର୍ବତନ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ସାମନ୍ତରାୟ,ସନାତନ ତରାଇ, ଚନ୍ଦ୍ରଭାନୁ ମଲ୍ଲିକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପେଣ୍ଟପାଳ ପଂଚାୟତ ର ସମିତି ସଭ୍ୟ ଶଶାଙ୍କ ଶେଖର ବିଶ୍ୱାଳ ଓ ପୂର୍ବତନ ସରପଞ୍ଚ ଧନେଶ୍ୱର ପ୍ରଧାନ ଯୋଗ ଦେଇଥିଲେ । କୋଲଥିଆ। ଏକ ବନ୍ୟା ଅଞ୍ଚଳ ହୋଇଥିବାରୁ ଅନ୍ୟ ଶିକ୍ଷକ ମାନେ ଉକ୍ତ ବିଦ୍ୟାଳୟ ରେ ଯୋଗ ଦେବା ପାଇଁ ଚ଼ାହୁଁ ନ ଥିବା ବେଳେ ଅରୂପାନନ୍ଦ ବିଶ୍ୱାଳ ପ୍ରଧାନ ଶିକ୍ଷକ ଭାବେ ବିଶ୍ୱକର୍ମା ସାଜି ବିଦ୍ୟାଳୟ ର ମାନଚିତ୍ର ବଦଳାଇ ଥିଲେ । ସେ ଥିଲେ ଛାତ୍ରବତ୍ସଳ ଆଦର୍ଶ ଶିକ୍ଷକ । ଶିକ୍ଷାଦାନ ସହିତ ବିଦ୍ୟାଳୟ ର ଉନ୍ନତି ପାଇଁ ଅହରହ ଉଦ୍ୟମ ଜାରି ରଖିଥିଲେ । ତାଙ୍କ ଅବସରକାଳୀନ ସଭା ରେ ଅଣରା କ୍ଲଷ୍ଟର ସିଆରସିସି ମନୋଜ ସେଠି ପୂର୍ବତନ ପ୍ରଧାନଶିକ୍ଷକ ତ୍ରିଲୋଚନ ପାତ୍ର, କମିଟି ସଭାପତି ବାବୁରାମ ସେଠି, ଅଳପୁଅ। ନୋଡାଲ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ନାଥଶର୍ମା, ବନ୍ଦେ ମାତରମ ହାଇସ୍କୁଲର ପ୍ରଧାନଶିକ୍ଷକ ଅମୀର ସେଠି, ମାଳତିଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ମଧୁଛନ୍ଦା ନାଥଶର୍ମା, ଦାମୋଦର ପାଟଣା ଉଚ୍ଚପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଚିତ୍ରାନନ୍ଦ ବେହେରା,ନିବେଦିତା ସାମଲ, କ୍ରିଷ୍ଣା ସ୍ୱାଇଁ, ଅର୍ଜୁନ ବିଶ୍ୱାଳ ପ୍ରମୁଖ ବିଭିନ୍ନ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇ ତାଙ୍କ ଗୁଣଗାନ କରିବା ସହିତ ତାଙ୍କୁ ସମ୍ବର୍ଦ୍ଧନା କରିଥିଲେ ।

# କୁଚିଣ୍ଡା ଉପଖଣ୍ଡ ଠିକାଦାର ସଂଘର ନୂତନ କର୍ମକର୍ତ୍ତା ଚୟନ

କୁଚିଣ୍ଡା,୯।୨:(ମନ୍ଥନ)ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସ୍ଥିତ ଫରେଷ୍ଟ ପାର୍କଠାରେ ରବିବାର କୁଚିଣ୍ଡା ଉପଖଣ୍ଡ ସ୍ତରୀୟ ଠିକାଦାର ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅଭିଳାଷ ଅଗ୍ରୱାଲଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ କୁଚିଣ୍ଡା,ବାମରା, ଜମନକିରା ବ୍ଲକ ଓ କୁଚିଣ୍ଡା ଏନଏସିର ଶତାଧିକ ଠିକାଦାର ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବୈଠକରେ ୩କୋଟି ଟଙ୍କା ପର୍ଯ୍ୟନ୍ତ ଟେଣ୍ଡରକୁ ସମ୍ବଲପୁର ଜିଲ୍ଲା ବାହାର ଠିକାଦାରଙ୍କୁ ପୁରାଇ ନ ଦେଇ ବିରୋଧ କରାଯିବା,୦.୧୦ କମ ମୂଲ୍ୟରେ ଟେଣ୍ଡର ପକାଇବା ନିଷ୍ପତ୍ତି ଏବଂ ଅନୁସୂଚିତ ଜାତି ଓ ଜନଜାତି ଠିକାଦାରମାନେ ପ୍ରାଇସ ପ୍ରିଫରେନ୍ସ ମାଗି ପାରିବେ ନାହିଁ ବୋଲି ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା ।ପରେ ସର୍ବସମ୍ମତି କ୍ରମେ ଉପଖଣ୍ଡ ସ୍ତରୀୟ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା ।ସର୍ବସମ୍ମତି କ୍ରମେ ଶୁଶିଳ ନାୟକ ସଭାପତି,ରାଜୀବ ନାୟକ,ନରେଶ ସିଂ ଠାକୁର,ଉମେଶ ମହାନନ୍ଦ ଓ କମଲଜିତ ପଟେଲ ଉପସଭାପତି, ଅଶୋକ ପଟେଲ,ରାଜା ଶର୍ମା, ସମୀର ଅଗ୍ରୱାଲ ଓ ଅତିଶ ଅଗ୍ରୱାଲ ସାଧାରଣ ସମ୍ପାଦକ ଏବଂ ଅମିତ ପ୍ରତାପ ସିଂ କୋଷାଧକ୍ଷ ଭାବେ ମନୋନୀତ ହୋଇଥିଲେ । ସେହିପରି ଉପଦେଷ୍ଟା ଭାବେ ସତ୍ୟ ପ୍ରକାଶ ଅଗ୍ରୱାଲ,ବିକାଶ କୁମାର ନାଏକ,ସଞ୍ଜିତ ଶର୍ମା,କୁନାଲ ଚକ୍ରବର୍ତ୍ତୀ,ମାନସ ଖୁଣ୍ଟିଆ,ରୂପେଶ ଗୁପ୍ତା,ଆୟନ ରାହା,ପ୍ରବଣ ଚୌଧୂରୀ,କ୍ଷମାସାଗର ବେହେରା,ରାଜେଶ ପଟ୍ଟନାୟକ, ସୁରେନ୍ଦ୍ର ମହାନ୍ତି,ନନ୍ଦଲାଲ ରାଏ,ଶରତ ଚନ୍ଦ୍ର ନାଏକ,ସତ୍ୟ ସାହୁ, ସୁଶାନ୍ତ ଦ୍ୱିବେଦୀ ମନୋନୀତ ହୋଇଥିବା ବେଳେ କାର୍ଯ୍ୟକାରୀ କମିଟିକୁ ସାହିଲ ରାଏ, ପ୍ରକାଶରୁଦ୍ର ସିଂ, ବିନୋଦ ବାଘ, ରୋହିତ ଅଗ୍ରୱାଲ,ପୁପୁନ ସିଂ, ସନ୍ତୋଷ ଅଗ୍ରୱାଲ, ପ୍ରବୀଣ ପ୍ରତାପ ସିଂ,ରିତେଶ ରାଏ,ଭେଷଜ ପଟ୍ଟା, ପ୍ରଶାନ୍ତ ସାହୁ,ରାଜେଶ ପଟେଲ, ମନୋଜ ଦେବ,କୁଳମଣି ସହସିଆ,ଅମିତ ଅଗ୍ରୱାଲ, ଚୂଡାମଣି ଜୟପୁରିଆ, ସୋମନାଥ ସାହୁ,ମିଳନ ପଟେଲ,ଦେବଦତ୍ତ ମେହେର, ସନ୍ତୋଷ ବେହେରା, ଗୋବିନ୍ଦ ସାହୁ,ଯୋଗେଶ ଚନ୍ଦ୍ର ନାଏକ,ବିଶାଳ ଅଗ୍ରୱାଲ ପ୍ରମୁଖ ମନୋନୀତ ହୋଇଥିଲେ ।

# ଆଞ୍ଚଳିକ ମନ୍ଥନ

ମଙ୍ଗଳବାର,୧୦,ଫେବୃଆରୀ,୨୦୨୬ Tuesday,10 January 2026, Bhubaneswar





## ପ୍ରିୟାଂଶିଶ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ

ଖଣ୍ଡପଡ଼ା, ୯ ।୨ :(ମନ୍ଥନ)ଖଣ୍ଡପଡ଼ା ବ୍ଲକ ସିଧାମୂଳା ଗ୍ରାମରେ ପ୍ରିୟାଂଶିଶ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ଓଡ଼ଗାଁ ଜ୍ୟୋତି ଇଲେଭେନକୁ ୧ ଓ୍ୱିକେଟରେ ହରାଇ ଖୋର୍ଦ୍ଧା ଏମଟିସି ଋମ୍ପିଆନ ହୋଇଛି । ଗୋକୁଳାନନ୍ଦ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଫାଇନାଲ ମ୍ୟାଚରେ ଓଡ଼ଗାଁ କ୍ରିକେଟ ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଓ୍ୱିକେଟ ହରାଇ ୨୬୭ ରନ କରିଥିଲା । ଜବାବରେ ଖୋର୍ଦ୍ଧା କ୍ରିକେଟ ଟିମ ୧୯.୩ ଓଭରରେ ୯ ଓ୍ୱିକେଟ ହରାଇ ବିଜୟ ଲକ୍ଷ ହାସଲ କରିନେଇଥିଲା । ବିଜୟୀ ଦଳର ଆଶିଷ କୁମାର ଚମ୍ପତିରାୟ ୪୨ ବଲରୁ ୧୩୬ ରନର ଧୂଆଁଧାର ପାଳି ଖେଳିବା ସହିତ ଦଳକୁ ବିଜୟୀ କରାଇଥିଲେ । ଫାଇନାଲ ମ୍ୟାଚକୁ ପ୍ରଭାତ କୁମାର ମହାଳିକ ଓ ବରୁଣ ରାଉଳ ପରିଋଳନା କରିଥିବା ବେଳେ ସ୍କୋରର ଦାୟିତ୍ୱ ଗୌରାଙ୍ଗ ଚରଣ ସେଠୀ ଏବଂ ଭାଷ୍ୟକାର ଭାବେ ଦିନେଶ୍ କୁମାର ମହାଳିକ, ଦୀପକ କୁମାର ନାୟକ ଓ ଦୁର୍ଗାପ୍ରସାଦ ଦାଶ ଦାୟିତ୍ୱ ତୁଲାଇଥିଲେ । ଫାଇନାଲ ମ୍ୟାଚ ଅବସରରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ୫ନଂ ଜିଲ୍ଲା ପରିଷଦ ସଦସ୍ୟ ରାମେଶ୍ୱର ଶତପଥୀ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ନିରଞ୍ଜନ ବେହେରା, ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ଜେନା, ରାକମା ସମିତି ସଭ୍ୟ ବାଳଗୋପାଳ ଷଡଙ୍ଗୀ, ସମାଜସେବୀ ବିଭୁତିଭୂଷଣ ପ୍ରଧାନ, ପୂର୍ବତନ ପ୍ରଧାନଶିକ୍ଷକ ଭରତଚନ୍ଦ୍ର ପ୍ରଧାନ, ପୂର୍ବତନ ଶିକ୍ଷକ ମହେଶ୍ୱର ରଣା, ଅବସରପ୍ରାପ୍ତ ସେନା କର୍ମଋରୀ ସଂସାରୀ ରାଉତ, ଗ୍ରାମ ସଭାପତି ଯୁଗଳ କିଶୋର ନାୟକ, ଏସବିଆଇ ଲାଇଫର ଶାଖା ପ୍ରବନ୍ଧକ ସୁରେଶ ଚନ୍ଦ୍ର ରାଉତ, ଅବସରପ୍ରାପ୍ତ ଶିକ୍ଷକ କୃପାସିନ୍ଧୁ ବେହେରା, ପ୍ରକାଶ ଚନ୍ଦ୍ର ଦଳେଇ, ନିରୋଦ ସ୍ୱାଇଁ, ଯୁବ ଉଦ୍ୟୋକ୍ତା ତଥା ସମାଜସେବୀ ସୁଶାନ୍ତ କୁମାର ମିଶ୍ର ପ୍ରମୁଖ ମଞ୍ଚାସୀନ ରହିଥିଲେ ।

## ମାହାଙ୍ଗାରେ ଶିକ୍ଷକ ପ୍ରଶିକ୍ଷଣରେ ବ୍ୟାପକ ଅବ୍ୟବସ୍ଥା ଅଭିଯୋଗ

ମାହାଙ୍ଗା, ୯ ।୨ :(ମନ୍ଥନ)ଆସନ୍ତା ଶିକ୍ଷାବର୍ଷଠାରୁ ଜାତୀୟ ଶିକ୍ଷା ନୀତି ଏନ୍.ଇ.ପି. ୨୦୨୦ ଅନୁଯାୟୀ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ବିଷୟ ବଦଳି ନୂତନ ଶିଲାବସ୍ ଅନୁସାରେ ପାଠ୍ୟପୁସ୍ତକ ପ୍ରକାଶିତ ହେବାକୁ ଯାଉଛି । ଏହି ପରୀପ୍ରେକ୍ଷୀରେ ମାହାଙ୍ଗା ବ୍ଲକରେ ବ୍ଲକ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ତରଫରୁ ଅର୍ଡର ନମ୍ବର ୪୦୫, ତା.୫.୨.୨୦୨୬ ରିଖରେ ପ୍ରଦାନ କରାଯାଇଥିବା ଚିଠି ଅନୁଯାୟୀ ମାହାଙ୍ଗା ବ୍ଲକର ଜହଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ତା.୬.୨.୨୦୨୬ ରିଖରୁ ତା. ୧୧.୨.୨୦୨୬ ରିଖ ପର୍ଯ୍ୟନ୍ତ ୫୦ ଜଣ ଶିକ୍ଷକଙ୍କୁ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଛି । ହେଲେ ଏହି ତାଲିମ ଶିବିରର ପ୍ରଥମ ଦିନରେ ବିଭିନ୍ନ ଅବ୍ୟବସ୍ଥା ହୋଇଥିବା ଅଭିଯୋଗ ହୋଇଛି । ଶିକ୍ଷକମାନଙ୍କୁ ଭାତ, ଡାଲି ଓ ତରକାରୀ ଖାଇବାକୁ ଦିଆଯାଉଛି । ଏହା ସ୍କୁଲର ମଧାହ୍ନ ଭୋଜନ ଚାଉଳରେ ରନ୍ଧନ କରାଯାଇଥିବା ଚର୍ଚ୍ଚା ହେଉଛି । ସେହିପରି ଟିଏଲଏମ୍ ପ୍ରଶିକ୍ଷଣ ସାମଗ୍ରୀ ବିନା ପ୍ରଶିକ୍ଷଣ ଚାଲିଥିବା ଅଭିଯୋଗ ହୋଇଛି । ଅପରପକ୍ଷରେ ଓସେପା ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ମଧାହ୍ନ ଭୋଜନ ପାଇଁ ୧୦୦ ଟଙ୍କା, ଚାହା ବିସ୍କୁଟ ପାଇଁ ୨୦ ଟଙ୍କା, ଖାତା କଲମ ପାଇଁ ୩୦ ଟଙ୍କା, କଣ୍ଟିଜେନ୍ସି ପାଇଁ ୨୦ ଟଙ୍କା, ଟିଏଲଏମ୍ ପାଇଁ ୩୦ ଟଙ୍କା, ପ୍ରଶିକ୍ଷକମାନଙ୍କ ପାଇଁ ଦୈନିକ ୩୦୦ ଟଙ୍କା, ପ୍ରଶିକ୍ଷାର୍ଥୀମାନଙ୍କ ପାଇଁ ଦୈନିକ ୭୦ ଟଙ୍କା ଅନୁଦାନର ବ୍ୟବସ୍ଥା ଅଛି । ହେଲେ ମାହାଙ୍ଗା ବ୍ଲକରେ ପୂର୍ବରୁ ଥିବା ବ୍ଲକ ଶିକ୍ଷାଅଧିକାରୀ ଯେଉଁଭଳି ଭାବରେ ପ୍ରଶିକ୍ଷଣ ନେଉଥିବା ଶିକ୍ଷକ ଶିକ୍ଷୟତ୍ରୀଙ୍କ ଅର୍ଥକୁ ହଡପ କରୁଥିଲେ ବର୍ତ୍ତମାନ ସେହିପରି ଅବସ୍ଥା ଉପୁଜିଥିବା ଶିକ୍ଷକ ମହଲରେ ଆଲୋଚନା ହେଉଛି । ଦାୟିତ୍ୱରେ ଥିବା ବ୍ଲକ ଶିକ୍ଷାଅଧିକାରୀ ଜଣକ ପ୍ରଶିକ୍ଷଣ ନାମରେ ଆସୁଥିବା ଅର୍ଥକୁ ଠିକ୍ ଭାବରେ ସେଥିରୁ ଅଧା ଅର୍ଥ ହରିଲୁଟ କରିବା ପାଇଁ ମସୁଧା ଚଳାଇଛନ୍ତି । ସାଧାରଣରେ ଦାବି ହେଉଛି ଯେ ପ୍ରଶିକ୍ଷଣ ପାଇଁ ଆସୁଥିବା ଅର୍ଥ ଠିକ୍ ଭାବରେ ବିନିଯୋଗ କରାଯାଉ । ଏନେଇ ବହୁ ଶିକ୍ଷକ ଅସନ୍ତୋଷ ବ୍ୟକ୍ତ କରି ନିଜର ନାମ ଗୋପନ ରଖି ସୂଚନା ଦେଇଛନ୍ତି । ଏପରିକି ରାଜ୍ୟ ସରକାର ସମସ୍ତ ଚିଠିପତ୍ର ଓଡିଆରେ ଲେଖିବା ପାଇଁ ନିର୍ଦ୍ଦେଶ ଦେଇଥିଲା ବେଳେ ବ୍ଲକ ଶିକ୍ଷାଅଧିକାରୀ ଜଣକ ଇଂରାଜୀରେ ଚିଠି କରିଥିବା ନେଇ ସାଧାରଣରେ ପ୍ରଶ୍ନ ଉଠୁଛି । ସରକାରଙ୍କ ନିୟମକୁ ଶିକ୍ଷାଅଧିକାରୀ ଜଣକ ଫୁ କରିଦେଇଛନ୍ତି । ଏହି ଘଟଣାର ତଦନ୍ତ କରାଯିବା ପାଇଁ ଦାବି ଉଠୁଛି ।

## କଳାକ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବ କେନ୍ଦ୍ରାପଡା

କେନ୍ଦ୍ରାପଡ଼ା,୯ ।୨ :(ମନ୍ଥନ)କେନ୍ଦ୍ରାପଡା ପୌରାଞ୍ଚଳର ମହିପାଳ ସ୍ଥିତ କୁନ୍ତଳା କୁମାରୀ ଚାରୁ ଓ କାରୁ କଳା ବିଦ୍ୟାଳୟରେ ବାର୍ଷିକ ପରୀକ୍ଷା ଆରମ୍ଭ ହୋଇଛି । ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ହେବା ପରେ ବିଦ୍ୟାଳୟ ତାର ପ୍ରଥମ ବାର୍ଷିକ ପରିକ୍ଷା ଓଡିଶା ଲଳିତ କଳା ଏକାଡେମୀ ତତ୍ତ୍ୱାବଧାନରେ ଅୟୋଜିତ କରିଛି । ଚଳିତ ବର୍ଷ ପ୍ରାଥମିକ ପରୀକ୍ଷାରେ ମୋଟ ୩୫ ଜଣ କୁନି କଳାକାର ଭାଗ ନେଇଛନ୍ତି । ରବିବାର ଠାରୁ କନିଷ୍ଠ ଭାଗ-୧, ଭାଗ-୨ ଓ ବରିଷ୍ଠ ଭାଗ-୧ ଓ ଭାଗ-୨ ପରୀକ୍ଷା ଅନୁଷ୍ଠିତ ହେବ । କେନ୍ଦ୍ରାପଡା ସହରରେ ଏପରି ପରୀକ୍ଷା କରି ପ୍ରମାଣପତ୍ର ଦେଉଥିବା ଏକମାତ୍ର ଅନୁଷ୍ଠାନ କୁନ୍ତଳାକୁମାରୀ ଚାରୁ ଓ କାରୁ କଳା ବିଦ୍ୟାଳୟ ୨୦୨୧ ମସିହାରେ ଆରମ୍ଭ ହୋଇଥିଲା । ଦୀର୍ଘ ପାଞ୍ଚ ବର୍ଷ ଧରି ପିଲାମାନଙ୍କୁ କଳା ଶିକ୍ଷା ପ୍ରଦାନ କରି ଆସୁଥିବା ଏହି କଳା ଶିକ୍ଷା ଅନୁଷ୍ଠାନକୁ ଏ ବର୍ଷ ଓଡିଶା ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧିନରେ ଥିବା ଲଳିତ କଳା ଏକାଡେମୀ ସ୍ୱୀକୃତି ପ୍ରଦାନ କରିଛି । ଏହି ଅନୁଷ୍ଠାନ ପିଲାମାନଙ୍କୁ କଳାଶିକ୍ଷା ଦେଇ ସ୍ୱାବଲମ୍ବୀ କରିବାକୁ ଚେଷ୍ଟା କରୁଛି ବୋଲି ପ୍ରଧାନ ଗୁରୁଜୀ ଅଶୋକ ନାୟକ କହିଛନ୍ତି । ଜିଲ୍ଲାର କଳା ଓ ସଂସ୍କୃତି କ୍ଷେତ୍ରରେ ଉନ୍ନତି ଓ ରାଜ୍ୟରେ ଏହାକୁ ପ୍ରାଧାନ୍ୟ ଦେବା ଉଦ୍ଦେଶ୍ୟରେ ସେ ଏହି କଳା ଶିକ୍ଷା ଅନୁଷ୍ଠାନ ଗଢିଛନ୍ତି ବୋଲି କହିଛନ୍ତି । ଏହି ଅବସରରେ ଉପସ୍ଥିତ ଅଭିଭାବକ ମାନେ ବିଦ୍ୟାଳୟ ଓ ସରକାରଙ୍କୁ ସାଧୁବାଦ ଜଣାଇଛନ୍ତି । ଆଗାମୀ ଦିନର କେନ୍ଦ୍ରାପଡା ଯେପରି ସମଗ୍ର ରାଜ୍ୟ ଓ ଦେଶରେ କଳା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବ ସେ ନେଇ ଏହି ବିଦ୍ୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ବିଦ୍ୟାଳୟର ମୁଖ୍ୟ ଜାତୀୟ ସ୍ତରୀୟ ଚିତ୍ରଶିଳ୍ପୀ ଅଶୋକ କୁମାର ନାୟକ ମତବ୍ୟକ୍ତ କରିଛନ୍ତି ।

## ଆଇନଜୀବୀଙ୍କୁ ଆକ୍ରମଣ ମାମଲାରେ ଜଣେ ଗିରଫ, କାତି ଜବତ

କୁକୁଡାଖଣ୍ଡି,୯ ।୨ :(ମନ୍ଥନ) ସଦର ଥାନା ଅନ୍ତର୍ଗତ ଲାଠି ଗ୍ରାମର ଆଇନଜୀବୀ ବାଳକୃଷ୍ଣ ଚୌଧୁରୀଙ୍କୁ ଆକ୍ରମଣ ମାମଲାରେ ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ଲାଠି ଗ୍ରାମର ରବିନ୍ଦ୍ରନାଥ ଭୂୟାଁ(୫୪) । ପୁଲିସ ଅଭିଯୁକ୍ତ ରବିନ୍ଦ୍ର ନିକଟରୁ ଆକ୍ରମଣରେ ବ୍ୟବହୃତ କାତି ସହ ଚପଲ, ଭାଙ୍ଗି ଯାଇଥିବା ମୋବାଇଲ ଜବତ କରିଛି । ନଡା କିଣାକୁ କେନ୍ଦ୍ର କରି ଅଭିଯୁକ୍ତ ରବିନ୍ଦ୍ର ଓ ତାଙ୍କ ପୁଅ ୧ ତାରିଖରେ ଆଇନଜୀବୀ ବାଳକୃଷ୍ଣଙ୍କୁ ଫୋନ କରି ଡାକିଥିଲେ । ବାଳକୃଷ୍ଣ ନିଜ ଚ୍ୟାମ୍ବର ନିକଟରେ ପହଞ୍ଚିବା ପରେ ଅଭିଯୁକ୍ତ ତାଙ୍କୁ ଏକ ଖଣ୍ଡା ଦେଖାଇ ଭୟଭୀତ କରିଥିଲେ । ବାଳକୃଷ୍ଣ ଜୀବନ ବିକଳରେ ତାଙ୍କ କାର୍ଯ୍ୟାଳୟ ଭିତରେ ପଶି ଯିବାପରେ ଅଭିଯୁକ୍ତମାନେ କାର୍ଯ୍ୟାଳୟ ଭିତରେ ପଶି ତାଙ୍କ ତଣ୍ଟି ଚିପିବା ସହ ଆକ୍ରମଣ କରିଥିଲେ ଯ ବାଳକୃଷ୍ଣ ୧୧୨କୁ ଫୋନ କରିବା ପରେ ପୁଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା । ଏ ନେଇ ସଦର ଥାନାରେ ଏକ ମାମଲା(୪୫/୨୬) ରୁଜୁ ହୋଇଥିଲା । ଆଜି ରବିନ୍ଦ୍ରଙ୍କୁ ଗିରଫ ପରେ କୋର୍ଟ ଋଲାଣ କରାଯାଇଥିବା ଥାନା ଅଧିକାରୀ ରାମସୁବ୍ରମଣ୍ୟମ ପ୍ରଧାନ ସୂଚନା ଦେଇଛନ୍ତି ।

## ଜଳେଶ୍ୱରରେ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ

ଜଳେଶ୍ୱର,୯ ।୨ :(ମନ୍ଥନ)ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ ବର୍ଷରେ ସାରା ଭାରତବର୍ଷରେ ହେଉଥିବା ସପ୍ତ ସୂତ୍ରୀ କାର୍ଯ୍ୟକ୍ରମ ମଧ୍ୟରୁ ଚତୁର୍ଥ କାର୍ଯ୍ୟକ୍ରମର ସ୍ୱରୂପ ହିନ୍ଦୁ ସମ୍ମିଳନୀ ବହୁ ଆଡମ୍ବର ସହକାରେ ସମସ୍ତ ହିନ୍ଦୁ ଭାଇ, ଭଉଣୀ ମାନଙ୍କ ସହଯୋଗରେ ନୂଆବଜାର ଇନଡୋର ଷ୍ଟାଡିୟମ ପାଖ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ସକାଳୁ ବିଭିନ୍ନ ଓ୍ୱାର୍ଡର ମହିଳା ମାନେ ଗଙ୍ଗା ଆବାହନ କରି ଏକ ବିରାଟ ପଟୁଆରରେ କଳସ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରି ଉକ୍ତ ପଡ଼ିଆରେ ପହଞ୍ଚିଥିଲେ । ଏଥିରେ ନାମ ସଙ୍କୀର୍ତ୍ତନ, ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞ, ସାମୁହିକ ହନୁମାନ ଋଳିଶା, ଧର୍ମସଭା ଓ ପ୍ରବଚନ ସହ ସାମୁହିକ ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଅବସର ପ୍ରାପ୍ତ ଅଧକ୍ଷ ଜିତାରାମ ଦେ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ମହିମା ଗାଦି ସନ୍ଥବାବା ଅକ୍ଷୟ କୁମାର ଦାସ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ରୂପେ ଜିଲ୍ଲା ରାଷ୍ଟ୍ର ସେବିକା ସମିତି କାର୍ଯ୍ୟବାହିକା ମିନତୀରାଣୀ ନାୟକ ଯୋଗ ଦେଇ ସମଗ୍ର ହିନ୍ଦୁ ସମାଜକୁ ଏକ ସୂତ୍ରରେ ବାନ୍ଧି ରଖିବା ସହିତ ହିନ୍ଦୁ ପରିବାର ମଧ୍ୟରେ ସଂସ୍କୃତି ଅନୁରୂପ ସଦୃଶ ପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା ପାଇଁ ହିନ୍ଦୁ ସମାଜକୁ ମାର୍ଗଦର୍ଶନ ଦେଇଥିଲେ । ଭାରତୀୟ ସଂସ୍କୃତି, ପରମ୍ପରା ରକ୍ଷା ପାଇଁ ଆରଏସଏସ ଗତ ଶହେ ବର୍ଷ ହେଲା କାର୍ଯ୍ୟ ଜାରି ରଖିଛି । ସମସ୍ତ ହିନ୍ଦୁ ସମାଜ ଜାଗ୍ରତ ହେଲେ ଏହା ସମ୍ଭବ ହୋଇପାରିବ ବୋଲି କହିଛନ୍ତି । ଏଥିସହ ବର୍ତ୍ତମାନ ପରିସ୍ଥିତିରେ ସମାଜିକ ସମରସତକ୍ଷ, ପର୍ଯ୍ୟାବରଣ ସଂରକ୍ଷଣ, କୁଟୁମ୍ବ ପ୍ରବୋଧନ, ସ୍ୱଦେଶୀ ଓ ନାଗରିକ କର୍ତ୍ତବ୍ୟ ଆଦି ପଞ୍ଚ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି କହିଛନ୍ତି । ସମ୍ମାନିତ ଅତିଥି ଭାବେ ନଗର ସଂଘ ଋଳକ ରାଧାଶ୍ୟାମ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶିବପ୍ରସାଦ ଭୂୟାଁ ମଂଚ ପରିଋଳନା କରିଥିବା ବେଳେ ଅତିଥି ପରିଚୟ ବିଶ୍ ହିନ୍ଦୁ ପରିଷଦର ସଭପତି କପିଳେଶ୍ୱର ମହାନ୍ତି କରିଥିଲେ । ଏହି କାର୍ଯ୍ୟକ୍ରମରେ ବିବିଧ କ୍ଷେତ୍ରର କାର୍ଯ୍ୟକର୍ତ୍ତା, ବୁଦ୍ଧିଜୀବୀ, ଯୁବ ଗୋଷ୍ଠୀ ଓ ଅଞ୍ଚଳବାସୀ ଯୋଗଦେଇଥିଲେ ।




## ଜାତି ଧର୍ମ ଓ ବର୍ଣ୍ଣକୁ ଏକତା ସୂତ୍ରରେ ବାନ୍ଧି ରଖିଥାଏ ଲୋକ ମହୋତ୍ସବ

ଜଳେଶ୍ୱର,୯ ।୨ :(ମନ୍ଥନ)ରାଇବଣିଆ । ଲୋକ ମହୋତ୍ସବର ତୃତୀୟ ସଂନ୍ଧ୍ୟାରେ ରାଇବଣିଆ । ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନର କୁନିକୁନି କଳାକାରମାନେ ମନ ମୋହିଥିଲେ । ପ୍ରତିଦିନ ସନ୍ଧ୍ୟା ହେଲେ ଗୁଞ୍ଜରି ଉଠେ ବନ୍ଦେ ରାଇବଣିଆ, ମାଟି ମା ବନ୍ଦେର ଗୀତର ସ୍ୱର । ସଭାର ସଭାପତିତ୍ୱ ମହୋତ୍ସବ କମିଟିର ଉପ ସଭାପତି ସୁକୁମାର ପ୍ରଧାନ କରିଥିବା ବେଳେ,ମଞ୍ଚ ଆହ୍ୱାନ ଓ ଅତିଥିଙ୍କ ପରିଚୟ ଶ୍ୟାମନଗର ସରପଞ୍ଚ ଗିରିଜା ଶଙ୍କର ସାସମଲ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି, ମୁଖ୍ୟ ବକ୍ତା ରୂପେ ପଶ୍ଚିମବଙ୍ଗ ରାଜ୍ୟର ଝାଡଗ୍ରାମ ଜିଲ୍ଲାର ଜିଲ୍ଲା ପ୍ରାଥମିକ ଶିକ୍ଷା କମିଟିର ଅଧ୍ୟକ୍ଷ ଉଜ୍ଜ୍ୱଳ ଦତ୍ତ ଓ ସମ୍ମାନୀତ ଅତିଥି ରୂପେ ଜଳେଶ୍ୱର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ ଉପସ୍ଥିତ ରହି ଲୋକ ମହୋତ୍ସବ ଅଞ୍ଚଳରେ ରୋଜଗାର ସୃଷ୍ଟି କରିବା ସହିତ ସମାଜରେ ବାସକରୁଥିବା ସମସ୍ତ ଜାତି,ଧର୍ମ ଓ ବର୍ଣ୍ଣର ଲୋକଙ୍କୁ ଏକସୂତ୍ର ଧାରରେ ବାନ୍ଧି ରଖିବାର ମାଧ୍ୟମ ପାଲଟିଥାଏ । ଅତିଥିଙ୍କୁ ଫୁଲଗୁଛ, ଉତ୍ତରୀୟ ଓ ସ୍ମାରକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ମଞ୍ଚରୁ ଅତିଥିଙ୍କ ଦ୍ୱାରା ରାଇବଣିଆର ଉଚ୍ଚ ଶିକ୍ଷିତ ଓ ସଫଳତାର ଚରିତ୍ର ରୂପେ ଉଦାହରଣ ପାଲଟି ଥିବା ଯୁବକ ଝାଡେଶ୍ୱର ଘୋଷଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା । ସର୍ବଶେଷରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରା ଯାଇଥିଲା । ଶେଷରେ ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ଜେନା ଧନ୍ୟବାଦ ପ୍ରଦାନ କରିଥିଲେ । ସଭାକାର୍ଯ୍ୟ ସମ୍ପନ୍ନ ପରେ ମେଲୋଡ଼ି କାର୍ଯ୍ୟକ୍ରମ ହୋଇ ଥିଲା ଯଟିଭି ଜଗତର ଜୀ - ର ଓଡ଼ିଆ । ଧାରାବାହିକ ଭାଗ୍ୟ ରେଖା ର ରେଖା ଚରିତ୍ର ରେ ଅଭିନୟ କରୁଥିବା ଅଭିନେତ୍ରୀଙ୍କୁ ଦେଖିବାରେ ଦର୍ଶକଙ୍କ ଗହଳି ଦେଖିବାକୁ ମିଳିଥିଲା ।



## ମାହାଙ୍ଗା ମଣ୍ଡଳ ସ୍ତରୀୟ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ

ମାହାଙ୍ଗା,୯ ।୨ :(ମନ୍ଥନ)ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ପଂଚାୟତର ଝାଡେଶ୍ୱରପୁର ଗ୍ରାମସ୍ଥିତ ପିଏମଶ୍ରୀ ଝାଡେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗତ ୬ ତାରିଖ ଦିନ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀ ଛାତ୍ର ଛାତ୍ରୀମାନଙ୍କୁ ପରୀକ୍ଷା ପେ ଚର୍ଚ୍ଚା ନବମ ସଂସ୍କରଣ ପ୍ରସାରିତ ହୋଇଥିଲା । ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ପରୀକ୍ଷାରେ କିଭଳି ଚାପମୁକ୍ତ ରହିବେ ସେ ସଂପର୍କରେ ପରାମର୍ଶ ଓ ସେମାନଙ୍କ ସହିତ ବାର୍ତ୍ତାଳାପ ଆଭାସୀମାଧ୍ୟମରେ ବାର୍ତ୍ତାଳାପ କରିଥିଲେ । ସେଥିପାଇଁ ପିଏମଶ୍ରୀ ଝାଡେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ପ୍ରଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ଏଥିରେ ବିଇଓ ମୋନାଲିସା ସରକାର, ଏବିଇଓ ସବିତା ସ୍ୱାଇଁ, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଲିସା ପ୍ରଧାନ, ଶିକ୍ଷୟିତ୍ରୀ ସୁଚିତ୍ରା ମଲିକ, ରଶ୍ମିତା ଛାଟୋଇ, ଜୟନ୍ତୀ ସାହୁ, ପଦ୍ମାଳୟା ସିଂ, ବାସନ୍ତୀ ସୋରେନ୍, ଶିକ୍ଷକ ରମାକାନ୍ତ ଦାସ, ଦୀପକ କୁମାର ସାହୁ, ପ୍ରେମାନନ୍ଦ ପ୍ରଧାନ,ହରିଶ୍ଚନ୍ଦ୍ର ନାୟକ, ସିଆରସିସି ଭାଗବତ ପ୍ରସାଦ ବେହେରା,ରୋଜାଲିନ୍ ପ୍ରଧାନ, ନାହାଙ୍ଗ କେନ୍ଦ୍ର ବିଦ୍ୟାଳୟର ପ୍ରଧାନଶିକ୍ଷକ ଜ୍ୟୋତିରଂଜନ ମହାନ୍ତି, ଆପିଲୋ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନନ୍ତକିଶୋର ଭୋଇ, ଶିକ୍ଷାକର୍ମଚାରୀ ପ୍ରମୋଦ କୁମାର ପାତ୍ର, ବ୍ରଜକିଶୋର ବ୍ରାରିକ, ପରିଚାଳନାକମିଟି ସଦସ୍ୟ, ଅଭିଭାବକମାନେ ଉପସ୍ଥିତ ଥିଲେ ।

## ମ୍ୟାଟ୍ରିକ ଓ ଯୁକ୍ତ ଦୁଇ ପରୀକ୍ଷା ପାଇଁ ସମୀକ୍ଷା ବୈଠକ

ଯାଜପୁର,୯ ।୨ :(ମନ୍ଥନ)ଚଳିତ ବର୍ଷ ହେବାକୁ ଥିବା ମ୍ୟାଟ୍ରିକ ପରୀକ୍ଷା ଏବଂ ଯୁକ୍ତ ଦୁଇ ବୋର୍ଡ଼ ପରୀକ୍ଷା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ଏକ ସମୀକ୍ଷା ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଛି । ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶିକ୍ଷା ବିଭାଗର ସଚିବ, ନିର୍ଦ୍ଦେଶକଙ୍କ ସମେତ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ, ଏସପି, ଅତିରିକ୍ତ ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷାଧିକାରୀ ଯୋଗ ଦେଇଥିଲେ । ମ୍ୟାଟ୍ରିକ ଓ ଯୁକ୍ତ ଦୁଇ ପରୀକ୍ଷାକୁ କିପରି ଶାନ୍ତି ଶୃଙ୍ଖଳାର ସହ ବିନା କୌଣସି ବିଭ୍ରାଟରେ କରାଯାଇପାରିବ, ସେ ନେଇ ବୈଠକରେ ଆଲୋଚନା ହୋଇଥିଲା । ଯାଜପୁର ଜିଲ୍ଲାରେ ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷା ପାଇଁ ମୋଟ ୧୦ ଟି ନୋଡାଲ କେନ୍ଦ୍ର ଏବଂ ୧୫୧ ଟି ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା କରାଯାଇଛି । ଯୁକ୍ତ ଦୁଇ ପରୀକ୍ଷା ପାଇଁ ଯାଜପୁର ଜିଲ୍ଲାରେ ମୋଟ ୭ ଟି ପରୀକ୍ଷା ପରିଚାଳନା ହବ ସହ ୫୬ ଟି ପରୀକ୍ଷା କେନ୍ଦ୍ର ଏହି ସମସ୍ତ ପରୀକ୍ଷା କେନ୍ଦ୍ରଗୁଡ଼ିକୁ ଏକ ସମନ୍ୱିତ କମାଣ୍ଡ କଣ୍ଟ୍ରୋଲ ରୁମ୍ ମାଧ୍ୟମରେ ନିରୀକ୍ଷଣ କରାଯିବ । ପରୀକ୍ଷା ପରିଚାଳନା ହବଗୁଡିକରେ ସିସିଟିଭି ସ୍ଥାପନ କରାଯାଇଛି । ପ୍ରଶ୍ନପତ୍ର ଯେପରି ଲିକ୍ ନ ହୁଏ, ସେ ଉପରେ ଅଧିକ ଗୁରୁତ୍ୱ ଦେବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି । ଏଥିପାଇଁ ପରୀକ୍ଷା କେନ୍ଦ୍ରଗୁଡିକରେ ଯାଂଚ ବ୍ୟବସ୍ଥା କଡ଼ାକଡ଼ି କରିବା ସହ ପ୍ରଶ୍ନପତ୍ରର ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ପୋଲିସ କର୍ମଚାରୀ ନିୟୋଜିତ କରିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ପରୀକ୍ଷାର୍ଥୀ ଏବଂ ପରୀକ୍ଷା କେନ୍ଦ୍ରରେ ନିୟୋଜିତ କର୍ମଚାରୀ କୌଣସି ପ୍ରକାର ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଏବଂ ମୋବାଇଲ ପରୀକ୍ଷା ହଲ୍ ଭିତରକୁ ନେଇପାରିବେ ନାହିଁ ବୋଲି କଡା ନିର୍ଦ୍ଦେଶ ଦିଆଯାଇଛି । ଏହି ଆଭାସୀ ବୈଠକରେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁଙ୍କ ସହ ବିଭିନ୍ନ କଲେଜ ଅଧକ୍ଷମାନେ ଉପସ୍ଥିତ ଥିଲେ ।

## ବିନା ବର୍ଷାରେ ମୁଖ୍ୟ ରାସ୍ତା ଉପରେ ଚାଲିଛି ପାଣି

ଯାଜପୁର,୯ ।୨ :(ମନ୍ଥନ)ବିନା ବର୍ଷାରେ ମୁଖ୍ୟ ରାସ୍ତା ଉପରେ ଚାଲିଛି ପାଣି । ଯାଜପୁର ପାଣିକୋଇଲି ମୁଖ୍ୟରାସ୍ତାର ଆଙ୍କୁଲା ଛକ ନିକଟରେ କୃତ୍ରିମ ବନ୍ୟା ପରିସ୍ଥିତି । ରୁଢ଼ିଆ ଯାଜପୁର ଟାଉନ ମେନ କେନାଲ ରେ ପାଣି ଓଭରଫ୍ଲୋ ହୋଇ ଦେଖାଦେଇଛି ଏଭଳି ସମସ୍ୟା । ଜଳ ସମ୍ପଦ ବିଭାଗର ଖାମଖିଆଲି ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । ପ୍ରାୟ ଭୋର ୩ଟା ରୁ ଯାଜପୁର -ପାଣିକୋଇଲି ମୁଖ୍ୟ ରାସ୍ତାରେ ପାଣି ଚାଲିବା ଆରମ୍ଭ ହୋଇଥିଲା । ଉପର ମୁଣ୍ଡ ଗେଟ ଖୋଲା ଥିବା ବେଳେ ତଳ ମୁଣ୍ଡ ଗେଟ ବନ୍ଦ ଯୋଗୁ ପାଣି ବନ୍ଧ ବୁଡି ରାସ୍ତାରେ ବହୁଛି । ଫଳରେ ଆଙ୍କୁଲା ଗ୍ରାମବାସୀଙ୍କ ବିଭିନ୍ନ ଲୋକଙ୍କ ଦୋକାନ ଘର ଠାରୁ ଆରମ୍ଭ କରି ବାସଗୃହ ପୋଖରୀ ଆଦିରେ ପାଣି ପଶିଯାଇଛି । ପ୍ରଶାସନିକ ଅବହେଳା ପାଇଁ ଏଭଳି ପରିସ୍ଥିତି ବାରମ୍ବାର ଉପୁଜୁଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି ।

## ଡିଏଭି ପବ୍ଲିକ ସ୍କୁଲରେ ବାର୍ଷିକ ଉତ୍ସବ ଅନୁଷ୍ଠିତ

ପିପିଲି,୯ ।୨ :(ମନ୍ଥନ)ପିପିଲି ହାଟସାହି ପଞ୍ଚାୟତ ମିଜାପୁର ସ୍ଥିତ ଡି.ଏ.ଭି ପବ୍ଲିକ ସ୍କୁଲ ର କ୍ଷଷ୍ଠ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍କୁଲ ର ପ୍ରିନ୍ସିପାଲ ସୁହାନା ପରବିନ୍ ଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ପୂର୍ବତନ ରାଜ୍ୟ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଗୋପବନ୍ଧୁ ମଲ୍ଲିକ ଯୋଗଦେଇ ଗୁଣାତ୍ମକ ଶିକ୍ଷା ର ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ବକ୍ତା ଭାବେ ଆନ୍ତର୍ଜାତୀୟ ବ୍ୟାଙ୍କ ବିଶେଷଜ୍ଞ ଡକ୍ଟର ମହମ୍ମଦ ଫଜଲହକ୍ୟୁ ଯୋଗ ଦେଇ ଉତ୍ତମ ଛାତ୍ର ଗଠନ ପାଇଁ ସେମାନଙ୍କ ମନରେ ଭବିଷ୍ୟତର ସ୍ୱପ୍ନ ରହିବା ସହ ସାକାର କରିବାର ପ୍ରୟାସ ଆବଶ୍ୟକ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ଶ୍ରମ ବିଭାଗ କମିଶନ ମକସୁଦ୍ ଅଲ୍ଲୀ ଖାନ୍, ବିଜେଡି ସଂଖ୍ୟାଲଘୁ ସେଲ ଉପସଭାପତି ମହମ୍ମଦ ମୁବିନ୍ , ବିଦ୍ୟାଳୟ ଚେୟାରମେନ ମହମ୍ମଦ ସମସେର୍ ଅଲ୍ଲୀ, ନିର୍ଦ୍ଦେଶକ ବିଲିକୁସ୍ ଅଲ୍ଲୀ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ସଂସ୍କାର ଶିକ୍ଷା ମଧ୍ୟରେ ପିତାମାତାଙ୍କ ଭୁମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଶେଷରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ନୃତ୍ୟଗୁରୁ ଗଜେନ୍ଦ୍ର ବେହେରା ଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀ ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । କାର୍ଯ୍ୟକ୍ରମ କୁ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ବୁଦ୍ଧଖୋଲରେ ବୁଦ୍ଧଖୋଲ କବିତା ଆସର ଅନୁଷ୍ଠିତ

ବୁଗୁଡ଼ା, ୯ ।୨ :(ମନ୍ଥନ)ସ୍ଥାନୀୟ ଐତିହାସିକ,ପୌରାଣିକ,ଶୈବ ତଥା ବୌଦ୍ଧ ପୀଠ ବୁଦ୍ଧଖୋଲ ପାଦଦେଶସ୍ଥ ମହୋତ୍ସବ ମଣ୍ଡପରେ ବୁଦ୍ଧଖୋଲ ମହୋତ୍ସବ କମିଟି ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ପ୍ରଥମ ଥର ପାଇଁ ଏକ କବିତା ପାଠୋତ୍ସବର ଆସର ଅନୁଷ୍ଠିତ ହୋଇଯାଇଛି । ମଧୁର ଭାରତୀର ସମ୍ପାଦିକା ଶ୍ରୀମତୀ ଜୟନ୍ତୀ ପଢିଆରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥି ରୂପେ ସର୍ବଶ୍ରୀ ସୁରେଶ ଚନ୍ଦ୍ର ଦାଶ , ଡ଼.ବ୍ରଜକିଶୋର ପାଢ଼ୀ ,ଅନନ୍ତ କର, ଜୟକୃଷ୍ଣ ସାହୁ ଓ ଆତ୍ମ ପ୍ରକାଶ ନାୟକ ଯୋଗଦେଇ ପୀଠ ମାହାତ୍ମ୍ୟ ତଥା ସ୍ଥାନୀୟ ସାହିତ୍ୟିକଙ୍କ ସ୍ମୃତିଋରଣ କରିଥିଲେ । ବୁଗୁଡା ଅଞ୍ଚଳର ୨୫ ଜଣ କବି ଓ କବୟିତ୍ରୀ ଏଥିରେ ସ୍ୱରଚିତ କବିତା ପାଠ କରିଥିବା ବେଳେ ବସନ୍ତ କୁମାର ସ୍ୱାଇଁ, କାହ୍ନୁଚରଣ ଗୌଡ଼ ଓ ଜଳନ୍ଧର ନାୟକ ସଙ୍ଗୀତ ପରିବେଷଣ କରିଥିଲେ । କବିତା ଗୁଡ଼ିକୁ ଗୌରୀ ପତି ଦାଶ ଓ ବିଭୂତି ଭୂଷଣ ମିଶ୍ର ସଂଯୋଜନା କରିଥିଲେ । ଏଥିରେ ବହୁ ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ମହୋତ୍ସବ ଇତିହାସରେ ଏଭଳି ପାଠୋତ୍ସବ କାର୍ଯ୍ୟକ୍ରମକୁ ଯୋଡ଼ିଥିବାରୁ ଆନନ୍ଦ ପ୍ରକାଶ କରିବା ସହିତ ଏହାକୁ ଏଭଳି ପ୍ରତିବର୍ଷ କରିବାକୁ ମଧ୍ୟ ମତବ୍ୟକ୍ତ କରି ଆବାହିକା ଶ୍ରୀମତୀ ପଢ଼ିଆରୀଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ ।

## କେନ୍ଦ୍ରାପଡା କଲେଜ ଇଂରାଜୀ ବିଭାଗ ଜାତୀୟ ସମ୍ମାନ ଉଦ୍‌ଯାପିତ

କେନ୍ଦ୍ରାପଡ଼ା,୯ ।୨ :(ମନ୍ଥନ)କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଇଂରାଜୀ ବିଭାଗ ପକ୍ଷରୁ ଦୁଇଦିବସୀୟ ଜାତୀୟ ସମ୍ମାନ "ଭୋକାଲ ଫର ଲୋକାଲ" ରବିବାର ଉଦଯାପିତ ହୋଇଯାଇଛି । ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଇଂରାଜୀ ବିଭାଗ ମୁଖ୍ୟ ପ୍ରଫେସର ଡ. ପୂର୍ବାଶା ପ୍ରିୟଦର୍ଶନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମାନର ଦ୍ୱିତୀୟ ଦିବସକୁ କଲେଜ ଅଧକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନା ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଅଧକ୍ଷା ତଥା ଓଡିଶା ଲେଖିକା ସଂସଦ ସଭାପତି ଶକୁନ୍ତଳା ବଳିଆରସିଂ ଯୋଗଦେଇ କହିଲେ ସାହିତ୍ୟକୁ ଇଂରାଜୀ ଅନୁବାଦ କରିବା ସମୟରେ ଅତ୍ୟନ୍ତ ଯତ୍ନବାନ ହେବା ଜରୁରୀ । କାରଣ ଏକବିଂଶ ଶତାବ୍ଦିରେ ଯେଉଁ ସାହିତ୍ୟ ଅନୁବାଦ ହେଉଛି ସେଥିରେ କବି ଓ ସାହିତ୍ୟିକଙ୍କ ମୂଳ ଭାବନା ନଷ୍ଟ ହୋଇଯାଉଛି । ଉତ୍କଳ ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗ ପ୍ରଫେସର ଅସିମରଞ୍ଜନ ପାଢୀ ବକ୍ତା ଭାବେ ଯୋଗଦେଇ କହିଲେ ଆଞ୍ଚଳିକ ଭାଷା ସାହିତ୍ୟର ଇଂରାଜୀ ଅନୁବାଦ ନହେଲେ ଏହା ଆନ୍ତର୍ଜାତୀୟ ସ୍ତରରେ ଗ୍ରହଣୀୟ ହୋଇପାରିବ ନାହିଁ କି ଏହାର ସୃଜନଶୀଳତା ବୃଦ୍ଧି ପାଇପାରିବ ନାହିଁ । ଅନ୍ୟତମ ବକ୍ତା ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରାକ୍ତନ ଇଂରାଜୀ ବିଭାଗ ମୁଖ୍ୟ ରାମନାରାୟଣ ପଣ୍ଡା, ଦିଲ୍ଲୀସ୍ଥିତ ଜାମିଆ ମିଲିଆ ଇସଲାମିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ସରୋଜ ମହାନନ୍ଦ, ଉତ୍କଳ ବିଶ୍ୱବିଦ୍ୟାଳୟ ଓଡିଆ ବିଭାଗ ସହକାରୀ ପ୍ରଫେସର ରମେଶ ଚନ୍ଦ୍ର ମଲ୍ଲିକ ଓ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଡ. ବିରଜା ପ୍ରସାଦ ରାଉତରାୟ ପ୍ରମୁଖ ଯୋଗଦେଇ କହିଲେ ପାରମ୍ପାରିକ ଭାଷା ସାହିତ୍ୟକୁ ଇଂରାଜୀରେ ଯଦି ଅନୁବାଦ କରାନଯିବ ତେବେ ତାହା ଆଞ୍ଚଳିକ ସ୍ତରରେ ସୀମିତ ହୋଇ ରହିଯିବ । ଆଞ୍ଚଳିକ ଭାଷା ସାହିତ୍ୟକୁ ଆନ୍ତର୍ଜାତୀୟ ସ୍ତରକୁ ନେବାକୁ ହେଲେ ଆଞ୍ଚଳିକ ଭାଷାର ଇଂରାଜୀ ଭାଷାରେ ଅନୁବାଦ ଅପରିହାର୍ଯ୍ୟ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଅଧକ୍ଷ ପ୍ରଫେସର ଡ. ରାମଚନ୍ଦ୍ର ବେହେରା, ପ୍ରଫେସର ନନ୍ଦ କିଶୋର ପରିଡା, ପ୍ରଫେସର ତପନ କୁମାର ପତି, ଡ. ଜ୍ୟୋତିର୍ମୟୀ ମହାପାତ୍ର, ପ୍ରଫେସର ରାଜେନ୍ଦ୍ର ମହାନ୍ତି, ପ୍ରଫେସର ମନୋଜ ମିଶ୍ର, ପ୍ରଫେସର ବିଶେଶ୍ୱର ପଟ୍ଟନାୟକ, ପ୍ରଫେସର ବିଧୁଭୂଷଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ଅଧ୍ୟାପିକା ପ୍ରଭାମୟୀ ସାମନ୍ତରାୟ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ସୁଜାତା ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ ଅଚ୍ୟୁତାନନ୍ଦ ମହାରଣା, ଅଧ୍ୟାପକ ସୁରେନ୍ଦ୍ର ପ୍ରସାଦ ମଲ୍ଲିକ, ଅଧ୍ୟାପିକା ହିରନମୟୀ ସାମଲ, ଅଧ୍ୟାପିକା ଲିଜାଶ୍ରୀ ପ୍ରିୟଦର୍ଶିନୀ ସେଠୀ, ସ୍ନାତକତ୍ତୋର ଇଂରାଜୀ ବିଭାଗ ଅତିଥି ଅଧ୍ୟାପକ ପ୍ରିୟାଂଶୁଶେଖର ରାଉତରାୟ ଓ ଅଧ୍ୟାପିକା ସୁଚେତା ପରିଜା ପ୍ରମୁଖ ସମ୍ମାନ ପରିଚାଳନାରେ ସହଯୋଗ କରିଥିଲେ ।




## ପ୍ରାକ୍ତନ ସରପଂଚଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକ ଉତ୍ସବ ଅନୁଷ୍ଠିତ

ମାହାଙ୍ଗା,୯ ।୨ :(ମନ୍ଥନ)ମାହାଙ୍ଗା ବ୍ଲକ ଅନ୍ତର୍ଗତ ଓସ୍ତପୁର ଅଂଚଳର ବିଶିଷ୍ଟ ସମାଜସେବୀ ସମବାୟ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଅଭିବକ୍ତ ଗୋତରା ଗ୍ରାମ ପଂଚାୟତର ପ୍ରାକ୍ତନ ସରପଂଚ ସ୍ୱର୍ଗତ ଦୁର୍ଗାଚରଣ ସାହୁଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକ ଉତ୍ସବ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ଓସ୍ତପୁରଠାରେ ଦୀନବନ୍ଧୁ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଶିଷ୍ଟ ସମାଜସେବୀ ତଥା କଂଗ୍ରେସ ନେତା ଦେବେନ୍ଦ୍ର କୁମାର ସାହୁ, ଆଇନଜୀବୀ ଭାସ୍କର ଚନ୍ଦ୍ର ବେହେରା, ମନମୋହନ ମହାପାତ୍ର, କବି ପ୍ରଫୁଲ୍ଲ କୁମାର ସିଂ, ସତ୍ୟାନନ୍ଦ ସାହୁ, ସୁକାନ୍ତ ସ୍ୱାଇଁ, ଭାସ୍କର ସ୍ୱାଇଁ, ଉତ୍ତମ ବେହେରା, ଚିତ୍ତରଂଜନ ପ୍ରଧାନ, ରଂଜନ ପ୍ରଧାନ, ଉମେଶ ସାହୁ, ସନ୍ତୋଷ ସାହୁ, ଜ୍ଞାନେନ୍ଦ୍ର ସାହୁ, ସମାଜସେବୀ ରମେଶ ଚନ୍ଦ୍ର ସ୍ୱାଇଁ,ସୁଧାବ୍ରତ ମଲ୍ଲ, ପୁତ୍ର ସରୋଜ ସାହୁ, ଅଭୟ ସାହୁ ପ୍ରମୁଖ ଯୋଗଦେଇ ପ୍ରାକ୍ତନ ସରପଂଚ ସ୍ୱର୍ଗତ ସାହୁଙ୍କ ସମୟରେ ଗୋତରା ଗ୍ରାମ ପଂଚାୟତରେ ହୋଇଥିବା ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟ ଓ ତାଙ୍କର ଅଭୁଲା ସ୍ମୃତି ସଂପର୍କରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ଅତିଥିମାନେ ସ୍ୱର୍ଗତ ସାହୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

## ଶ୍ରୀବିରଜା ସେବା ସମିତିର ଗଣ ବ୍ରତୋପନୟନ

ଯାଜପୁର,୯ ।୨ :(ମନ୍ଥନ)ଶ୍ରୀବିରଜା ସେବା ସମିତିର ଏକ ସ୍ୱତନ୍ତ୍ର ବୈଠକ ଚଳିତ ମାସ ୮ ତାରିଖ ସଭାପତି ବିଶ୍ୱମ୍ଭର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ସ୍ତୋତ୍ରପାଠ କରିବା ପରେ ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ ଗତ ବୈଠକର ବିବରଣୀ ପାଠ କରିଥିଲେ । ଉପସଭାପତି ପ୍ରମୋଦ କୁମାର ଦ୍ୱିବେଦୀ ସଭାକୁ ଜଣାଇଥିଲେ ଯେ ଆର୍ଥିକ ଅନଗ୍ରସର ବ୍ରାହ୍ମଣ ପିଲାଙ୍କ ଗଣ ବ୍ରତୋପନୟନ ଆସନ୍ତା ଫେବୃଆରୀ ୨୨ ତାରିଖ ରବିବାର ଅନୁଷ୍ଠିତ ହେବ । ସଭ୍ୟ ବ୍ରହ୍ମାନନ୍ଦ ସ୍ୱାଇଁ ପିଲାମାନଙ୍କ ଠାରୁ ଆଧାର କାର୍ଡ଼ ଆଣି ଦେବା ଲାଗି କୁହାଯାଇଥିଲା । ସଭାପତି ସମସ୍ତ ସଭ୍ୟଙ୍କୁ ବ୍ରତୋପନୟନ ଦିନ ସକାଳ ୯ଘଟିକାରେ ବିରଜା ମନ୍ଦିରରେ ପହଞ୍ଚି କାର୍ଯ୍ୟ ତୁଲାଇବାକୁ ଅନୁରୋଧ କରିଥିଲେ । ବିଭିନ୍ନ ସଭ୍ୟଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଥିଲା । ସଭ୍ୟ ବିରେନ୍ଦ୍ର କୁମାର ମହାନ୍ତି ଦେଇଥିବା ୧ ଲକ୍ଷ ଟଙ୍କା ଓ ସୁଶ୍ରୀ ସୁଚରିତ ରାଉତରାୟ ଦେଇଥିବା ୫୦ ହଜାର ଟଙ୍କାକୁ ଷ୍ଟେଟ୍ ବ୍ୟାଙ୍କରେ ସ୍ଥାୟି ଜମା କରାଯାଇଛି ବୋଲି ସମ୍ପାଦକ ଅବଗତ କରିଥିଲେ । ଉପସ୍ଥିତ ସମସ୍ତ ସଭ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସଭ୍ୟ ଡଃ ହରିଶ୍ଚନ୍ଦ୍ର ପଣ୍ଡା, ଅମୀୟ କୁମାର ପତି, ବୃନ୍ଦାବନ ସ୍ୱାଇଁ, ବ୍ରହ୍ମାନନ୍ଦ ସ୍ୱାଇଁ, ବିଷ୍ଣୁ ଚରଣ ଲେଙ୍କା, ନୃସିଂହ ଚରଣ ମହାପାତ୍ର, ଗଦାଧର ରାଉତ, ହରିହର ବେହେରା, ରାମକୃଷ୍ଣ ବେହୁରିଆ, ଭରତ କୁମାର ସାହୁ, ଜଗତ୍ ନାୟକ, ଶ୍ରୀକୃଷ୍ଣ ଚନ୍ଦ୍ର ମିଶ୍ର, ବିରଜାପ୍ରସାଦ କର, ଲକ୍ଷ୍ମୀନାରାୟଣ ପତି, ସଂଜୟ କୁମାର ସାହୁ, ମଳୟ କୁମାର ପଣ୍ଡା ଯୋଗଦେଇଥିଲେ । ସମସ୍ତ ନୂତନ ସଭ୍ୟଙ୍କୁ ସ୍ୱାଗତ କରାଯାଇଥିଲା । ଶେଷରେ ବରିଷ୍ଠ ସଭ୍ୟ ନୃସିଂହ ଚରଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।





'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ବାଚ୍‌ସ୍ପତି ଓ ନିରପେକ୍ଷତା

ସଂସଦୀୟ ଗଣତାନ୍ତ୍ରିକ ରାଷ୍ଟ୍ରରେ ବାଚ୍‌ସ୍ପତି ଏକ ସ୍ୱତନ୍ତ୍ର ଆସନର ଅଧିକାରୀ ଓ ଲୋକସଭାରେ ବାଚ୍‌ସ୍ପତି ଓ ରାଜ୍ୟସଭାରେ ଅଧ୍ୟକ୍ଷ ସଂସଦର ପରିଚାଳନାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାନ୍ତି ଓ ସାଧାରଣତଃ ଏହି ଦୁଇ ଜଣ ମୁଖ୍ୟ ପଦାଧିକାରୀ ସଦନର ସୁପରିଚାଳନା ଦାୟିତ୍ୱ ନିର୍ବାହ କରିଥାନ୍ତି ଓ ସମ୍ବିଧାନର ବ୍ୟବସ୍ଥା ଅନୁସାରେ ଆସନ ଅଳଙ୍କୃତ କରିବା ପରେ ଉଭୟ ଶାସକ। ପ୍ରତିପକ୍ଷକଙ୍କୁ ବିଭିନ୍ନ ପ୍ରସଙ୍ଗ ଉପରେ ସେମାନଙ୍କର ମତ ରଖିବାକୁ ସମାନ ସୁଯୋଗ ଓ ସମୟସୀମା ପ୍ରଦାନ କରିଥାନ୍ତି। ପ୍ରତିପକ୍ଷ ପ୍ରଶ୍ନ ଉଥାପନ କରେ, ସରକାର ଜବାବ ରଖନ୍ତି ।ପ୍ରତିପକ୍ଷ ନିକଟରେ ପ୍ରଶ୍ନ ଉଠାଇବାର ଅଧିକାର ରହିଛି ।ସରକାରଙ୍କ ଉତ୍ତର ଦେବାର ପରମ୍ପରା ରହିଛି । ସରକାର ଉତ୍ତର ଦେବାରେ ଟାଳଟୁଳ ନୀତି ଗ୍ରହଣ କଲେ କିମ୍ବା ପ୍ରତିପକ୍ଷଙ୍କୁ ପ୍ରଶ୍ନ ପଚାରିବାର ସୁଯୋଗ ନମିଳିଲେ ସଦନରେ ବିଶୃଙ୍ଖଳା,ହୋ ହଲ୍ଲା,ହଟ୍ଟଗୋଳ ଆଦି ହେବା ସ୍ୱାଭାବିକ ଓ ଏଥିପାଇଁ ଅଧିକାଂଶ ସମୟରେ ସଦନ କାର୍ଯ୍ୟରେ ବାଧା ସୃଷ୍ଟି ହୁଏ ଓ ବାଚ୍‌ସ୍ପତି ମୂଳତବି ଘୋଷଣା କରିବାକୁ ବାଧ ହୁଅନ୍ତି ଓ ଘଣ୍ଟା ଘଣ୍ଟା,ଦିନ ଦିନ ଧରି ସଂସଦରେ ଆଚ୍ଛାଳବସ୍ଥା ଲାଗି ରହିଲେ ଜନସାଧାରଣଙ୍କ ଟିକସ ଅର୍ଥ ବରବାଦ ହୋଇଥାଏ । ସଂସଦକୁ ସୁରୁଖୁରୁରେ ଚଳାଇବା ଦାୟିତ୍ୱ କେବଳ ବାଚ୍‌ସ୍ପତିଙ୍କର ନୁହେଁ,ଏଥିରେ ସରକାରଙ୍କ ମଧ୍ୟ ସମାନ ଦାୟିତ୍ୱ ରହିଛି । ସେଥିପାଇଁ ସଂସଦ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ସର୍ବଦଳୀୟ ବୈଠକ ଆମନ୍ତ୍ରଣ କରାଯାଏ ଓ ସରକାର -ପ୍ରତିପକ୍ଷଙ୍କ ମଧ୍ୟରେ କିପରି ଭାବରେ କିଭଳି ଭାବରେ ବୁଝାମଣା ଓ ସମନ୍ୱୟରକ୍ଷା କରାଯାଇପାରିବ ସେ ନେଇ ବିସ୍ତୃତ ଆଲୋଚନା ହୋଇଥା। ସଂସଦ ମଧ୍ୟରେ ବିରୋଧୀ ଦଳର ନେତାଙ୍କୁ ଛାୟା ପ୍ରଧାନମନ୍ତ୍ରୀ କୁହାଯାଏ। ପ୍ରଧାନମନ୍ତ୍ରୀ ଓ ବିରୋଧୀ ଦଳର ନେତାଙ୍କ ମତ ରଖିବାର ସମାନ ଅଧିକାର ରହିଛି । କେବଳ ପ୍ରଧାନମନ୍ତ୍ରୀଙ୍କୁ କହିବାର ସୁଯୋଗ ଦିଆଯିବ। ବିରୋଧୀ ଦଳର ନେତାଙ୍କ ମୁହଁ ବନ୍ଦ କରିଦିଆଯିବ,ଏହା କୌଣସି ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ନୁହେଁ । ଏପରି ହେଲେ,ବାଚ୍‌ସ୍ପତିଙ୍କ ନିରପେକ୍ଷତା ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ । ବିରୋଧୀ ଦଳର ନେତା,ରାହୁଲ ଗାନ୍ଧୀ ବହୁ ପୂର୍ବରୁ ଅଦାନୀ ଓ ଅମ୍ବାନୀଙ୍କ ପ୍ରସଙ୍ଗ ଉଠାଇଛନ୍ତି ଓ ପ୍ରଧାନମନ୍ତ୍ରୀଙ୍କ ସହିତ ତାଙ୍କର କେଉଁ ପ୍ରକାର ସମ୍ପର୍କ ରହିଛି ବୋଲି ଗମ୍ଭୀର ପ୍ରଶ୍ନ ଉଠାଇଛନ୍ତି । କିନ୍ତୁ ତାଙ୍କୁ କହିବାର ସୁଯୋଗ ଦିଆଯାଇ ନାହିଁ । ମାଇକ ବନ୍ଦ କରିଦିଆଯାଇଛି। ସେହିପରି ଫ୍ରାନ୍ସରୁ ରାଫେଲ ଯୁଦ୍ଧ ବିମାନ କିଣାରେ ଅନିୟମିତତା, ଇସ୍ରାଏଲରୁ ଗୁଇନ୍ଦାଗିରି ପାଇଁ ପେଗସସ ସଫ୍ଟୱେୟରର କ୍ରୟ,କୃଷକମାନଙ୍କ ବିରୋଧରେ କଳା ଆଇନ ଆଦି ଏପରି ଅନେକ ପ୍ରଶ୍ନବାଣରେ ସରକାରଙ୍କୁ ଘାଇଲା କରିଛନ୍ତି ରାହୁଲ ଗାନ୍ଧୀ । ସେହିପରି ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଇ ଏହାକୁ ଅଧିକ ସଂକୁଚିତ କରିବା, ନିର୍ବାଚନ ଆୟୋଗକୁ ହାତବାରିସୀ କରି ଭୋଟର ତାଲିକା ସଂଶୋଧନ କରାଇବା ପ୍ରକ୍ରିୟାକୁ ରାହୁଲ ଗାନ୍ଧୀ ଦୃଢ ବିରୋଧ କରିବା ସହିତ ଏହାକୁ ଖୋଲାଖୋଲି ଭୋଟ ଚୋରି ବୋଲି ଆରୋପ ଲଗାଇଛନ୍ତି। ଚଳିତ ଅଧିବେଶନରେ ଜଣେ ପୂର୍ବତନ ସେନାମୁଖ୍ୟଙ୍କ ପୁସ୍ତକରେ ଚୀନ ସେନାର ସାମ୍ନା କରିବା ପ୍ରସଙ୍ଗ ନେଇ ସରକାରଙ୍କ ପଛଘୁଞ୍ଚା ନୀତି ନେଇ ବିରୋଧୀ ଦଳର ନେତା ସରକାରଙ୍କୁ ଘେରିଛନ୍ତି ।ସରକାର ଏହି ପୁସ୍ତକ ପ୍ରକାଶନ ଉପରେ ରୋକ ଲଗାଇ ସତକୁ ଲୁଚାଇବାକୁ ଚେଷ୍ଟା କରିଛନ୍ତି । ବାଚ୍‌ସ୍ପତି ଏହି ପ୍ରସଙ୍ଗରେ ରାହୁଲ ଗାନ୍ଧୀଙ୍କୁ କହିବାକୁ ଅନୁମତି ନଦେବାରୁ ସଂସଦରେ ପ୍ରବଳ ହାଙ୍ଗାମା ଦେଖିବାକୁ ମିଳିଛି ଓ ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଓ ରାଜ୍ୟସଭାରେ ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ କହିବାକୁ ସୁଯୋଗ ଦିଆଯାଇ ନାହିଁ । ବାଚ୍‌ସ୍ପତିଙ୍କ ଏପରି ପକ୍ଷପାତ ନୀତି ନିନ୍ଦନୀୟ। ବାଚ୍‌ସ୍ପତି ଦଳୀୟ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ନିରପେକ୍ଷତା ରକ୍ଷା କରିବେ ବୋଲି ଆଶା କରାଯାଉଛି ।

# ସୁସ୍ଥ ଜୀବନର ଆଲୋକ

### ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଆମେ ସମସ୍ତେ ସୁସ୍ଥ ଜୀବନ କାମନା କରୁ। ଉତ୍ତମ ସ୍ୱାସ୍ଥ୍ୟ, ଫିଟନେସ୍, ବଡ଼ିର ସୁନ୍ଦର ଅଙ୍ଗ ସୌଷ୍ଠବ ସହ ଚଳଚଞ୍ଚଳତା ଜଣକୁ ସ୍ୱାସ୍ଥ୍ୟବାନ ଭାବେ ପ୍ରମାଣିତ କରିଥାଏ। ଗତ ଅକ୍ଟୋବର ମାସରେ ବଡିବିଲଡିଂ କ୍ଷେତ୍ରରେ ଅସାଧାରଣ ପ୍ରତିଭା କୁହାଯାଉଥିବା କିମ୍ବଦନ୍ତୀ ବରେନ୍ଦର ସିଂହଙ୍କ ହୃଦଘାତ ଜନିତ ମୃତ୍ୟୁ ତାଙ୍କର ଅନେକ ପ୍ରଶଂସକ ଓ ଅନୁଗାମୀଙ୍କୁ ଦୁଃଖ ପହଞ୍ଚାଇଛି। ବରେନ୍ଦର ସିଂହ ଜଣେ ଫିଟନେସ୍ ଆଇକନ ଭାବେ ପ୍ରତିଷ୍ଠିତ ଓ ଅସାଧାରଣ କୃତୀତ୍ୱ ଭାବେ ବିଶେଷକରି ପେଷାଦାର ବଡ଼ି ବିଲଡିଂ କ୍ଷେତ୍ରରେ ସେ ଜଣେ ଶୀର୍ଷତମ ସ୍ୱୀକୃତି ପାଇଥିଲେ। ଅନେକ ପୃଥିବୀ ପ୍ରସିଦ୍ଧ ନାମୀ ଦାମୀ କମ୍ପାନୀର ସିଏ ବ୍ରାଣ୍ଡ ଆମ୍ବସଡ଼ର ଥିଲେ। ସୁତରାଂ ଘୁମନଙ୍କ ଦେହାବସାନ ପରେ ଉତ୍ତମ ସ୍ୱାସ୍ଥ୍ୟ, ଫିଟନେସ ଓ ବଡ଼ ବିଲଡିଂ ଭଳି ବିଷୟକୁ ନେଇ ସାମାଜିକ ଗଣମାଧ୍ୟମରେ ତୃଣମୂଳ ଆଲୋଚନା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ଉପର ବର୍ଣ୍ଣିତ କ୍ଷେତ୍ରଗୁଡ଼ିକୁ ଘୋଟି ରହିଥିବା ବିଭ୍ରାନ୍ତି ଏବଂ ଭ୍ରାନ୍ତ ଧାରଣାକୁ ଦୂର କରିବା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ, କାରଣ ସୁନ୍ଦର ଅଙ୍ଗ ସୌଷ୍ଠବ ଆହରଣର ମାୟାରେ ସମ୍ମୋହିତ ଏକ ବିଶାଳ ବର୍ଗ ପାସୋରି ଯାଇଛନ୍ତି ଯେ ଏହା ସର୍ବଦା ଉତ୍ତମ ସ୍ୱାସ୍ଥ୍ୟ ବା ଫିଟନେସର ପରିଚାୟକ ହୋଇ ନଥାଏ।

ଉତ୍ତମ ସ୍ୱାସ୍ଥ୍ୟ ବୋଇଲେ ଏକ ନିରୋଗ ଜୀବନ, ଯାହା ଏକାଧିକ କାରଣରୁ ସମ୍ଭବ ହୋଇପାରେ, ଯେମିତି କି ଶୃଙ୍ଖଳିତ ଓ କର୍ମଠ ଜୀବନଯାପନ, ମାନସିକ ଚାପକୁ ସୀମିତ କରି ରଖିବାର ସାମର୍ଥ୍ୟ, ଜନ୍ମଗତ ଭାବେ ଆଦୃତ ଜେନେଟିକ ବା ଆନୁବଂଶିକ ଉପହାର ଇତ୍ୟାଦି। କିଛି ଲୋକ ହୁଏତ ସେମାନଙ୍କ ଦୈନନ୍ଦିନ ସ୍ୱାଭାବିକ କାର୍ଯ୍ୟକଳାପରେ ଶରୀର ଚାଳନାକୁ ମହତ୍ୱ ଦେଇ ଅତିରିକ୍ତ ବ୍ୟାୟାମ ଲୋଡ଼ି ନଥାନ୍ତି, କିନ୍ତୁ ଯନ୍ତ୍ର ନିର୍ଭର ସାଂପ୍ରତିକ ସମୟରେ ଅତ୍ୟନ୍ତ ନିଷ୍କ୍ରିୟ ଓ ସ୍ଥାଣୁ ଜୀବନଯାପନ କରୁଥିବା ଅଧିକାଂଶ ଲୋକଙ୍କ ଲାଗି ବ୍ୟାୟାମ ଅପରିହାର୍ଯ୍ୟ ଏ ନେଇ କୌଣସି ଦ୍ୱିମତ ନାହିଁ। ଏହି କାରଣରୁ ସଂପ୍ରତି ଆମ ଦେଶରେ ଲକ୍ଷ ଲକ୍ଷ ଲୋକ ଜିମନାସିଅମ ବା ଜିମ୍‌ରେ ନିୟମିତ ବ୍ୟାୟାମରେ ବ୍ରତୀ ହୋଇ ଉତ୍ତମ ସ୍ୱାସ୍ଥ୍ୟର ଆଲୋକିତ ଇଲାକାରେ ପ୍ରବେଶ କରିବାକୁ ବ୍ୟଗ୍ର। ଏଭଳି ଚାହିଦାର ସୁଯୋଗ ନେଇ ଏକ ଅତ୍ୟନ୍ତ ବିଶାଳ ବ୍ୟବସାୟ ମଧ୍ୟ ସୃଷ୍ଟି ହେଲାଣି, ଯାହାର ଅତିକାୟତା କେବଳ ଏଥିରୁ ହୃଦବୋଧ କରି ହେବ ଯେ ୨୦୨୪ ମସିହାରେ ଆମ ଦେଶରେ ଫିଟନେସ ଉଦ୍ୟାଗର ମୂଲ୍ୟ ଥିଲା ୧.୯୪ ବିଲିଅନ ଡଲାର (୧୬,୨୦୦ କୋଟି ଟଙ୍କା), ଜିମ୍ ବ୍ୟାୟାମ ଉପକରଣ ଏବଂ ନ୍ୟୁଟ୍ରିସନ ଓ ସପ୍ଲିମେଣ୍ଟ (ପ୍ରୋଟିନ ପାଉଡର ବା କ୍ରିଏଟିନ ବା ଷ୍ଟେରୋଏଡ଼) ଇତ୍ୟାଦିର କାରବାର ମୂଲ୍ୟ ଥିଲା ଯଥାକ୍ରମେ ୪୯୦.୬୩ ମିଲିଅନ ନିୟୁତ, ୪.୮୮ ବିଲିଅନ ଏବଂ ୧.୭୯ ବିଲିଅନ ଡଲାର (ଡେଲଏଟ ଇଣ୍ଡିଆ ଫିଟନେସ ମାର୍କେଟର ରିପୋର୍ଟ-୨୦୨୫)। ଅନୁମାନ କରାଯାଉଛି ଯେ ଏହି ଉଦ୍ୟୋଗର ଆକାର ୨୦୩୦ ମସିହା ସୁଦ୍ଧା ୨ଗୁଣ ହୋଇଯାଇପାରେ। କିନ୍ତୁ ଏଭଳି ସ୍ଥଳେ ପ୍ରଶ୍ନଟିଏ ଉଠିଥାଏ ଯେ ଏଭଳି ସୂତ୍ରରେ ଉତ୍ତମ ସ୍ୱାସ୍ଥ୍ୟ ଓ ଫିଟନେସ ଲାଭ କରିବାର କୌଣସି ଗ୍ୟାରେଣ୍ଟି ଥାଏ କି ?

ପ୍ରକୃତ କଥା ହେଲା ଯେ ଜଣେ ନିୟମିତ ଜିମ ଗମନକାରୀ ଓ ବ୍ୟାୟାମକାରୀଙ୍କ ପକ୍ଷରେ ଉତ୍ତମ ସ୍ୱାସ୍ଥ୍ୟ କି ଫିଟନେସ ଲାଭ କରିବା ନିର୍ଭର କରିବ ସେହି ବ୍ୟକ୍ତିଙ୍କ ଆଭିମୁଖ୍ୟ ଓ ଆଚରଣ ଉପରେ, ଅର୍ଥାତ୍ ତାଙ୍କ ଲକ୍ଷ୍ୟ କ'ଣ ଏବଂ ପ୍ରକୃତରେ ସେ କ'ଣ ହେବାକୁ ଉଦଗ୍ରୀବ, ତା' ଉପରେ। ଧରି ନିଆଯାଉ ମେଦବହୁଳତା ହ୍ରାସ କରିବା ଲାଗି ଜିମକୁ ଯାଇଥିବା ଜଣେ ଯୁବକ ତହିଁରେ ସଫଳ ହେବା ପରେ ନିଜ ଶରୀରକୁ ସେହିଭଳି ରଖିବାରେ ସନ୍ତୁଷ୍ଟ ନ ହୋଇ ସେହି ଜିମରେ ବିଚରଣ କରୁଥିବା ଅତି ମାନବୀୟ ଭାବେ ବପୁବନ୍ତ ମାନଙ୍କ ଦ୍ୱାରା ବିମୋହିତ ହୋଇ ହୁଏତ ସେମାନଙ୍କ ମଧ୍ୟରୁ ଜଣେ ହେବାକୁ ଚାହିଁପାରେ। କିନ୍ତୁ ସେ ଭଳି ହୋଇପାରିବା ପଛରେ ଥିବା ଦୀର୍ଘକାଳୀନ ସଘନ ଶ୍ରମ ସକାଶେ ଧୈର୍ଯ୍ୟ ନ ଦେଖାଇ ଦ୍ରୁତ ସଫଳତା ନିମନ୍ତେ ଅର୍ବାଚୀନ ଓ ଅନେକ ସମୟରେ ଅଜ୍ଞ ଜିମ ପ୍ରଶିକ୍ଷଣଙ୍କ ପରାମର୍ଶ ଅନୁସାରେ ଶୃଙ୍ଖଳାହୀନ ଭାବେ ମାତ୍ରାଧିକ ମାଂସପେଶୀ ବର୍ଦ୍ଧକ ଷ୍ଟେରୋଏଡ଼ ବା ସପ୍ଲିମେଣ୍ଟ ଆଦି ସେବନ କରି ଶରୀର ସୂକ୍ଷ୍ମ ବ୍ୟବସ୍ଥାକୁ ଉଜାଡ଼ି ଦେଇପାରେ। ଏବଂ ବିଡ଼ମ୍ବନାଟି ହେଲା ଆଇନାରେ ସୁନ୍ଦର ଭାବେ ପ୍ରସ୍ଫୁଟିତ ଶରୀର ସୌଷ୍ଠବ ଦେଖି ସେ କିଭଳି ଫିଟ ତାହା ଭାବି ଆତ୍ମହରା ହେଉଥିବା ବେଳେ ତା ଶରୀରାଭ୍ୟନ୍ତରଟି ତା ଅଲକ୍ଷ୍ୟରେ ଭୁଶୁଡ଼ି ପଡ଼ିବା ଭଳି ସ୍ଥିତିକୁ ଆସିଯାଇଥାଇପାରେ। ଦୁର୍ଭାଗ୍ୟର ବିଷୟ ଯେ ସଂପ୍ରତି ଅସଂଖ୍ୟ ଅସଚେତନ ଯୁବକଯୁବତୀଙ୍କ ଲାଗି ଏହା ହିଁ ଗଣମାଧ୍ୟମରେ ପ୍ରଭାବ ବିସ୍ତାରକାରୀ ଭାବେ ସେମାନେ ଭରପୁର। ଅବଶ୍ୟ, ପେସାଦାର ପୋଖତ ବଡ଼ି ବିଲଡରମାନେ ଷ୍ଟେରୋଏଡ଼ ଓ ସପ୍ଲିମେଣ୍ଟ ନିଅନ୍ତି କିନ୍ତୁ ପ୍ରାୟତଃ ଗବେଷଣାଲବ୍ଧ ଜ୍ଞାନ, ଶୃଙ୍ଖଳା ଓ ଚିକିତ୍ସାବିଜ୍ଞାନୀ ମାନଙ୍କ ଉପଦେଶର ଅନୁସରଣ କରନ୍ତି, ତଥାପି ମାତ୍ରାଧିକତା ହେତୁ ଅନେକ କିମ୍ବଦନ୍ତୀୟ ବଡ଼ି ବିଲଡ଼ର ଯୌବନରେ ଅକର୍ମଣ୍ୟ ହୋଇଯାଇଛନ୍ତି, ଯେମିତି ରନି କଲମାନ ବା ଅକାଳରେ ମୃତ୍ୟୁ ଲଭିଛନ୍ତି ଯେମିତି ଡାଲାସ ମାକାର୍ଭର।

ହୃତପିଣ୍ଡର ଆକାର ବୃଦ୍ଧ ପାଇବା ଭଳି ସ୍ଥିତିକୁ ଡାକ୍ତରୀ ଭାଷାରେ କୁହାଯାଏ ଲେଫଟ ଭେଂଟ୍ରିକୁଲାର ହୋଇପୋଟ୍ରୋଫି, ଯାହା ସମସ୍ତ ଖେଳାଳି, ସନ୍ତରଣକାରୀ ଓ ନିୟମିତ ବ୍ୟାୟାମକାରୀଙ୍କ ଠାରେ ଦେଖାଯାଇଥାଏ। ଏହାର କାରର ଦୌଡ଼ାଦୌଡ଼ି ଓ ବ୍ୟାୟାମ ଆଦି ହେତୁ ଅଧିକ ସଂଚାଳିତ ହେଉଥିବା ହୃତପିଣ୍ଡ ସ୍ୱୟଂ ଏକ ମାଂସପେଶୀ ହୋଇଥିବାରୁ ସ୍ୱାଭାବିକ ଭାବେ ସ୍ଫୀତ ହୋଇଯାଏ, ଯାହା କିନ୍ତୁ ଚିନ୍ତାର କାରଣ ହୋଇ ନଥାଏ। କିନ୍ତୁ ଯଦି ରୋଗ କିମ୍ବା ଔଷଧ ଇତ୍ୟାଦି ଭଳି କାରଣରୁ ଏଭଳି ସ୍ଥିତି ଉପୁଜେ, ତେବେ ତାହା ଉଦବେଗର କାରଣ ହୁଏ। ଡାଲାସ ମାକାର୍ଭରଙ୍କ ଭଳି ଅନେକ ସୁଖ୍ୟାତ ପେସାଦାର ବଡ଼ି ବିଲଡ଼ର ପ୍ରତିଦ୍ୱନ୍ଦ୍ୱିତାରେ ଜିତିବାର ଆଗ୍ରହାତିଶଯ୍ୟରେ ଆନାବୋଲିକ ଷ୍ଟେରୋଏଡ଼ର ମାତ୍ରାଧିକ ବ୍ୟବହାର କରି ମାଂସପେଶୀ ସ୍ଫୀତ କଲାବେଳକୁ ହୃତପିଣ୍ଡର ଆକାର ବୃଦ୍ଧି ପାଇବା ସହିତ ନମନୀୟତାରେ ହ୍ରାସ ଘଟି ବିପଜ୍ଜନକ ସ୍ଥିତି ସୃଷ୍ଟି କରିଥାଏ। କିନ୍ତୁ ଏହି କାରଣରୁ ଜିମ ବା ନିୟମିତ ବ୍ୟାୟାମ ସନ୍ଦେହର ପାତ୍ର ହେବା ସଂପୂର୍ଣ୍ଣ ଅଯୌକ୍ତିକ ଏବଂ ଯାହା ଦୋଷଦୁଷ୍ଟ ହେବାକୁ ଯୋଗ୍ୟ ତାହା ହେଲା ଅଜ୍ଞତା, ସାଧାରଣ ବୋଧର ଅଭାବ ଏବଂ ମାତ୍ରାତିରିକ୍ତତା।

ଆମେ ସମସ୍ତେ ସୁସ୍ଥ ଓ ନିରୋଗ ଜୀବନ କାମ୍ୟ କରୁଥିବାବେଳେ ଶରୀର ନିମିତ୍ତ ମାତ୍ରାତିରିକ୍ତ ଆଗ୍ରହ ଓ ପଦକ୍ଷେପ ଅନ୍ତରାୟ ସୃଷ୍ଟି କରିଥାଏ। ଦୀର୍ଘାୟୁ ହେବାପାଇଁ ସର୍ବପ୍ରଥମ ଆବଶ୍ୟକତା ହେଲା ଖାଦ୍ୟପେୟ ଶୃଙ୍ଖଳା, ବ୍ୟାୟାମ, ଆନନ୍ଦମୟ ଜୀବନ ଓ ଗୁରୁଙ୍କ ପ୍ରତି ସମର୍ପଣ। ଗୁରୁ ବା ପଥପ୍ରଦର୍ଶକଙ୍କ ଦିବ୍ୟ ବାଣୀ, ସତସଙ୍ଗ ଏବଂ ନିଜ ଜୀବନର ବାସ୍ତବବାଦୀ ଲକ୍ଷ୍ୟ ସ୍ଥିର କରି ତାହା ପୂରଣ କରିବା ନିମିତ୍ତ ପ୍ରୟାସ କରିବା ଉଚିତ। ସୁସ୍ଥ ଜୀବନର ଆଲୋକ ଆମ ସମସ୍ତଙ୍କ ପାଇଁ ଆଜି ଦିନର ସ୍ୱାସ୍ଥ୍ୟ ଅନୁଚିନ୍ତନ ହେଉ।

ପ୍ରତିରକ୍ଷିକ ଓ ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ସରକାରୀ ଗ୍ରାମ୍ୟ ଜଙ୍ଗଲର ଭବିଷ୍ୟତ

### ଶ୍ରୀଧର କୁମାର ରାଉଳ

ଓଡ଼ିଶାରେ ଲୋକପ୍ରିୟ ଡବଲ ଇଞ୍ଜିନ ସରକାର ଆସିବା ପରେ ରାଜ୍ୟବାସୀ ଅନେକ ବିକାଶକୁ ଦେଖୁଛନ୍ତି। ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାକୁ ପୂର୍ବୋଦୟ ବିକାଶର ପ୍ରାଥମିକ କେନ୍ଦ୍ର ଭାବେ ଗୁରୁତ୍ୱ ଦେଇଥିବାରୁ ଏହାର ସମ୍ଭାବନା ଅନେକ ବଢ଼ିଯାଇଛି। ଓଡ଼ିଶାର ପ୍ରାକୃତିକ ସମ୍ପଦ ଭିତରେ ବ୍ୟାପକ ଜଙ୍ଗଲ, ବୃକ୍ଷରାଜୀ ହେଉଛି ଓଡ଼ିଶାର ଗର୍ବ ଓ ଗୌରବ। ଭାରତ ବର୍ଷରେ ବିଭିନ୍ନ ରାଜ୍ୟରେ ସ୍ଥାନୀୟ ଗ୍ରାମ୍ୟ ଜଙ୍ଗଲ ପୁନର୍ଦ୍ଧାର ଓ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇ ସ୍ଥାନୀୟ ଅଞ୍ଚଳରେ ସବୁଜ ପରିବେଶ ସୃଷ୍ଟି କରିବାରେ ସମର୍ଥ ହେଉଛନ୍ତି। ତେବେ ଏକ୍ଷେତ୍ରରେ ଓଡ଼ିଶା ଏକ ପଛୁଆ ରାଜ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ। ଓଡ଼ିଶାରେ ଅନେକ ଗ୍ରାମ୍ୟ ଜଙ୍ଗଲରେ ପ୍ରାକୃତିକ ଓ ଔଷଧୀୟ ଉଦ୍ଭିଦ ସବୁ ରହିଛି ଯାହାକି ଓଡ଼ିଶାବାସୀଙ୍କ ପାଇଁ ଅମୃତ ସଞ୍ଜିବନୀ ସଦୃଶ। ତେବେ ବଡ଼ ଦୁଃଖର କଥା କିଛି ଜଙ୍ଗଲ ମାଫିଆ ସରକାରୀ ଗ୍ରାମ୍ୟ ଜଙ୍ଗଲକୁ ଲୋପ କରିବାକୁ ବସିଲେଣି। କେବଳ ସେତିକି ନୁହେଁ ସରକାରଙ୍କ ରାଜସ୍ୱ ହାନି କରିବା ସହ ପରିବେଶ ଜନିତ ଅନେକ କ୍ଷୟକ୍ଷତି ମଧ୍ୟ କରୁଛନ୍ତି।

ଓଡ଼ିଶା ସରକାର ସରକାରୀ ଜମି ଜବରଦଖଲକାରୀଙ୍କୁ ନିବୃତ୍ତ କରିବା ସହ ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନେଉଛନ୍ତି। ଓଡ଼ିଶା ଏପରି ଏକ ରାଜ୍ୟ ଯାହାର ପ୍ରାକୃତିକ ବିଭବ ଏକ ଅମୂଲ୍ୟ ସମ୍ପତ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। ଓଡ଼ିଶାରେ ବିସ୍ତୀର୍ଣ୍ଣ ଜଙ୍ଗଲ ଓ ପ୍ରାକତିକ ଛୋଟ ଛୋଟ ସବୁଜିମା ବୃକ୍ଷରାଜି ଆମ୍ଭ ମାନଙ୍କୁ କେବଳ ଅକ୍ସିଜେନ ଯୋଗାଉ ନାହିଁ ବରଂ ଏହା ଅନେକ ପରିବାରର ରୋଜିରୋଟି ପାଇଁ ସମର୍ଥ ହେଉଛି। ତେବେ ଏହିପରି କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଓ ଅଭାବନୀୟ ଘଟଣା ପ୍ରଶାସନ ନଜରରେ ପଡ଼ିପାରୁନାହିଁ। କଟକ ସହରର ସନ୍ନିକଟରେ ରହିଛି କୟଲପଡ଼ା ଓ ପାଟଣା ସାହି ଯାହାକି ୱାର୍ଡ଼ ନଂ ଦୁଇ ଅନ୍ତର୍ଗତ। ଏହି ଅଞ୍ଚଳର ପ୍ରାକୃତିକ ସମ୍ବଳ କହିଲେ ପାଖାପାଖି ପଚାଶ ଏକରର ସରକାରୀ ଜମିରେ ରହିଛି ଗ୍ରାମ୍ୟ ଜଙ୍ଗଲ। ଏହି ଗ୍ରାମ୍ୟ ଜଙ୍ଗଲଟି ସରକାରଙ୍କ ବିଧିବଦ୍ଧ ପ୍ଲଟ ନଂ -ଆଠଶହ ଶୋହଳ, ଆଠଶହ ସତର ଓ ଆଠଶହ ପଅଁଷଠୀରେ ଅନ୍ତର୍ଭୁକ୍ତ ହୋଇଛି। ଏହି ଗ୍ରାମ୍ୟ ଜଙ୍ଗଲର ନିର୍ଦ୍ଦିଷ୍ଟ କିଛି ପ୍ଲଟ ପୁରୁଣା କଟକ ସମ୍ବଲପୁର ରାସ୍ତାର ଉତ୍ତର ଦିଗରେ ଅବସ୍ଥିତ। ଏହି ଗ୍ରାମ୍ୟ ଜଙ୍ଗଲରେ ରହିଛି ଅନେକ ଫଳନ୍ତି ଆମ୍ବଗଛ, ପଣସ ଗଛ, ଜଙ୍ଗଲିଆ ଗଛ ଓ ଔଷଧୀୟ ଗୁଣ ଥିବା ଦୁର୍ଲ୍ଲଭ ବୃକ୍ଷରାଜି। ସବୁଠାରୁ ବଡ଼ କଥା ହେଉଛି ଏହି ଗ୍ରାମ୍ୟ ଜଙ୍ଗଲ ଜମିରେ ପାଟଣା ସାହିର ବର୍ଷାଜଳ ନିଷ୍କାସିତ ହୋଇଥାଏ। ତେବେ ଦୁର୍ଭାଗ୍ୟର ବିଷୟ କିଛି ଜମି ମାଫିଆ ଗ୍ରାମର ସରକାରୀ ଜମି ଓ ଗ୍ରାମ୍ୟ ଜଙ୍ଗଲକୁ ହଡ଼ପ କରିବା ଉଦ୍ଦେଶ୍ୟରେ ବିଭିନ୍ନ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ଏ ନେଇ ପୂର୍ବରୁ ସ୍ଥାନୀୟ ଟାଙ୍ଗୀ ଚୌଦ୍ୱାରର ତହସିଲଦାର ଓ ସରକାରଙ୍କ ଉଚ୍ଚପଦସ୍ଥ କର୍ମକର୍ତ୍ତାଙ୍କୁ ମୌଖିକ ଭାବେ ଅଭିଯୋଗ କରି ଆସୁଛୁ। ତେବେ ଏ ସବୁ ସତ୍ତ୍ୱେ ଗତ ଡିସେମ୍ବର ଅଠେଇଶ ତାରିଖ ଦିନ ସିମିଳି ହାଣ୍ଡ ଗ୍ରାମର ଦିଲ୍ଲୀପ ନାୟକ ଗ୍ରାମ୍ୟ ଜଙ୍ଗଲରୁ ଅନେକ ଫଳନ୍ତି ଆମ୍ବଗଛ, ପଣସ ଗଛ ସହ ଦୁଷ୍ପ୍ରାପ୍ୟ ଔଷଧୀୟ ଗଛ ଗୁଡ଼ିକୁ କାଟି ନେଇ ଯାଇଛି। ବଜାରରେ ଯାହାର ମୂଲ୍ୟ ଲକ୍ଷାଧିକରୁ ଉର୍ଦ୍ଧ୍ୱ ହେବ। ତେବେ ଦୁର୍ଭାଗ୍ୟ ଜନକ ପ୍ରସଙ୍ଗ ହେଉଛି ଗଛ କାଟିବା ପରେ ପାଖାପାଖି କୋଡ଼ିଏ ଟ୍ରିପରୁ ଉର୍ଦ୍ଧ୍ୱ ହାଇୱା ପଥର କ୍ରସର ଗୁଣ୍ଡ ସେ ସ୍ଥାନରେ ପକାଇ ବର୍ଷାଜଳ ନିଷ୍କାସିତ ହେଉଥିବା ନାଳକୁ ପୋତି ଦେଇଛନ୍ତି। ଏ ପ୍ରସଙ୍ଗରେ ସ୍ଥାନୀୟ ଗ୍ରାମବାସୀ ଦେବେନ୍ଦ୍ର ରାଉଳ, ରାଜେନ୍ଦ୍ର ବେହେରା, ରଞ୍ଜୁ ପ୍ରଧାନ ଇତ୍ୟାଦି ଅନୁରୋଧ କରିବାରୁ ଅପରାଧି ଶ୍ରେଣୀର ଜମି ମାଫିଆ ଦିଲ୍ଲୀପ ନାୟକ ଦୁର୍ବ୍ୟବହାର କରିବା ସହ ହତ୍ୟା କରିବା ପାଇଁ ଗୋଡ଼ାଇବାରୁ ଆମ୍ଭେମାନେ ପ୍ରକାରାନ୍ତରେ ନୀରବ ରହିବା ପାଇଁ ବାଧ ହେଲୁ।

ବର୍ତ୍ତମାନ ବର୍ଷାଜଳ ନିଷ୍କାସନ ହେଉଥିବା ନାଳଟି ଅବରୋଧ ହୋଇଯାଇଥିବାରୁ ଜଳବନ୍ଦୀ ସମସ୍ୟା ଦେଖାଯିବା ସହ ପରିବେଶ ମଧ୍ୟ ପ୍ରଦୂଷଣ ହେଉଛି। ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଗ୍ରାମ୍ୟ ଜଙ୍ଗଲକୁ ସର୍ବାଧିକ ସୁରକ୍ଷା ଦେବା ସହ ପରିବେଶ ପ୍ରଦୂଷଣ ଉପରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁଛନ୍ତି। ତେଣୁ ସମ୍ପୃକ୍ତ ଅଞ୍ଚଳର ଧନଜୀବନ ବ୍ୟାହାତ ହେବା ସହ ଦିନକୁ ଦିନ କାଠ ମାଫିଆଙ୍କ ଦୌରାତ୍ମ୍ୟ ବଢୁଥିବାରୁ କିଛି ଦିନ ମଧ୍ୟରେ ଗ୍ରାମ୍ୟ ଜଙ୍ଗଲ ନିଶ୍ଚିନ୍ନ ହୋଇଯିବାର ଭୟ ରହିଛି। ସରକାର ବ୍ୟାପକ ବୃକ୍ଷ ରୋପଣ କରିବା ସହ ଲୋକମାନେ କିପରି ସବୁଜିମାକୁ ଭଲ ପାଇବେ ସେଥି ନିମିତ୍ତ ବ୍ୟାପକ ସଚେତନତା ସୃଷ୍ଟି କରୁଛନ୍ତି। କିନ୍ତୁ ଏକ୍ଷେତ୍ରରେ କିଛି ଅସାମାଜିକ ତତ୍ତ୍ୱଙ୍କ ଦୌରାତ୍ମ୍ୟ ସରକାରଙ୍କ ନିୟମକୁ ମାଡି ମକଚି ଦେଉଛନ୍ତି। ତେଣୁ କୟଲପଡ଼ା ଗ୍ରାମର ପାଟଣା ସାହି ଗ୍ରାମବାସୀ ବୃନ୍ଦ ସମୂହ ଭାବରେ ନିବେଦ କରୁଛନ୍ତି ଯେ ପ୍ରଶାସନ ତୁରନ୍ତ ନିରପେକ୍ଷ ତଦନ୍ତ କରିବା ସହ ଗ୍ରାମ୍ୟ ଜଙ୍ଗଲ କିପରି ସୁରକ୍ଷିତ ରହିବ ଏବଂ ଲୋକମାନେ ଜଳବନ୍ଦୀ ସମସ୍ୟାରୁ ମୁକ୍ତି ପାଇବେ ସେ ଦିଗକୁ ଅନୁଧ୍ୟାନ ସହ ଲୋକମାନଙ୍କ ନିବେଦନକୁ ଗ୍ରହଣ କରିବା ପାଇଁ ସମୂହ ଅନୁରୋଧ।

, କୟଲପଡ଼ା, କଟକ, ଦୂରଭାଷ : ୮୩୩୮୩୬୬୧୦୪

# ବିଦେଶୀ ଗେମ୍ : ସାବଧାନ ଫୋନରେ ଛକିଛି ମୃତ୍ୟୁ

### ଯୁଧିଷ୍ଠିର ମହାରଣା

ସ୍ମାର୍ଟଫୋନ ଦ୍ୱାରା ଅନେକ କାର୍ଯ୍ୟ ସହଜ ହେଉଛି। ଅନଲାଇନ ସପିଂ ଠାରୁ ପେମେଣ୍ଟ ସବୁକିଛି ଫଟାଫଟ ହୋଇଯାଉଛି। ହେଲେ ଏହା ଯୋଗୁଁ ନକରାତ୍ମକ ଘଟଣାର ତାଲିକା ବି ଲମ୍ବିବାରେ ଲାଗିଛି। ମୋବାଇଲ ଗେମ ନିଶା ଏବେ ଘାତକ ସାଜିଛି। କହିବାକୁଗଲେ ଖଳନାୟକ ସାଜି ପିତାମାତାଙ୍କ କୋଳ ଉଜାଡ଼ି ଦେଉଛି। ଫୋନରେ ଯେ ମୃତ୍ୟୁ ଛକି ରହିଛି ତାହା ବୁଝିବା ବେଳକୁ ତାହା ସବୁ ଝାରଖାର ହୋଇଯାଉଛି। ମୋବାଇଲ ଗେମ ପାଇଁ ଉତ୍ତରପ୍ରଦେଶ ଗାଜିଆବାଦରେ ତିନି ନାବାଳିକା ଭଉଣୀ ନଅ ମହଲା କୋଠାରୁ ଡେଇଁ ଆତ୍ମହତ୍ୟା କରିବା ଘଟଣା ପରେ ଓଡ଼ିଶା ପୋଲିସ ଅଭିଭାବକ ମାନଙ୍କୁ ସତର୍କ କରିଛି। ଛୋଟପିଲାଙ୍କୁ ମୋବାଇଲରେ ବିଦେଶୀ ଗେମ ଖେଳୁଥିବାରୁ ସେମାନଙ୍କ ପାଇଁ ତାହା କାଳ ସାଜୁଛି। ତେଣୁ ଗେମ ଦ୍ୱାରା ପରିଚାଳିତ ହୋଇ ସେମାନେ ଆତ୍ମହତ୍ୟା କରୁଛନ୍ତି। ସେଥିପାଇଁ ଛୋଟ ପିଲାଙ୍କୁ ମୋବାଇଲଠାରୁ ଦୂରେଇ ରଖିବାକୁ ପୋଲିସ ଲୋକଙ୍କୁ ବାରଣ କରିଛି। ଅନ୍ୟପଟରେ ଦେଖିବାକୁଗଲେ ସର୍ବପ୍ରଥମେ ପରିବାର ଲୋକ, ଏଥିପ୍ରତି ସଚେତନ ରହିବା ଦରକାର। ପରିବାର ଲୋକ ଶିଶୁଙ୍କୁ ସମୟ ଦେବା ସହ ମୋବାଇଲ ଠାରୁ ଦୂରେଇ ରଖିବା ଦରକାର। ଏଥିସହ ସ୍କୁଲ ଓ କଲେଜରେ ସ୍ୱତନ୍ତ୍ର କାଉନସେଲିଂର ବ୍ୟବସ୍ଥା ରାଜ୍ୟ ସରକାର କରିବା ମଧ୍ୟ ଜରୁରୀ ହୋଇପଡ଼ିଛି।

ଧୀରେ ଧୀରେ ମୋବାଇଲ ପିଲାଙ୍କ ନିଶା ପାଲଟିଗଲାଣି। ଏମିତିରେ ଯେତେବେଳେ ପିଲାଙ୍କ ଠାରୁ ମୋବାଇଲ ଛଡ଼ାଇ ନିଆଯାଉଛି, ସେତେବେଳେ ସେମାନେ ରାଗି ଯାଉଛନ୍ତି। ସେମାନଙ୍କ ଠାରେ ଅସ୍ୱାଭାବିକ ଆଚରଣ ଦେଖିବାକୁ ମିଳୁଛି। ଅନେକ କ୍ଷେତ୍ରରେ ପିଲାଙ୍କୁ ମୋବାଇଲ ଠାରୁ ବାରଣ କଲେ ସେମାନେ ଆତ୍ମହତ୍ୟା କରୁଛନ୍ତି। ବିଶେଷକରି ରାଜଧାନୀରେ ଗୋଟିଏ ବର୍ଷରେ ୧୬ଜଣ ପିଲା ମୋବାଇଲ ବ୍ୟବହାର ବାରଣ ଯୋଗୁ ଆତ୍ମହତ୍ୟା କରିଛନ୍ତି। ମୋବାଇଲ ଗେମ ପାଇଁ ଉତ୍ତରପ୍ରଦେଶ ଗାଜିଆବାଦରେ ତିନି ନାବାଳିକା ଭଉଣୀ ନଅ ମହଲା କୋଠାରୁ ଡେଇଁ ଆତ୍ମହତ୍ୟା କରିବା ଘଟଣା ଏବେ ଅଭିଭାବକଙ୍କସହ ସରକାରଙ୍କୁ ମଧ୍ୟ ଚିନ୍ତାରେ ପକାଇଛି। ସାଇବର ବିଶେଷଜ୍ଞ ଅଭିନାଶ ଗୁରୁଙ୍କ କହିବା ଅନୁସାରେ, ପିଲାଙ୍କ ଉପରେ ପରିବାରଲୋକ ନଜର ରଖିବାର ଆବଶ୍ୟକତା ରହିଛି। ଛୁଆମାନେ ଯେତେ କମ ମୋବାଇଲ ବ୍ୟବହାର କରିବେ ସେତେ ଭଲ। ଛୋଟ ପିଲା ବ୍ୟବହାର କରୁଥିବା ମୋବାଇଲରେ ଫ୍ୟାମିଲ ଲିଙ୍କ ଆପ୍ ଡାଉନଲୋଡ଼ କରିବା ଦରକାର। ଫଳରେ ଯଦି ପିଲାମାନେ କିଛି ଆପ ଡାଉନଲୋଡ଼ କରିବେ ତାହାର ନୋଟିଫିକେସନ ପରିବାର ଲୋକଙ୍କ ପାଖକୁ ଯିବ। ତେଣୁ ଯଥା ସମ୍ଭବ ପିଲାମାନଙ୍କୁ ମୋବାଇଲ ଠାରୁ ଦୂରରେ ରଖନ୍ତୁ। ମା'ବାପାମାନେ ପିଲାମାନଙ୍କୁ ସମୟ ଦିଅନ୍ତୁ। ଖେଳ, ପେଣ୍ଟିଂ ଆଦି କାର୍ଯ୍ୟରେ ପିଲାଙ୍କୁ ନିୟୋଜିତ କରିବା ଉଚିତ।

ବେଳେବେଳେ ଆର୍ଥିକ କ୍ଷତି ଓ ଅବସାଦ ବି ଏଭଳି ହତ୍ୟା ଓ ଆତ୍ମହତ୍ୟାର କାରଣ ସାଜିଥିବା ନଜିର ରହିଛି। କର୍ଣ୍ଣାଟକରେ ୨୦୨୩ ପରଠାରୁ ୩୨ ଆତ୍ମହତ୍ୟା ଘଟଣା ସାମ୍ନାକୁ ଆସିଛି। ଏଥିରୁ ଅଧିକାଂଶ ଅନଲାଇନ ଜୁଆ ଖେଳ ଘଟଣା ସହ ଜଡ଼ିତ। ଅତ୍ୟଧିକ ସୋସିଆଲ ମିଡ଼ିଆ, ଗେମିଂ ଏବଂ ଷ୍ଟ୍ରିମିଂ ପ୍ଲାଟଫର୍ମ ବ୍ୟବହାର ଯୋଗୁଁ ମଧ୍ୟ ଏଭଳି ନକାରାତ୍ମକ ଘଟଣାମାନ ଘଟୁଛି। ୨୦୧୪ରେ ଦେଶରେ ଇଣ୍ଟରନେଟ ସଂଯୋଗ ୨୫.୫ କୋଟି ଥିଲା, ଯାହା ୨୦୨୪ରେ ୯୬.୯୬ କୋଟିରୁ ବଢ଼ିଛି। ଏବେ ପ୍ରତ୍ୟେକ ପରିବାରରେ ଅତିକମରେ ଗୋଟିଏ ସ୍ମାର୍ଟଫୋନ ଥିବା ରିପୋର୍ଟ କହୁଛି। ତେବେ ମୋବାଇଲ ଫୋନର ବ୍ୟବହାର ଆବଶ୍ୟକ ଅନୁସାରେ ହେବା ଉଚିତ। ଅନଲାଇନ ଗେମ, ଜୁଆ ବା ସୋସିଆଲ ମିଡ଼ିଆର ଅତ୍ୟଧିକ ବ୍ୟବହାର ଘାତକ ସାଜୁଛି। ମୋବାଇଲ ଫୋନରେ ସେ ମୃତ୍ୟୁ ଛକିଛି, ସେଥିପ୍ରତି ବ୍ୟବହାରକାରୀ ସତର୍କ ରହିବା ଜରୁରୀ ବୋଲି ବିଶେଷଜ୍ଞମାନେ ଦର୍ଶାଇଛନ୍ତି। ଏବେ ଘରେ ଘରେ ପିଲାଙ୍କ ହାତରେ ମୋବାଇଲ ରହିଥିବା ଦେଖିବାକୁ ମିଳୁଛି। ମୋବାଇଲ ନ ଧରିଲେ ଛୋଟ ପିଲା ଖାଉନାହାନ୍ତି। ପିଲାଙ୍କ ହାତରେ ମୋବାଇଲ ଧରାଇ ଦେଇ ଘରକାମରେ ମା'ବାପା ବ୍ୟସ୍ତ ରହୁଛନ୍ତି। ମା'ବାପା ପିଲାଙ୍କୁ ସମୟ ଦେଉନାହାନ୍ତି। ଫଳରେ ସେମାନେ ମୋବାଇଲକୁ ସାଙ୍ଗ କରୁଛନ୍ତି। ପିଲାମାନେ ସେଥିରେ ଗେମ ଖେଳିବାଠାରୁ ଆରମ୍ଭ କରି ଆର୍ଥିକ ଗେମ ମଧ୍ୟ ଖେଳୁଛନ୍ତି। ଟଙ୍କା ହାରିଯିବା ପରେ ମଧ୍ୟ ଅନେକ ପିଲା ଆତ୍ମହତ୍ୟା କରୁଛନ୍ତି। ସେହିପରି ବିଦେଶୀ ଗେମରେ ମଧ୍ୟ ପିଲାଙ୍କ ଆତ୍ମହତ୍ୟା କରିବା ପାଇଁ ଚ୍ୟାଲେଞ୍ଜ ଦେଉଛନ୍ତି। ପିଲା ଗେମରେ ଅଭ୍ୟସ୍ତ ହୋଇଥିବାରୁ ଚ୍ୟାଲେଞ୍ଜକୁ ଆସେପ୍ଟ କରି ଆତ୍ମହତ୍ୟା କରୁଛନ୍ତି। ବର୍ତ୍ତମାନ ପିଲାଙ୍କ ଠାରୁ ମୋବାଇଲ ସମ୍ପୂର୍ଣ୍ଣ ଭାବେ ଦୂରେଇ ହେବନାହିଁ। କାରଣ ସେମାନେ ପାଠପଢ଼ା ଠାରୁ ଅନେକ ଟ୍ୟାକ୍ସ ମୋବାଇଲ ମାଧ୍ୟମରେ କରୁଛନ୍ତି। ତେଣୁ ମା'ବାପା ସେମାନଙ୍କ ସହ ଯୋଡ଼ିହୋଇ ରହିଲେ ସେମାନେ ଭୁଲ ରାସ୍ତାକୁ ଯାଇ ପାରିବେନାହିଁ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ଦୂରଭାଷ : ୯୪୩୭୧୬୩୫୨୮
E-mail : yudhishthir@redifmail.com

# ଜୀବନ ଯାତ୍ରା

### ଅନୀତା ପଟ୍ଟନାୟକ

ଶ୍ରୀବତ୍ସ ମନରେ ପିଲାଦିନେ ଅନେକ ପ୍ରଶ୍ନ ଆସୁଥିଲା। ଯଥା ରଥଯାତ୍ରା କାହିଁକି ହୁଏ ? ସେ ଏହି ପ୍ରଶ୍ନ ତାର ମା'ଭାଗ୍ୟଲକ୍ଷ୍ମୀଙ୍କୁ ପଚାରିବାରେ ତାର ଉତ୍ତର ତା ମା' କହିଥିଲେ, 'କୃଷ୍ଣ ଗୋକୂଳରୁ ମଥୁରାକୁ ଯାତ୍ରା କରିଥିଲେ। ସେ ଯାତ୍ରା ଏକ ସାଧାରଣ ଯାତ୍ରା ନଥିଲା। ଏକ ବିରାଟ ପଟୁଆରରେ କୃଷ୍ଣ ରଥାରୁଢ଼ ହୋଇ ତାଙ୍କର ଭାଇ ବଳରାମଙ୍କ ସହିତ ଯାତ୍ରା କରିଥିଲେ। ତାର ଏକ ସ୍ମାରକୀ ସ୍ୱରୂପ ରଥଯାତ୍ରା କରାଯାଏ। ଶ୍ରୀବତ୍ସ ତାର ବାପା ଅନିରୁଦ୍ଧଙ୍କୁ ଦିନେ ପଚାରିଥିଲା ଦୟାଭାବ, ଧୈର୍ଯ୍ୟ, ସହିଷ୍ଣୁତା, କ୍ଷମା, ସାହାସ, ଦୃଢ଼ଶକ୍ତି, ନମ୍ରତା ଏହିସବୁ କେଉଁଠାରେ ମିଳିବ ? ରଥଯାତ୍ରା ସମୟରେ ଏସବୁ ଉପଲବ୍ଧି କି ? ତାର ବାପା ଉତ୍ତରରେ କହିଥିଲେ ଏହି ସବୁ ଗୁଣ ଗୁଡ଼ିକ ମଣିଷ ଭିତରେ ଥାଏ। ଜଗନ୍ନାଥଙ୍କ କୃପାରୁ ଓ ତାଙ୍କ ଦର୍ଶନରେ ମନୁଷ୍ୟ ତା ଭିତରେ ଥିବା ଏହି ଦିବ୍ୟ ଗୁଣ ଗୁଡ଼ିକ ବିକଶିତ କରିପାରିଥାଏ। ରଥଯାତ୍ରା ସମୟରେ ଆମ ଭିତରେ ଥିବା ଏଡି ଦିବ୍ୟଗୁଣ ଗୁଡ଼ିକୁ ବିକଶିତ କରିବା ପାଇଁ ସେ ଆମକୁ ପ୍ରେରଣା ଦେଇଥାନ୍ତି।

ରଥଯାତ୍ରା ସମୟରେ ଏତେ ଲୋକଙ୍କର ସମାବେଶ କାହିଁକି ହୋଇଥାଏ ? ରଥ ଉପରକୁ ଯିବା ପାଇଁ ଶିଡ଼ିପରି ଏକ ଜିନିଷ କାହିଁକି ଥୁଆ ହୋଇଥାଏ ? ଏହାର ଉତ୍ତରରେ ତାର ଆଇ ପଦ୍ମଜା କହିଥିଲେ ବିନା ଶିଡ଼ିରେ ଆଧ୍ୟାତ୍ମିକ ଅଗ୍ରଗତି ଅସମ୍ଭବ। ଉଚିତ ସଙ୍ଗତି ମନୁଷ୍ୟ ମଧ୍ୟରେ ଆଧ୍ୟାତ୍ମିକ ଅଗ୍ରଗତିକୁ ଆଗେଇ ନେବାରେ ସହାୟକ ହୋଇଥାଏ। ଜ୍ଞାନୀଗୁଣୀ ଲୋକମାନଙ୍କର ସମାବେଶ ହୋଇଥାଏ। ସେହିପରି ଲୋକ ମାନଙ୍କର ସଙ୍ଗତିରେ ଭକ୍ତମାନେ ଆଧ୍ୟାତ୍ମିକତାର ପାହାଚ ଚଢ଼ି ପାରିଥାନ୍ତି।

ଶ୍ରୀବତ୍ସ ତାର ବାପା ଅନିରୁଦ୍ଧଙ୍କୁ ପଚାରିଲା ପୁରୀରେ ଜଗନ୍ନାଥ, ବଳଭଦ୍ର ସୁଭଦ୍ରାଙ୍କୁ ଦର୍ଶନ ପାଇଁ ଲୋକେ ଗାଡ଼ି, ମଟର, ଉଡାଜାହାଜ, ରିକ୍ସା, ସାଇକେଲ ଓ ପାଦରେ ଚାଲି ଚାଲି ପୁରୀ ଆଡ଼କୁ ଦୌଡୁଥାନ୍ତି। ଏହାର ଉତ୍ତର ରଖି ପଦ୍ମଜା କହିଲେ, ତୁ କେବେ ଜିମ ଯାଇଛୁ ? ଜିମରେ ଦୌଡ଼ିବା ପାଇଁ ଏକ ମେସିନ ଥାଏ। ଲୋକମାନେ ତା ଉପରେ ଠିଆ ହୋଇ ଦୌଡ଼ିଥାନ୍ତି। ମେସିନଟି ଯେଉଁ ଜାଗାରେ ସ୍ଥାପନ କରାଯାଇଥାଏ ତାହା ସ୍ଥିର ଥାଏ। ସେହିପରି ତିନି ଠାକୁର ରତ୍ନସିଂହାସନରେ ସ୍ଥିର ଥିବାବେଳେ ଭକ୍ତମାନେ ତାଙ୍କ ଆଡ଼କୁ ଧାଉଁଥାନ୍ତି। ସେ ଆମକୁ ଜୀବନରେ ସ୍ଥିର ରହିବା ପାଇଁ ସୂଚନା ଦିଅନ୍ତି। ଆମେ ଜୀବନରେ ଆମ ଭିତରେ ଥିବା ଭଗବାନଙ୍କୁ ପାଇବା ପାଇଁ କେବେ ବି ସ୍ଥିର ନ ହୋଇ ସଦାସର୍ବଦା ବାହାରେ ପାଇବା ପାଇଁ ଅସ୍ଥିର ହୋଇ ଦୌଡୁଥାଉ। ପ୍ରତ୍ୟେକ ଭକ୍ତ ଆନନ୍ଦ ପାଇଁ ରଥଯାତ୍ରାରେ ସାମିଲ ହେବା ପାଇଁ ଦୌଡ଼ିଥାଏ। ଗୋବିନ୍ଦ ଯେ କି ରଥାରୁଢ଼ ଜଗନ୍ନାଥ ରୂପରେ ଦର୍ଶନ ଦିଅନ୍ତି, ସେ ତାଙ୍କ ସନ୍ତାନ ମାନଙ୍କୁ ଇନ୍ଦ୍ରିୟଗୁଡ଼ିକୁ ଶୃଙ୍ଖଳିତ କରିବା ପାଇଁ ଓ ଆମର ମନ ଯାହାକି ଆମ ଭିତରେ ରହିଅଛି ତାକୁ ଚିହ୍ନିବା ପାଇଁ ନିର୍ଦ୍ଦେଶ ଦେଇଥାନ୍ତି। ସେ ଆମ ଭିତରେ ଥିବା ଅଜ୍ଞାନତାକୁ ଦୂର କରିବା ପାଇଁ ସୂଚନା ଦିଅନ୍ତି ଓ ତାଙ୍କର ପାଦପଦ୍ମରେ ସଂପୂର୍ଣ୍ଣ ରୂପେ ଶରଣାଗତ ହେବା ପାଇଁ ନିର୍ଦ୍ଦେଶ ଦେଇଥାନ୍ତି। ଯେଉଁମାନେ ଏହି ତତ୍ତ୍ୱକୁ ବୁଝନ୍ତି ଓ ତାଙ୍କର ପାଦପଦ୍ମରେ ସମର୍ପଣ ନିଜକୁ କରିଥାନ୍ତି ଓ ସମଭାବ ଓ ସମଚିତ୍ତରେ ଦର୍ଶନ କରନ୍ତି ଓ ନିଜର ହୃଦୟରେ ମହାପ୍ରଭୁ ଜଗନ୍ନାଥଙ୍କୁ ସ୍ଥାପନା କରନ୍ତି। ସେହିପରି ଭକ୍ତମାନେ ହିଁ ଏହି ପାପତାପ ସଂସାରରୁ ମୁକ୍ତି ଲାଭ କରିଥାନ୍ତି। ଦିନେ ରଥଯାତ୍ରା ସମୟରେ ପୁରୀକୁ ଯାଇଥିବା ବେଳେ ଶ୍ରୀବତ୍ସ ଓ ତାର ପିତାମାତା ଓ ଆଇ ଦୂରରୁ ଗୋବର୍ଦ୍ଧନ ପୀଠରୁ ଭାସି ଆସୁଥିବା ଗୋଟିଏ ଶ୍ଳୋକ ଶୁଣିପାରିଥିଲେ। କିଏ ଜଣେ ଦୃଢ଼ କଣ୍ଠରେ ଏହିପରି ଭାବରେ ଶ୍ଳୋକଟିଏ ବୋଲୁଥିଲା ତାହାଥିଲା - 'ଗୁରୁଚରଣାମ୍ବୁଜ ନିର୍ଭର ଭକ୍ତ, ସଂସାର ଅଚିରାତ ଭବ ମୁକ୍ତ। ସେନ୍ଦ୍ରିୟ ମାନସ ନିୟମାଦେବଂ, ଦ୍ରକ୍ଷସି ନିଜ ହୃଦୟସ୍ଥମ ଦେବ।'

ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ,
କଟକ, ଦୂରଭାଷ : ୯୬୯୨୯୮୦୦୨୬



# ପ୍ରଧାନଶିକ୍ଷୟିତ୍ରୀ ବଦଳି ଓ ମଧ୍ୟାହ୍ନ ଭୋଜନରେ ଅନିୟମିତତା ପ୍ରତିବାଦରେ ବିଦ୍ୟାଳୟ ଗେଟରେ ତାଲା ପକାଇଲେ ଛାତ୍ରଛାତ୍ରୀ ଓ ଅଭିଭାବକ

ବ୍ରହ୍ମଗିର,୯ ।୨ :(ମନ୍ଥନ)ସୋମବାର ଦିନ ପୁରୀ ଜିଲ୍ଲା ବ୍ରହ୍ମଗିରି ବ୍ଲକ ର ପୁଲକେଶ୍ୱରୀ ନୋଡାଲ ଉଚ୍ଚବିଦ୍ୟାଳୟ ଗୋରୁଆ ।ଳ ଗେଟରେ ତାଲା ପକାଇଲେ ଛାତ୍ରଛାତ୍ରୀ । ଅଭିଭାବକ ପ୍ରଧାନଶିକ୍ଷୟତ୍ରୀ ବଦଳି । ମଧ୍ୟାନ ଭୋଜନ ଦୁର୍ନୀତିର CBI ତଦନ୍ତ ଦାବିରେ ବିଦ୍ୟାଳୟ ଗେଟରେ ତାଲା ପକାଇଲେ ପରିଚାଳନା କମିଟି ଓ ଅଭିଭାବକ ବାରମ୍ବାର ଶିକ୍ଷା ଅଧିକାରୀଙ୍କୁ ଅଭିଯୋଗ କରିଆ ।ସୁଥିଲେ ଗ୍ରାମବାସୀ ଜିଲ୍ଲା ଶିକ୍ଷାଧିକାରୀ । ବ୍ରହ୍ମଗିରୀ ବ୍ଲକ ଶିକ୍ଷାଧିକାରୀ କୌଣସି ପଦକ୍ଷେପ ନନେବାରୁ ଅଭିନ ପ୍ରତିବାଦ କଲେ ଛାତ୍ରଛାତ୍ରୀ । ଅଭିଭାବକ ଛାତ୍ରଛାତ୍ରୀଙ୍କ ପ୍ରତି ଶିକ୍ଷକଙ୍କ ଦୁର୍ବ୍ୟବହାର ଓ ମଧ୍ୟାହ୍ନ ଭୋଜନରେ ଅନିୟମିତତା ମୁଖ୍ୟ ମୁଦା ବିଦ୍ୟାଳୟ ବାହାରେ ଛାତ୍ରଛାତ୍ରୀ ଶିକ୍ଷକ ଛିଡା ହୋଇ ରହିଛନ୍ତି । ଘଟଣା ସ୍ଥଳରେ ସଦର ଥାନା ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ ପୁଲକେଶ୍ୱରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି ଓ ଅଭିଭାବକ କୁହନ୍ତି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି କରିବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ବିଦ୍ୟାଳୟର ଶତାଧିକ ଭିଭାବକ । ଏନେଇ ଆମ୍ଭେ ମନେ ଶତାଧିକ ଲୋକଙ୍କ ହସ୍ତଖତ ସମ୍ବଳିତ ଦାବିପତ୍ର ସ୍ଥାନୀୟ ବିଧାୟିକାଙ୍କୁ ଦେଇଥିଲୁ । ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ୨୨/୦୧ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ୨୭/୦୧/ ୨୦୨୬ ପ୍ରଦାନ କରି ଥିଲୁ । ଉକ୍ତ ସପ୍ତାହ ମଧ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ ତାଙ୍କୁ ଅନ୍ୟତ୍ର ବଦଳି ନ କଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବୈଠକ ଠିକ୍ ଭାବେ ବସୁନାହିଁ । ଅଭିଭାବକ ମାନେ ବିଦ୍ୟାଳୟ ରର କୌଣସି ପିଲାଙ୍କ ସମସ୍ୟା ବୁଝି ପାରୁ ନାହାନ୍ତି । କୌଣସି ବିଷୟରେ କିଛି ପଚାରିବାକୁ ଗଲେ ତାହା ଠିକ ନୁହେଁ । ତଦନ୍ତ ହେଲେ ଏହାର ସତ୍ୟକ୍ଷ ସତ ବାହାରିବ । ଏହି ଘଟଣା ସକାଳ ୧୦ ଟା ସମୟରେ ହୋଇଥିଲେ ମଧ ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କ ତରଫରୁ କୌଣସି



ବିଦ୍ୟାଳୟକୁ ଅଚଳ କରାଯିବ ବୋଲି ସେମାନେ ଚେତାବନୀ ଦେଇଥିଲେ । ସେମାନେ ଅଭିଯୋଗ କରିଛନ୍ତି, ବିଦ୍ୟାଳୟରେ ନିମ୍ନମାନର ମଧ୍ୟାହ୍ନ ଭୋଜନ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଉଛି । ପ୍ରତ୍ୟେକ ଦିନ ଅଧିକ ଉପସ୍ଥାନ ଦର୍ଶାଯାଇ ମଧ୍ୟାହ୍ନ ଭୋଜନ ଅର୍ଥ ଆ ।ତ୍ମସାତ କରାଯାଉଛି । ସେହିପରି ଛାତ୍ରଛାତ୍ରୀଙ୍କ ପାଇଁ ଆ ।ସୁଥିବା ଅଣ୍ଡା ଦଳରେ ଫଳ ଦେବାର ନିୟମ ରହିଥିବା ବେଳେ ତାହା ଦିଆ ।ଯାଉ ନାହିଁ । ବିଦ୍ୟାଳୟ ପରିଚାଳନା କମିଟି ବିଦ୍ୟାଳୟ ଫାଟକ ତାଲା ପଡି ରହୁଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୌଣସି ଗୋଟିଏ ହେଲେ ଶ୍ରେଣୀର ପାଠ ପଢାଉ ନାହାନ୍ତି ।ତୁରନ୍ତ ପ୍ରଧାନ ଶିକ୍ଷୟତ୍ରୀଙ୍କୁ ଅନ୍ୟତ୍ର ବଦଳି କରିବାକୁ ଶତାକ ଅଭିଭାବକ ଦାବି କରିଛନ୍ତି । ଏହି ଅଭିଯୋଗ ସମ୍ପର୍କରେ ସଂପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀ ସହ୍ନେଞ୍ଜଲି ସେଠୀ, ପ୍ରତିକ୍ରିୟାରେ କହିଛନ୍ତି ମୋ ବିରୁଦ୍ଧରେ ଆ ।ସିଥିବା ଏକାଧିକ ଅଭିଯୋଗ ମିଛ । ମୁଁ କୌଣସି ଶିକ୍ଷକ ଙ୍କୁ ଅନ୍ୟତ୍ର ବଦଳି କରିନାହିଁ । ଏବଂ ଅଭିଭାବକ ମାନେ ଯାହା କହୁଛନ୍ତି ଅଫିସର ସେଠାକୁ ଆ ।ସିନଥିଲେ । ଘଟଣା ସମ୍ପର୍କରେ ଜିଲ୍ଲା ମୁଖ୍ୟ ଶିକ୍ଷା ଅଧିକାରୀ ଙ୍କୁ ଯୋଗା ଯୋଗ କରିଥିଲେ ମଧ୍ୟ ଯୋଗା ଯୋଗ ମିଳି ପାରିନଥିଲା । ସଦର ଥାନା ଅଧିକାରୀ ସୁନିଲି କୁମାର ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ବା ସହିତ ଛାତ୍ର ଛାତ୍ରୀ ଓ ଅଭିଭାବକ ମାନଙ୍କୁ ବୁଝା ସୁଜା କରିଥିଲେ । ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କ ସହିତ ଯୋଗା ଯୋଗ କରି ଘଟଣାର ତଦନ୍ତ କରିବାକୁ କହିବାରୁ ଦିନ ୨ ଟା ପରେ ଛତ୍ର ଛାତ୍ରୀ ଓ ଅଭିଭାବକ ମାନେ ଧାରଣା ରୁ ଓହରିଥିଲେ ।

# ମାଇଁ ଏନସିସି ଆଲୁମିନି ଆସୋସିଏସନ ଜିଲ୍ଲା ସ୍ତରରେ ସମ୍ବର୍ଦ୍ଧିତ

କେନ୍ଦ୍ରାପଡ଼ା,୯ ।୨ :(ମନ୍ଥନ)କେନ୍ଦ୍ରାପଡ଼ା ଜିଲ୍ଲାରେ ଥିବା ଅଗଣିତ ଅନୁଷ୍ଠାନ ମାନଙ୍କ ମଧ୍ୟରେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ମାଇଁ ଏନ୍.ସି.ସି ଆଲୁମିନି ଆସୋସିଏସନ ଜିଲ୍ଲାର ପ୍ରଥମ ଅନୁଷ୍ଠାନ ଯାହା କେବଳ ଜିଲ୍ଲା ନୁହେଁ ପୂରା ରାଜ୍ୟରେ ସୁନାମ ଅର୍ଜନ କରିଛି ତା'ର ସୁକର୍ମ ଯୋଗୁ । ଏଥିପାଇଁ ଜିଲ୍ଲା ସ୍ତରୀୟ ମହୋତ୍ସବରେ ଆସୋସିଏସନକୁ ସମ୍ବର୍ଦ୍ଧିତ କରାଯାଇଛି। ମାଇଁ ଏନ.ସି.ସି. ଆଲୁମିନି ଆସୋସିଏସନ ପରିବେଶ ସୁରକ୍ଷା, ଅସହାୟଙ୍କୁ ସହାୟତା, ସମାଜ ଚେତନା ପ୍ରଦାନକାରୀ କାର୍ଯ୍ୟକ୍ରମ, ଶିକ୍ଷାକ୍ଷେତ୍ରରେ ସହଯୋଗ, କଳାପ୍ରତିଭା ସମ୍ମାନ, ସ୍ୱାସ୍ଥ୍ୟ ଜଡିତ କାର୍ଯ୍ୟକ୍ରମ ଆଦି ଆୟୋଜନ କରି ସମସ୍ତଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଏହି ଆସୋସିଏସନ୍ ୨୦୧୭ମସିହା ଅପ୍ରେଲମାସ ୮ତାରିଖରେ ସ୍ଥାପିତ ହୋଇ ୨୦୧୯/୨୦ରେ ଜିଲ୍ଲାପାଳଙ୍କ ଦ୍ୱାରା ପଞ୍ଜିକୃତ ହୋଇଥିଲା । ମାଇଁ ଏନସିସି ଆଲୁମିନି ଆସୋସିଏସନ୍ ପ୍ରଥମଥର ଏକ ଐତିହାସିକ ମୁହୂର୍ତ୍ତ ସୃଷ୍ଟି କରିଛି । ଆସୋସିଏସନ୍ ଜିଲ୍ଲାସ୍ତରୀୟ ପ୍ୟାରେଡ୍‌ରେ ଅଂଶଗ୍ରହଣ କରି ୨୦୨୫ ଅଗଷ୍ଟ ୧୫ରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ୨୦୨୬ମସିହା ସାଧାରଣତନ୍ତ୍ର ଦିବସ ପ୍ୟାରେଡ୍‌ରେ ମଧ ପ୍ରଥମ ସ୍ଥାନ ଅଧିକାର କରିଛି ଏହି ଅନୁଷ୍ଠାନ। ଏତଦ୍‌ବ୍ୟତୀତ ବିଗତ ବର୍ଷ ମାନଙ୍କ ପରି ଚଳିତ ବର୍ଷ ମଧ କେନ୍ଦ୍ରାପଡା ଜିଲ୍ଲା ମହୋତ୍ସବ ବା ପଲ୍ଲିଶ୍ରୀ ମେଳାରେ "ଥିଲେ ଦିଅନ୍ତୁ, ନଥିଲେ ନିଅନ୍ତୁ"ଷ୍ଟଲରେ ଲୋକମାନଙ୍କ ଅଭାବକୁ ଦୃଷ୍ଟିରେ ରଖି ସହଯୋଗର ହାତ ବଢାଇଛି ଏହି ଅନୁଷ୍ଠାନ। ଏହି କାର୍ଯ୍ୟକ୍ରମକୁ ସଂଘ ପକ୍ଷରୁ ରାଜ୍ୟର କିଛି ଜନଜାତି ଅଞ୍ଚଳରେ ମଧ ପରିଚାଳନା କରାଯାଇଛି । ପ୍ରତିବର୍ଷ ଅଗଷ୍ଟ ୧ରୁ୧୫ ମଧ୍ୟରେ "ହର ଘର ଏକ ପୌଧା"କାର୍ଯ୍ୟକ୍ରମ କରି ସାରାଦେଶରେ ବହୁଳମାତ୍ରାରେ ବୃକ୍ଷରୋପଣ କରିବାରେ ସକ୍ଷମ ହୋଇଛି ସଙ୍ଘ । କେନ୍ଦ୍ରାପଡା ସ୍ୱଂୟଶାସିତ ମହାବିଦ୍ୟାଳୟ ପରିସରରେ ମଧ ବିଭିନ୍ନ ଗଛର ଚାରା ରୋପଣ କରାଯାଇଛି । ତତ୍‌ସହିତ ଦୀପାବଳୀ ପରି ଶୁଭ ଅବସରରେ ଭାରତୀୟ ସୀମା ଉପରେ, ବାହାରେ ଏବଂ ଭିତରେ ଥିବା ସୈନ୍ୟମାନଙ୍କ ପାଇଁ ଏବଂ ଦେଶ ପାଇଁ ସହିଦ୍ ହୋଇଥିବା ଅମର ଯବାନ ଓ ଅନ୍ୟ ସୈନିକମାନଙ୍କୁ ପ୍ରେରଣା ଦେବା ନିମନ୍ତେ "ଏକ୍ ଦୀପକ୍ ବୀର୍ ଜବାନ କେ ନାମ"କାର୍ଯ୍ୟକ୍ରମ କରାଯାଉଛି। ବାତ୍ୟା, ବନ୍ୟା, ଘରପୋଡି ଭଳି ପ୍ରାକୃତିକ ବିପଦ ସମୟରେ ମଧ ଦୁଃଖୀ ଓ ପୀଡିତା ମାନଙ୍କୁ ସହାୟତା ପ୍ରଦାନ କରାଯାଉଛି। ଏହାସହ ଗୋରୁଗାଈମାନଙ୍କୁ ଖାଦ୍ୟ ଓ ଗରୀବ ଶିଶୁମାନଙ୍କୁ ପୁସ୍ତକ ପ୍ରଦାନ କରାଯାଇଥାଏ। ପ୍ଲାଷ୍ଟିକ ବର୍ଜନ ନିମନ୍ତେ ଉଭୟ ସାମାଜିକ ଓ ଗଣମାଧ୍ୟମ ଦ୍ୱାରା ପ୍ରସାର ପ୍ରଚାର କରାଯାଇ ଆସୁଅଛି । କୋଭିଡ୍ ସମୟରେ ଜିଲ୍ଲାରେ ସଚେତନତା ରାଲି କରାଯିବା ସହ ସମସ୍ତଙ୍କୁ ସ୍ୱାସ୍ଥ୍ୟ ରକ୍ଷା ନିମନ୍ତେ ଟିପଣୀ ପ୍ରଦାନ ମଧ କରାଯାଉଛି । ଆସୋସିଏସନ୍ ପକ୍ଷରୁ ପ୍ରତିବର୍ଷ ଜିଲ୍ଲାସ୍ତରୀୟ ମେଗା ପ୍ରତିଯୋଗିତା ଆୟୋଜନ କରାଯାଇଥାଏ। ଯେଉଁଥିରେ ୬ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନିଅନ୍ତି ଓ କୃତୀଛାତ୍ରଛାତ୍ରୀଙ୍କୁ ପୁରସ୍କୃତ ମଧ କରାଯାଇଥାଏ । ଶିକ୍ଷା କ୍ଷେତ୍ରରେ ପ୍ରତିବର୍ଷ ଦଶମ, ଦ୍ୱାଦଶ ଓ ସ୍ନାତକ(+୩)ରେ ଟପରମାନଙ୍କୁ ସମ୍ମାନିତ କରାଯାଏ ଓ ଆର୍ଥିକ ରାଶି ମଧ ପ୍ରଦାନ କରି ପ୍ରୋତ୍ସାହିତ କରାଯାଇଥାଏ। ସ୍ୱାସ୍ଥ୍ୟ ନିମନ୍ତେ ପ୍ରତିବର୍ଷ ରକ୍ତଦାନ ଶିବିର ଓ ୨୦୨୫ରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିରର ଆୟୋଜନ କରାଯାଇଥିଲା। ଯେଉଁଥିରେ ସାଧାରଣ ଔଷଧ, ଚକ୍ଷୁ, ଦନ୍ତ ପରୀକ୍ଷା କରାଯାଇ ଔଷଧ ମଧ ପ୍ରଦାନ କରାଯାଇଥିଲା। ଏହି ସଂଘରେ ୨୫୩ ଜଣ ସଦସ୍ୟ ସଦସ୍ୟା ଯୋଗଦେଇ ସହଯୋଗର ହାତ ଆଗକୁ ବଢାଇଛନ୍ତି। ନିଜର ବ୍ୟକ୍ତିଗତ କାର୍ଯ୍ୟରତ ସମୟ ମଧ୍ୟରୁ କିଛି ସମୟ ସମାଜର ହିତ ନିମନ୍ତେ ଅତିବାହିତ କରିବାକୁ ଆସୋସିଏସନର ସଦସ୍ୟମାନେ ପ୍ରଚେଷ୍ଟା ଜାରି ରଖିଛନ୍ତି।

# ବଳଙ୍ଗା ମହାବିଦ୍ୟାଳୟରେ ଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟ ସ୍ତରୀୟ ଆଲୋଚନା ଚକ୍ର ଆୟୋଜିତ

ବଳଙ୍ଗା,୯ ।୨ :(ମନ୍ଥନ)ସ୍ଥାନୀୟ ବଳଙ୍ଗା ମହାବିଦ୍ୟାଳୟର ଶିକ୍ଷା ବିଭାଗ ଦ୍ୱାରା ରାଜ୍ୟସ୍ତରୀୟ ଆଲୋଚନା ଚକ୍ର ଅଧକ୍ଷ ଶ୍ରୀଯୁକ୍ତ ପ୍ରଭାତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବିକଶିତ ଭରତ ୨୦୪୭ ପାଇଁ ଉଚ୍ଚଶିକ୍ଷା କ୍ଷେତ୍ରରେ ନୂତନ ଜାତୀୟ ଶିକ୍ଷାନୀତି ଶିର୍ଷକ ସମ୍ବଳିତ ଆଲୋଚନା ଚକ୍ରରେ ଭୁବନେଶ୍ୱର କ୍ଷେତ୍ରିୟ ଶିକ୍ଷା ସଂସ୍ଥାନର ପ୍ରାକ୍ତନ ଶିକ୍ଷା ବିଭାଗୀୟ ମୁଖ୍ୟ ପ୍ରଫେସର ଭୂଜେନ୍ଦ୍ରନାଥ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଖଣ୍ଡପଡାର ପଠାଣୀ ସାମ' ମହାବିଦ୍ୟାଳୟର ଅଧକ୍ଷା ଡ. ସ୍ୱସ୍ତ ସଲିଳା ମହାପାତ୍ର ଓ ପିପିଲି ମହାବିଦୟାଳୟର ଶିକ୍ଷା ବିଭାଗୀୟ ମୁଖ୍ୟ ଶ୍ରୀମତୀ ମିନାକ୍ଷୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭାଗୀୟ ମୁଖ୍ୟ ଡ. ପ୍ରଦୋଶ କୁମାର ପତି ଶିର୍ଷକର ପ୍ରମୁଖ ତଥ୍ୟ ଉପରେ ଆଲୋକପାତ କରିଥିଲେ। ବିଭାଗୀୟ ଅଧକ୍ଷା ଡା. ସସ୍ମିତା ସାହୁ ଆଲୋଚନା ଚକ୍ରରେ ବିଭିନ୍ନ ମହାବିଦ୍ୟାଳୟ ଯଥା ଗୋପିନାଥ ଦେବ ସ୍ନାତକ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପିପିଲି ମହାବିଦ୍ୟାଳୟ, ପି.ଏନଚ ମହାବିଦ୍ୟାଳୟ, ବ୍ରହ୍ମପୁର ଶିଟି କଲେଜ, ଜ୍ଞାନଦେବୀ ସ୍ନାତକ ମହାବିଦ୍ୟାଳୟ, ବାଣିଶ୍ରୀ ଉଚ୍ଚ ମାଧ୍ୟମିକ ଉଚ୍ଚ ବିଦ୍ୟାଳୟ, ନିଆଳି କଲେଜ, ନିଗମାନନ୍ଦ ମହିଳା ମହାବିଦ୍ୟାଳୟ, ମଙ୍ଗଳା ମହାବିଦ୍ୟାଳୟ, କସ୍ତୁରାବା ଗାନ୍ଧି ମହିଳା ମହା ବିଦ୍ୟାଳୟ, ପିପିଲି ଇନ୍ଦୀରାଗାନ୍ଧି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ନିମାପଡା, ଭୁବନେଶ୍ୱରସ୍ଥ କଳିଙ୍ଗ ବାଣିଜ୍ୟ ମହାବିଦ୍ୟାଳୟ, ଜ୍ଞାନଦେବୀ ଡିଗ୍ରୀ ମହାବିଦ୍ୟାଳୟ କଅଁରପୁରର ଅଧାପକ ଅଧାପିକା ମାନେ ଯୋଗ ଦେଇଥିଲେ ଓ ତାଙ୍କର ସନ୍ଦର୍ଭ ଆଧାରିତ ଆଲେଖ୍ୟ ଉପସ୍ଥାପନା କରିଥିଲେ। ମହାବିଦ୍ୟାଳୟର ଛାତ୍ରୀ ସୁବାସିନ ମିଶ୍ର, ଶୁକନ୍ୟା ମାଝି, ଲିଜା ଭୋଇ, ସୁଭଶ୍ମିତା ସାହୁ, ଅମିତା ଛାଟୋଇ, ଦିପିକା ବେହେରା, ଅଧାପିକା ବିଶ୍ମିତା ନାୟକ ଆଲେଖ୍ୟ ଉପସ୍ଥାପନା କରିଥିଲେ। ରାଜ୍ୟ ଓ ରାଜ୍ୟ ବାହାରର ଗବେଷଣା ଆଧାରିତି ଆଲେଖ୍ୟକୁ ନେଇ ପ୍ରସ୍ତୁତ ସ୍ମରଣିକା ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

ଅତିଥିମାନେ ସେମାନଙ୍କର ପୃଥକ ପୃଥକ ଅଭିଭାଷଣରେ ଜାତୀୟ ଶିକ୍ଷାନୀତି ଅ'ର୍ଗତ




ଉଚ୍ଚଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକ ପାତ କରିଥିଲେ। ପାଠ୍ୟକ୍ରମ ସଂସ୍କାର, ଶିକ୍ଷ-ଶିକ୍ଷା ସସ୍ଥାର ସମନ୍ୱୟ, ଉଦ୍ୟୋଗ ବିକାଶ, ଆ'ର୍ଜାତୀୟ ଭାରତୀୟ ଶିକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଥିଲେ। ବିଭାଗୀୟ ଅଧାପକ ନିଳକଣ୍ଠ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପକ ବଳଭଦ୍ର ରଥ, ବ୍ରଜବନ୍ଧୁ ପ୍ରଧାନ, ଅଧାପିକା ରାଜଲକ୍ଷ୍ମି ମହାପାତ୍ର, ରଶ୍ମି ସାହୁ, ସୋନାଲି ମହାପାତ୍ର, ବନଜା ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ମହାଶିବରାତ୍ରୀ ଉପଲକ୍ଷେ ଦୀପ ପ୍ରସ୍ତୁତିରେ ବ୍ୟସ୍ତ କୁମ୍ଭକାର ପରିବାର

ବୁଗୁଡ଼ା,୯ ।୨ :(ମନ୍ଥନ)ଆ ।ଗକୁ ଆ ।ସୁଛି ମହାଶିବରାତ୍ରୀ ବା ଜାଗର । ସବୁ ଶିବ ମନ୍ଦିରରେ ଜାଗର ଜାଳିବେ ଶ୍ରଦ୍ଧାଳୁ । ଏଥି ପାଇଁ ବୁଗୁଡ଼ା ଅଞ୍ଚଳର ବହୁ କୁମ୍ଭକାର ପରିବାର ମାଟି ଦୀପ ପ୍ରସ୍ତୁତିରେ ବ୍ୟସ୍ତଥିବା ଦେଖିବାକୁ ମିଳୁଛି । ପୂର୍ବ ପୁରୁଷରୁ ମାଟିରୁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତିକୁ କୌଳିକ ବୃତ୍ତି ଭାବେ ଆ ।ପଣାଇ ନେଇଥିବା କୁମ୍ଭକାରଙ୍କ ବେଉସା ଆ ।ଧୁନିକତାର ମାଡ଼ରେ ନହଜି ଅଦ୍ୟାବଧି ବଞ୍ଚି ରହିଛି ।ପୂର୍ବରୁ ମାଟି ପାତ୍ରର ଚାହିଦା ଯଥେଷ୍ଟ ଅଧିକ ଥିଲା ଏବଂ ରୋଷେଇ ପାଇଁ ଆ ।ବଶ୍ୟକ ମାଟି ପାତ୍ର ଠାରୁ ଆ ।ରମ୍ଭ କରି ହାଣ୍ଡି , ମାଠିଆ ।, ସୁରେଇ ଆ ।ଦି ଭଳି ବିଭିନ୍ନସାମଗ୍ରୀ ପ୍ରସ୍ତୁତ କରି କୁମ୍ଭକାର ପରିବାର ବେଶ୍ ଦୁଇପଇସା ରୋଜଗାର କରି କୁଟୁମ୍ବର ଗୁଜରାଣ ମେଣ୍ଟାଇପାରୁଥିଲା । ସମୟାନୁକ୍ରମେ ଆ ।ଧୁନିକ ମଣିଷର ରୁଚିରେମଧ୍ୟ ପରିବର୍ତ୍ତନ ଦେଖା ଦେଇଛି ।ଏବେ ରୋଷେଇ ପାଇଁ ସାଧାରଣ ଲୋକେ ମାଟି ପାତ୍ରକୁ ଭୁଲି ବିଭିନ୍ନ ଧାତୁରେ ନିର୍ମିତ ବାସନ କୁସନ ବ୍ୟବହାର କରିବାକୁ ପସନ୍ଦ କଲେଣି ।



ଏଭଳି ପରିସ୍ଥିତରେ କୁମ୍ଭକାରଙ୍କ ବୃତ୍ତି ପ୍ରଦାନ ପ୍ରତି ସଙ୍କଟ ସୃଷ୍ଟି ହୋଇଛି ।ତଥାପି କୌଳିକ ବୃତ୍ତିକୁ ବଞ୍ଚାଇ ରଖିବା ପାଇଁ ଏବେ ସୁଦ୍ଧା ସଙ୍ଘର୍ଷ ଜାରି ରଖିଛନ୍ତି କୁମ୍ଭକାର ପରିବାର । ବିଶେଷକରି ପର୍ବପର୍ବାଣୀରେ କୁମ୍ଭକାରଙ୍କୁ ସାଧାରଣ ଲୋକେ ମନେ ପକାଇଥାନ୍ତି । ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଏମିତି କିଛିସାମଗ୍ରୀ ରହିଛି ଯାହାକି ପୂଜା ବ୍ରତ ସକାଶେ ନିହାତିଜରୁରୀ । ବିଜ୍ଞାନ ଯୁଗରେ ଆ ।ଲୋକର ଦୀପ ମିଳୁଥିଲେ ମଧ ଜାଗର ପାଇଁ ମାଟି ଦୀପର ଚାହିଦା ଏବେ ବି ଅତୁଟ ରହିଛି । ବର୍ଷ ତମାମ ବେକାରରେ ରହୁଥିବା କୁମ୍ଭକାର ପରିବାରଙ୍କ ପାଇଁ ଦୀପାବଳି ଓ ମହାଶିବରାତ୍ରୀ ବା ଜାଗର ପର୍ବ ରୋଜଗାର ସୃଷ୍ଟି କରିଥାଏ । ଜାଗର ପର୍ବର ବହୁ ଦିନ ପୂର୍ବରୁ କୁମ୍ଭକାର ପରିବାରର ସମସ୍ତ ସଦସ୍ୟ ଲାଗି ପଡ଼ିଥାନ୍ତି ମାଟି ଦୀପ ପ୍ରସ୍ତୁତିରେ । ତେବେ ମାଟିରେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରିବାକୁ ବୃତ୍ତି ଭାବେ ଆ ।ଦରି ନେଇଥିବା କୁମ୍ଭକାର ପରିବାରଙ୍କ ପାଇଁ ସରକାର କୌଣସି ପ୍ରକାର ଯୋଜନା କାର୍ଯ୍ୟକାରୀ କରି ନ ଥିବାରୁ ଏହି ବୃତ୍ତି ଆଗାମୀ ଦିନରେ ଲୋପ ପାଇବା ଆ ।ଶଙ୍କାକୁ ଏଡ଼ାଇ ଦେଇ ହେବ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

# ପାରାଦୀପରେ ହିନ୍ଦୁ ସମ୍ମିଳନୀ ଆୟୋଜିତ

ପାରାଦୀପ, ୯ ।୨ :(ମନ୍ଥନ)ହିନ୍ଦୁ ସମାଜ ପକ୍ଷରୁ ଏକ ହିନ୍ଦୁ ସମ୍ମିଳନୀ ରବିବାର ଦିନ ମଧୁବନ ସ୍ଥିତ ଜଗନ୍ନାଥ କଲୋନୀ ଠାରେ ଆୟୋଜିତ ହୋଇଯାଇଛି । ପ୍ରଥମେ ଯଜ୍ଞ ଓ ହନୁମାନ ଚାଳିଶା ପାଠ ଓ ଗାୟତ୍ରୀ ସଂଗଠନ ଦ୍ୱାରା ଗାୟତ୍ରୀ ମନ୍ତ୍ର ପାଠ ସହିତ ସନ୍ଧ୍ୟାରେ ଦୀପ ଦାନ ଓ ଗାୟତ୍ରୀ ଭଜନ କରାଯାଇଥିଲା । ଏହି ଅବସରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘ (ଆ ।ରଏସଏସ) ପକ୍ଷରୁ ପ୍ରବଚନ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଆ ।ରଏସଏସ ଓଡିଶା ବିଭାଗ ବୌଦ୍ଧିକ ପ୍ରଚାରକ ବିଜୟ ନାୟକ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସୁଧୀର ପ୍ରସାଦ ନନ୍ଦ, ବିଶ୍ୱହିନ୍ଦୁ ପରିଷଦ ପୂର୍ବ ଓଡିଶାର ଧର୍ମ ପ୍ରଚାରକ ପ୍ରମୁଖ ଓ ଗାୟତ୍ରୀ ସଂଗଠନର ପ୍ରସନ୍ନ ରାଉତରାୟ ଓ ଜଗନ୍ନାଥ କଲୋନୀର ମୁରବି ସୁବଳ ଦାସ, ଆ ।ରଏସଏସ ଜିଲ୍ଲା ପ୍ରମୁଖ ବାବାଜୀ ଚରଣ ବେହେରା ପ୍ରମୁଖ ଯୋଗଦେଇ ହିନ୍ଦୁମାନେ ଏକ ହେବା ପାଇଁ ଆହ୍ୱାନ ଦେଇଥିଲେ ।

# ଗ୍ରାମାଂଚଳ ସଂକୀର୍ତନ କଳାକାରଙ୍କ ସମାବେଶ

ବଳଙ୍ଗା,୯ ।୨ :(ମନ୍ଥନ)ସଂକୀର୍ତନ ପରମ୍ପରା ଓ ଗ୍ରାମ୍ୟ ଜୀବନକୁ ରୁଚିମନ୍ତ ଓ ରୁଦ୍ଧିମନ୍ତ କରିବା ସହ ଏକ ସୁସ୍ଥ ସମାଜ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ତେଣୁ ଏଭଳି ଏକ ବହୁ ପ୍ରାଚୀନ ପରମ୍ପରାକୁ ଆବଶ୍ୟକ ପ୍ରୋତ୍ସାହନ ପାଇଁ ସମସ୍ତେ ଆଗେଇ ଆସିବା ଉଚିତ୍ ବୋଲି ସଂକୀର୍ତନ ସାରସତ୍ୱ ସାଧକ ମାନେ ମତ ପ୍ରକାଶ କରିଛନ୍ତି। ବଳଙ୍ଗା ନିକଟସ୍ଥ ଶ୍ରୀ ଶ୍ରୀ ମା ଭଗବତୀ ଶ୍ରୀ ଚୈତନ୍ୟ ମଣ୍ଡଳ ଉଛୁପୁର ମଧସାହି ଦ୍ୱାରା ଆୟୋଜିତ ଗ୍ରାମାଂଚଳ ସଂକୀର୍ତନ କଳାକାର ମାନଙ୍କ ସମାବେଶରେ ଏହି ମତ ପ୍ରକାଶ ପାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ଅତିଥି ଭାବେ ଗଙ୍ଗାଧର ଜେନା, ପିପିଲି ପରିଷଦ ସମ୍ପାଦକ ନରେନ୍ଦ୍ର ପାଟସାଣୀ, ପିପିଲି ପରିଷଦ ସଭାପତି ସର୍ବେଶ୍ୱର ପ୍ରଧାନ, ନିମାପଡା ବ୍ଲକ ଗଠନ ସଭାପତି ପବିତ୍ର ମୋହନ ପ୍ରଧାନ, ସାକ୍ଷୀଗୋପାଳ ବ୍ଲକ କଳାସଂସ୍କୃତି ସଂଘଠନ ଉପସଭାପତି ରମେଶ ଚନ୍ଦ୍ର ପଲେଇ, ଦିବ୍ୟଜ୍ୟୋତି ଚୈତନ୍ୟ ମହାମଣ୍ଡଳ ସଭାପତି ଡମ୍ବରୁଧର ମାଝି, କାର୍ଯ୍ୟକାରୀ ସଭାପତି ବାସୁଦେବ ସ୍ୱାଇଁ, ଉପସଭାପତି ରାଜକିଶୋର ସ୍ୱାଇଁ, ସଂକୀର୍ତନ ପ୍ରବର୍ତା ସୁଶାନ୍ତ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଦିବ୍ୟଜ୍ୟୋତି ଚୈତନ୍ୟ ମହାମଣ୍ଡଳ ସମ୍ପାଦକ ବାବାଜି ଚରଣ ପ୍ରଧାନ କାର୍ଯ୍ୟ ପରିଚାଳନା କରିଥିଲେ । ପ୍ରାରମ୍ଭରେ ଅତିଥି ମାନଙ୍କୁ ସ୍ୱାଗତ ସଂଗୀତ ପରିବେଶଣ କରାଯାଇ, ସ୍ୱାଗତ କରାଯାଇଥିଲା । ଉଛୁପୁର ମଧସାହି ଗ୍ରାମ କୋଠ ପକ୍ଷରୁ ନିରନ ମହାରଣା, ଦେବେନ୍ଦ୍ର ପରିଡା, ସୁଶାନ୍ତ କୁମାର ବିଶ୍ୱାଳ, ପ୍ରଶାନ୍ତ ପରିଡା, ଶ୍ୟାମସୁନ୍ଦର ପରିଡା ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଧନେଶ୍ୱର ପରିଡା ସହଯୋଗ କରିଥିଲେ ।

# ପତ୍ନୀଙ୍କୁ ହତ୍ୟା ଘଟଣାରେ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡାଦେଶ

ଯାଜପୁର,୯ ।୨ :(ମନ୍ଥନ)ନୂତନ ନିୟାମାବଳି ୩ ମାସ ମଧ୍ୟରେ ଫଇସଲା ଅନୁଯାୟୀ ଅତିରିକ୍ତ ଜିଲା ଓ ଦୌରା ଜଜଙ୍କ କୋର୍ଟ ରେ ପ୍ରଥମ ରାୟ ପ୍ରକାଶ । ମଦ୍ୟପାନ କରି ନିଜ ପତ୍ନୀଙ୍କୁ ହତ୍ୟା ଘଟଣାରେ ଆ ।ଜୀବନ କାରାଦଣ୍ଡାଦେଶ ପାଇଁ ନିର୍ଦ୍ଦେଶ । ଅଭିଯୁକ୍ତ ସ୍ୱାମୀ ହେଲେ ବିଂଝାରପୁର ଥାନା ଚନ୍ଦ୍ରମୁଁ ଗାଁର ସୁଦାମ ମଲ୍ଲିକ୍‌ୟ ୨୦୨୫ ମସିହାରେ ବିଂଝାରପୁର ଥାନା ଚନ୍ଦ୍ରମୁଁ ଗାଁରେ ନିଜ ଘରେ ମଦ୍ୟପାନ କରି ନିଜ ପତ୍ନୀଙ୍କୁ ଶାବୁଳରେ ଛେଚିବା ପରେ ଛୁରୀ ଭୁସି ହତ୍ୟା କରିଥିଲେ ଅଭିଯୁକ୍ତ । ଏ ନେଇ ଅଭିଯୁକ୍ତଙ୍କ ପରିବାର ବର୍ଗ ବିଂଝାରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ଆ ।ଜି ଏହି ମାମଲା ର ଶୁଣାଣି କରିଛନ୍ତି ଅତିରିକ୍ତ ଜିଲ୍ଲା ଓ ଦୌରା ଅଦାଲତ । ୧୨ ଜଣଙ୍କ ସାକ୍ଷ ପ୍ରମାଣ ଓ ୧୭ ଗୋଟି ଦସ୍ତାବିଜକୁ ଆଧାର କରି ଅଭିଯୁକ୍ତ ଙ୍କୁ ଭାରତୀୟ ନ୍ୟାୟ ସଂହିତା ୮୫/୧୦୩(୧) ଅନୁଯାୟୀ ଆଜୀବନ କାରାଦଣ୍ଡାଦେଶ ସହ ୧ଲକ୍ଷ ଟଙ୍କା ଜରିମାନା ପାଇଁ ରାୟ ଶୁଣାଇଛନ୍ତି ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ବିଶେଶ୍ୱର ବିଶ୍ୱ ପ୍ରକାଶ ରାୟ । ଏଥି ସହିତ ଅନାଦୟ ୨ମାସ ଅଧିକ କାରାଦଣ୍ଡାଦେଶ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲା କୁ ସରକାରୀ ଓକିଲ କୁଳମଣି ନାୟକ ଓ ଅତିରିକ୍ତ ସରକାରୀ କ୍ୟାଡର ଓକିଲ ବିପ୍ଲବ କୁମାର ମୁଦୁଲି ପରିଚାଳନା କରିଛନ୍ତି ।

# ରାହୁଲ ପୁଣିଥରେ ଚୀନ୍ ପ୍ରସଙ୍ଗ ଉଠାଇବାରୁ ଲୋକସଭାରେ ହଙ୍ଗାମା

**ନୂଆଦିଲ୍ଲୀ,୯।୨(ଏଜେନ୍ସି):** ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଆଜି ପୁଣିଥରେ ଲୋକସଭାରେ ୨୦୨୦ ଗଲୱାନ ସଂଘର୍ଷ ପ୍ରସଙ୍ଗ ଉଠାଇବାକୁ ଚାହିବାରୁ ଏହାକୁ ନେଇ ସରକାର ଓ ବିରୋଧୀ ମୁହାଁମୁହିଁ ହୋଇଛନ୍ତି । କେନ୍ଦ୍ର ବଜେଟ୍ ଉପରେ ଆଲୋଚନା ଆରମ୍ଭ ହେବା ପୂର୍ବରୁ ରାହୁଲ ତାଙ୍କୁ ଗୃହରେ କହିବା ପାଇଁ ଅନୁମତି ଦେବାକୁ ଜିଦ୍ ଧରିଥିଲେ । ରାହୁଲ କହିଥିଲେ ଯେ, ବଜେଟ୍ ଆଲୋଚନା ଆରମ୍ଭ ହେବା ପୂର୍ବରୁ ବାଚସ୍ପତି ଓମ୍ ବିର୍ଲା ତାଙ୍କୁ କହିବା ପାଇଁ ଅନୁମତି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କେନ୍ଦ୍ର ବଜେଟ୍ ଉପରେ ଆଲୋଚନା ଆରମ୍ଭ ହେବା ପୂର୍ବରୁ ରାହୁଲ ଗାନ୍ଧୀଙ୍କୁ କହିବାକୁ ଅନୁମତି ଦେବା ଦାବିକୁ ନେଇ ସରକାର ଓ ବିରୋଧୀଙ୍କ ମଧ୍ୟରେ ବିବାଦ ଯୋଗୁଁ ସୋମବାର ଲୋକସଭାକୁ ମୁଲତବୀ ରଖାଯାଇଛି । ଦୁଇ ଥର ମୁଲତବୀ ହେବା ପରେ ଅପରାହ୍ନ ୨ଟାରେ ଗୃହ ବସିବା ପରେ ଅଧକ୍ଷ ଥିବା ସନ୍ଧ୍ୟା ରାୟ କଂଗ୍ରେସ ସଦସ୍ୟ ଶଶୀ ଥରୁରଙ୍କୁ ବଜେଟ୍ ଉପରେ ବିତର୍କ ଆରମ୍ଭ କରିବାକୁ କହିଥିଲେ । ଥରୁର କହିଥିଲେ ଯେ, ବିରୋଧୀ ଦଳ ନେତା (ଏଲ୍‌ଓପି) ହୋଇଥିବାରୁ ସେ ଭାଷଣ ଆରମ୍ଭ କରିବା ପୂର୍ବରୁ ରାହୁଲ ଗାନ୍ଧୀଙ୍କୁ କିଛି ପ୍ରସଙ୍ଗ ଉଠାଇବାକୁ ଅନୁମତି ଦିଆଯିବା ଉଚିତ । ଏହାପରେ ରାୟ କହିଥିଲେ, ଯଦି ଗାନ୍ଧୀ ବଜେଟ୍ ଉପରେ



କହିବାକୁ ଚାହାନ୍ତି ତେବେ ତାଙ୍କର କୌଣସି ସମସ୍ୟା ନାହିଁ ଏବଂ ତାଙ୍କୁ ଭାଷଣ ଆରମ୍ଭ କରିବାକୁ କହିଥିଲେ । ତେବେ ରାହୁଲ ଗାନ୍ଧୀ ବଜେଟ୍ ଉପରେ ଆଲୋଚନା କରିବା ପରିବର୍ତ୍ତେ ଗଲୱାନ ଓ ନରବଣେଙ୍କ ଅପ୍ରକାଶିତ ଆତ୍ମଜୀବନୀ ପ୍ରସଙ୍ଗ ଉଠାଇବାକୁ ଜିଦ୍ ଧରିଥିଲେ । ସେ କହିଥିଲେ ଯେ, ବାଚସ୍ପତି ଓମ୍ ବିର୍ଲା ଓ କିଛି ବିରୋଧୀ ସାଂସଦଙ୍କ ମଧ୍ୟରେ ହୋଇଥିବା ବୈଠକରେ ବଜେଟ୍ ଆଲୋଚନା ପୂର୍ବରୁ ତାଙ୍କୁ କିଛି ପ୍ରସଙ୍ଗ ଉଠାଇବାକୁ ଅନୁମତି ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା, କିନ୍ତୁ ଅଧକ୍ଷ ବର୍ତ୍ତମାନ ଏହାକୁ ପ୍ରତ୍ୟାଖ୍ୟାନ କରୁଛନ୍ତି । ରାୟ କହିଛନ୍ତି ଯେ, ସେ ଏପରି କୌଣସି ପ୍ରତିଶ୍ରୁତି ବିଷୟରେ ଅବଗତ ନୁହନ୍ତି ଏବଂ ସେ ବିନା ନୋଟିସରେ କାହାକୁ କୌଣସି ପ୍ରସଙ୍ଗ ଉଠାଇବାକୁ ଅନୁମତି ଦେଇପାରିବେ ନାହିଁ । ଏହି ସମୟରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏଥିରେ ହସ୍ତକ୍ଷେପ କରି କହିଥିଲେ ଯେ, ଏପରି କୌଣସି ଚୁକ୍ତି ହୋଇନାହିଁ ଏବଂ ଯଦି ବିରୋଧୀ ଦଳ ବାଚସ୍ପତିଙ୍କ ବିଷୟରେ କିଛି କହିବାକୁ ଚାହୁଁଛନ୍ତି, ତେବେ ବିର୍ଲା ମଧ ଗୃହରେ ଉପସ୍ଥିତ ରହିବା ଉଚିତ । କୌଣସି ପକ୍ଷ ନିଜ ଆଭିମୁଖ୍ୟରୁ ନ ହଟିବାରୁ ରାୟ ଗୃହକୁ ଦିନ ପାଇଁ ମୁଲତବୀ ରଖିଥିଲେ ।

# ୧୦୦ କୋଟି ସ୍ମାର୍ଟଫୋନ୍ ଉପରେ ସାଇବର ଆଟାକ୍ ବିପଦ !

**ନୂଆଦିଲ୍ଲୀ,୯।୨(ଏଜେନ୍ସି):** ଯେଉଁମାନେ ଆଣ୍ଡ୍ରଏଡ୍ ସ୍ମାର୍ଟଫୋନ୍ ବ୍ୟବହାର କରୁଛନ୍ତି ସେମାନେ ବିପଦ ଖଣ୍ଡା ଝୁଲୁଛି । ଗୁଗୁଲ୍ ନିଶ୍ଚିତ କରିଛି ଯେ ୪୦% ରୁ ଅଧିକ ଅର୍ଥାତ ୧୦୦ କୋଟି ଆଣ୍ଡ୍ରଏଡ୍ ଫୋନ୍ ଏବେ ମାଲୱେର୍ ଏବଂ ସ୍ପାଏୱାୟାର ଆକ୍ରମଣର ଶିକାର ହୋଇପାରନ୍ତି । ଆଣ୍ଡ୍ରଏଡ୍ ୧୨ କିମ୍ବା ପୁରୁଣା ଭର୍ସନ ଚଲାଉଥିବା ଆଣ୍ଡ୍ରଏଡ୍ ଫୋନଗୁଡ଼ିକ ଆଉ ସିକ୍ୟୁରିଟି ଅପଡେଟ୍ ପାଉନାହାଁନ୍ତି, ତେଣୁ ଏପରି ଆଣ୍ଡ୍ରଏଡ୍ ସ୍ମାର୍ଟଫୋନ୍ ବ୍ୟବହାର କରୁଥିବା ଲୋକମାନେ ବିପଦରେ ଅଛନ୍ତି । ଯଦି ଆପଣ ମଧ ଏହି ଆଣ୍ଡ୍ରଏଡ୍ ସ୍ମାର୍ଟଫୋନ୍ ବ୍ୟବହାର କରୁଛନ୍ତି, ତେବେ ଆପଣ ସାଇବର ଆକ୍ରମଣର ଶିକାର ହୋଇପାରନ୍ତି । ଏ ବିପଦକୁ ମୁକୁଳିବାକୁ କଣ କରିବେ ସେ ନେଇ ଗୁଗଲ ପରାମର୍ଶ ଦେଇଛି ଯମାତ୍ର ୫୭.୯ ପ୍ରତିଶତ ଡିଭାଇସ୍ ନୂଆ ଭର୍ସନ- ଫୋର୍ବସର ଏକ ରିପୋର୍ଟ ଅନୁଯାୟୀ, ଆଣ୍ଡ୍ରଏଡ୍ ବିତରଣରୁ ଜଣାପଡିଛି ଯେ ,କେବଳ ୫୭.୯ ପ୍ରତିଶତ ଡିଭାଇସ୍ ଆଣ୍ଡ୍ରଏଡ୍ ୧୩ କିମ୍ବା ତା'ପରର ସଂସ୍କରଣ ଚଲାଉଛି । ଡିସେମ୍ବର ସୁଦ୍ଧା, ନୂଆ ସଂସ୍କରଣ, ଆଣ୍ଡ୍ରଏଡ୍ ୧୬, କେବଳ ୭.୫ ପ୍ରତିଶତ ସ୍ମାର୍ଟଫୋନରେ ବ୍ୟବହୃତ ହେଉଥିଲା । ଆଣ୍ଡ୍ରଏଡ୍ ୧୫ ପ୍ରାୟ ୧୯.୩ ପ୍ରତିଶତ ଫୋନରେ, ଆଣ୍ଡ୍ରଏଡ୍ ୧୪ ପ୍ରାୟ ୧୭.୨ ପ୍ରତିଶତ ଫୋନରେ ଏବଂ ଆଣ୍ଡ୍ରଏଡ୍ ୧୩ ପ୍ରାୟ ୧୩.୯ ପ୍ରତିଶତ ଡିଭାଇସରେ ଥିଲା । ଏହାର ଅର୍ଥ ହେଉଛି ଯେ ବହୁ ସଂଖ୍ୟକ ଫୋନ୍ ଏବେ ବି ଆଣ୍ଡ୍ରଏଡ୍ ୧୨ କିମ୍ବା ତା'ପରର ସଂସ୍କରଣ ଚଲାଉଛି । ଏହା ମାଲୱେର୍ ଏବଂ ସ୍ପାଏୱେୟାର ଆଟାକରେ ଆସିପାରନ୍ତି ଯରିପୋର୍ଟ ଅନୁଯାୟୀ, ୨୦୨୧ କିମ୍ବା ତା'ପୂର୍ବରୁ ଲଞ୍ଚ ହୋଇଥିବା ଡିଭାଇସଗୁଡ଼ିକ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି । ଯଦି ସେମାନେ Android ୧୩ କିମ୍ବା ତା'ପରର ସଂସ୍କରଣ ଚଲାଇ ପାରିବେ ନାହିଁ, ତେବେ ଗୁଗଲ ବ୍ୟବହାରକାରୀମାନଙ୍କୁ ସେମାନଙ୍କର ଫୋନ୍ ଅପଡେଟ୍ ନକରିବାକୁ ଅନୁରୋଧ କରିଛି । ନୂଆ ସଫ୍ଟୱେର୍ ସହିତ ମଧ୍ୟମ-ରେଞ୍ଜ ଡିଭାଇସଗୁଡ଼ିକ ମଧ ପୁରୁଣା ଫ୍ଲାଗସିପ୍ ଫୋନ୍ ତୁଳନାରେ ଭଲ ସୁରକ୍ଷା ଦିଏ । Google Play Protect ଯୁଜରଙ୍କ ସୁରକ୍ଷା ପାଇଁ Android ୭ ଏବଂ ନୂଆ ସଂସ୍କରଣରେ ମାଲୱେର ପାଇଁ ସ୍କାନିଂ ଜାରି ରଖିଛି ।

# ଓମ୍ ବିର୍ଲାଙ୍କୁ ଚିଠି ଲେଖି ସମାଲୋଚନା କଲେ କଂଗ୍ରେସର ମହିଳା ସାଂସଦ

**ନୂଆଦିଲ୍ଲୀ,୯।୨(ଏଜେନ୍ସି):** କଂଗ୍ରେସ ପାର୍ଟିର ମହିଳା ସାଂସଦମାନେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ତୀବ୍ର ସମାଲୋଚନା କରି ଚିଠି ଲେଖିଛନ୍ତି। ଓମ୍ ବିର୍ଲା ସେମାନଙ୍କ ବିରୋଧରେ ମିଥ୍ୟା ତଥା ମାନହାନି ହେବା ପରି ଅଭିଯୋଗ ଆଣିଥିବା କଂଗ୍ରେସର ମହିଳା ସାଂସଦମାନେ ଅଭିଯୋଗ କରିଛନ୍ତି । ସୂଚନାଯୋଗ୍ୟ, ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲୋକସଭାରେ ଧନ୍ୟବାଦ ଦେଇଥାନ୍ତେ । କିନ୍ତୁ ସେ ଲୋକସଭାରେ ନିଜ ଭାଷଣ ରଖିବା ପରିବର୍ତ୍ତେ ରାଜ୍ୟସଭାରେ ଭାଷଣ ରଖିଥିଲେ । ବାଚସ୍ପତି ଓମ୍ ବିର୍ଲା ସର୍ବସାଧାରଣରେ କହିଥିଲେ ଯେ, ସେହିଦିନ ପ୍ରଧାନମନ୍ତ୍ରୀଙ୍କ ଆସନ ନିକଟରେ କଂଗ୍ରେସ ସାଂସଦମାନେ ଅଶୋଭନୀୟ ଆଚରଣ ସୃଷ୍ଟି କରିପାରନ୍ତି ବୋଲି ଆଶଙ୍କା କରି ସେ ମୋଦୀଙ୍କୁ ଗୃହକୁ ନ ଆସିବାକୁ ପରାମର୍ଶ ଦେଇଥିଲେ । ବିର୍ଲାଙ୍କ ଏହି ମନ୍ତବ୍ୟକୁ ନେଇ ବିବାଦ ଆରମ୍ଭ ହୋଇଥିଲା । କଂଗ୍ରେସ ସାଂସଦ ଏସ୍ ଜ୍ୟୋତିମଣି ଓ ମହିଳା ସାଂସଦମାନେ ବିର୍ଲାଙ୍କୁ ତିନି ପୃଷ୍ଠାର ଏକ ଚିଠି ଲେଖି ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ବିରୋଧୀ ଦଳ ନେତାଙ୍କୁ ସଂସଦରେ କହିବାକୁ ନଦେଇ ଏଥିରୁ ବିଚ୍ୟୁତ ହେବାର ଏହା ଏକ ପ୍ରୟାସ ବୋଲି ସେମାନେ କହିଛନ୍ତି । ସେମାନେ ଚିଠିରେ ଲେଖିଛନ୍ତି ଯେ, ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଯେ, ଲୋକସଭାର ବାଚସ୍ପତି ଭାବରେ ଆଣଙ୍କୁ ଶାସକ ଦଳ ପକ୍ଷରୁ ବିରୋଧୀ ଦଳ ମହିଳା ସାଂସଦ ସଦସ୍ୟଙ୍କ ବିରୋଧରେ ମିଥ୍ୟା, ଭିତ୍ତିହୀନ ଏବଂ ମାନହାନିଜନକ ଅଭିଯୋଗ ଆଣିବାକୁ ବାଧ କରାଯାଉଛି ।



# ଯୁବତୀଙ୍କୁ ପ୍ରତାରଣା ଅଭିଯୋଗ ଯୁବକ କୋର୍ଟଚାଲାଣ

**ଖଣ୍ଡପଡ଼ା, ୯/୨ (ନି.ପ୍ର):** ପ୍ରେମ ସପ୍ତାହରେ ପ୍ରତାରଣା କରି ଯୁବକ ଜେଲ ଗଲେ। ବିବାହ ପ୍ରତିଶୃତି ଦେଇ ଜଣେ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ମହଙ୍ଗା ପଡିଥିବା ବେଳେ ଏବେ କୋର୍ଟଚାଲାଣ ହୋଇଥିବା ଭଳି ଚର୍ଚିତ ଘଟଣା ଖଣ୍ଡପଡ଼ାରେ ଦେଖିବାକୁ ମିଳିଛି। ସ୍ଥାନୀୟ ପୁଲିସ ଖଣ୍ଡପଡ଼ା ଅଞ୍ଚଳର ଯୁବତୀଙ୍କ ଅଭିଯୋଗ ଆଧାରରେ ଡାକ୍ତରଖାନା ଛକର ଯୁବକ ବିଜୟ କୁମାର ମହାନ୍ତି (୨୭)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ମିଳିଥିବା ଅଭିଯୋଗ ଅନୁଯାୟୀ ବିଜୟ ଏକ ଜନସେବା କେନ୍ଦ୍ର କରିଥିବା ବେଳେ କମ୍ପ୍ୟୁଟର ମରାମତି କରିବାକୁ ଆସିଥିବା ଯୁବତୀଙ୍କ ସହିତ ପରିଚୟ ହୋଇଥିଲା। ପରେ ବନ୍ଧୁତା ପ୍ରେମ ସମ୍ପର୍କରେ ପରିଣତ ହେବା ପରେ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲା। ତେବେ ଯୁବତୀ ଜଣକ ଗର୍ଭବତୀ ହେବାରୁ ବିଜୟ ବାରମ୍ବାର ଚାପ ପ୍ରୟୋଗ କରି ଗର୍ଭନଷ୍ଟ କରିଥିବା ଅଭିଯୋଗ କରିଛନ୍ତି ଯୁବତୀ। ଏପରିକି ବିଭିନ୍ନ ପର୍ଯ୍ୟାୟରେ ଯୁବତୀଙ୍କୁ ବିଶ୍ୱାସ ଜନ୍ମାଇ ପ୍ରାୟ ୫ ଲକ୍ଷ ଟଙ୍କା ନେଇଥିବା ମଧ୍ୟ ଖଣ୍ଡପଡ଼ା ଥାନାରେ ଅଭିଯୋଗ ହୋଇଛି। ତେବେ ଶନିବାର ଯୁବତୀଙ୍କୁ ମାନସିକ ଓ ଶାରୀରିକ ନିର୍ଯ୍ୟାତନା ସହିତ ଗର୍ଭନଷ୍ଟ ନେଇ ଥାନାରେ ଏତଲା ହୋଇଥିଲା। ଗତକାଲି ବିଜୟଙ୍କୁ ଥାନାରେ ଅଟକ ରଖି ପୁଲିସ ଅଭିଯୋଗର ତଦନ୍ତ କରିଥିଲା। ଆଜି ସମ୍ପୃକ୍ତ ଯୁବକଙ୍କୁ ପୁଲିସ କୋର୍ଟଚାଲାଣ କରିଥିବା ସୂଚନା ମିଳିଛି।

# ମନରେଗା ଯୋଜନାକୁ ପୁନଃ ପ୍ରଚଳନ ଦାବିରେ ଜିଲ୍ଲାପାଳଙ୍କୁ କଂଗ୍ରେସର ଦାବିପତ୍ର

**ଅନୁଗୋଳ, ୯।୨ (ନି.ପ୍ର) :** ଆଜି ପୂର୍ବାହ୍ନରେ ଅନୁଗୋଳ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ ନେତା ଓ କର୍ମୀ ଏକ ଶୋଭାଯାତ୍ରାରେ ଆସି ମନରେଗା ଯୋଜନାକୁ ପୁନଃ ପ୍ରଚଳନ ପାଇଁ ଦାବି କରି କେନ୍ଦ୍ର ସରକାରଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରିତିମୟ ଉକ୍ତ ସ୍ମାରକପତ୍ର କୁ ଆସି ଗ୍ରହଣ କରିଥିଲେ। ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ୨୦୦୫ ମସିହାରେ ୟୁପିଏ ସରକାର ଏକ ୧୦୦ ଦିନର କାମ ଦେବାର ଏକ ଗ୍ୟାରେଣ୍ଟି ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିଥିଲେ। ଉକ୍ତ




ଆଇନରେ ଜଣେ ନାଗରିକ ନିଜର କର୍ମ ପାଇବାର ଅଧିକାରକୁ ସରକାରଙ୍କଠାରୁ ଦାବି ରଖି ପାରିବ ଓ ତାର ଦାବିର ୧୫ ଦିନ ମଧ୍ୟରେ କାମ ସରକାର ଯୋଗାଇ ନ ପାରିଲେ, ତାକୁ ବେରୋଜଗାର ଭତ୍ତା ଦେବାର ବ୍ୟବସ୍ଥା ଥିଲା। ହେଲେ କେନ୍ଦ୍ର ସରକାର ମହାତ୍ମାଗାନ୍ଧୀଙ୍କ ନାମକୁ କାଟିବା ପାଇଁ ଯୋଜନାବଦ୍ଧ ଭାବେ ଜିଭିଜି ରାମଜୀ ଯୋଜନା ଲାଗୁ କରିବା ପାଇଁ ଏକ ଦିଶାହୀନ ଆଇନ ପ୍ରଣୟନ କଲେ। ଯାହାକି ସାଧାରଣ ନାଗରିକଙ୍କୁ ୧୨୫ ଦିନର କାମ ଦେବାକୁ କହିଥିଲେ ମଧ୍ୟ ୧୦୦ ଦିନର କାମ ଯୋଗାଇବାକୁ ଅକ୍ଷମ୍ୟ ଏଣୁ କେନ୍ଦ୍ର ସରକାର ନାଗରିକଙ୍କୁ କାମ ଦେବା ନାଆଁରେ କାମ ହରଣ କରୁଛି ବୋଲି ଉକ୍ତ ସ୍ମାରକପତ୍ର ଜରିଆରେ ଅବଗତ କରା ଯାଇଛି। ଆଜିର ଏହି ସ୍ମାରକପତ୍ର ପ୍ରଦାନ ପାଇଁ ଅନୁଗୋଳ ଜିଲ୍ଲା କଂଗ୍ରେସର ବରିଷ୍ଠ ନେତା ଉମେଶ ଚନ୍ଦ୍ର ସାହୁ, ରୂପାଦୀପ୍ତା ମହାପାତ୍ର, ଦାଶରଥି ସାହୁ, ଏଲ ମାଣିକପ୍ରଭା, ଗୋପାଳ ଚନ୍ଦ୍ର ନାଥ, ଚିତ୍ତରଞ୍ଜନ ନାଏକ, ନିରଞ୍ଜନ ଦାସ, ଅମୂଲ୍ୟ ବେହେରା, ବିନୋଦ ମାଝୀ, ରାକେଶ ମିଶ୍ର, ସୁଦୀପ ମିଶ୍ର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ସାହୁ, ବାସୁଦେବ ସାମଲ, ଅଶୋକ ନାଏକ, ଅବିନାଶ ବେହେରା, ସୁବାସ ସାହୁ, ଅରୁପ ସାମଲ, ଅରୁଣ ଦାସ, ଜଗନ୍ନାଥ ବେହେରା, ସଂଗ୍ରାମ ବେହେରା, ଅଳକାରାଣୀ ମହାପାତ୍ର, ମାନିନୀ ପ୍ରଧାନ, ରଶ୍ମି ରଞ୍ଜନ ସାହୁ ମାଧବାନନ୍ଦ ମହାପାତ୍ର, ଅନୁକୂଳ ଦାସ ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# କାକଟପୁର ବ୍ଲକ ରେ ଖାଉଟି କାର୍ଡ ବଣ୍ଟନ



**କାକଟପୁର ୯/୨ (ନି.ପ୍ର):** ସୋମବାର କାକଟପୁର ବ୍ଲକ ସମ୍ମିଳନୀ କକ୍ଷରେ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଙ୍କ ଅଧକ୍ଷତା ରେ ଏକ ବୈଠକ ରେ ଜିଲ୍ଲା ଯୋଗାଣ ଅଧିକାରୀ ସଂଜୀବ କୁମାର ସାହୁ, ପଞ୍ଚାୟତ ସମିତି ଅଧକ୍ଷ ଶ୍ରୀଧର ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାରାୟଣ ଦୀକ୍ଷିତ, କାକଟପୁର ବ୍ଲକ ଯୋଗାଣ ଅଧିକାରୀ ଶକୁନ୍ତଳା ନାୟକ, ପ୍ରମୁଖ ଯୋଗଦେଇ ନୂତନ ଭାବେ କରାଯାଇଥିବା ଖାଉଟି କାର୍ଡ କୁ ୯୩ ଜଣ ହିତାଧିକାରୀ ଙ୍କୁ ବଣ୍ଟନ କରିଥିଲେ। ରାଜ୍ୟରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ସମସ୍ତ ହିତାଧିକାରୀ ଙ୍କୁ ମାଗଣା ରାସନ ଯୋଗାଇଦେବା ରାଜ୍ୟ ସରକାର ଙ୍କ ଲକ୍ଷ୍ୟ ସହିତ, କେହି ଯେପରି ଏଥିରୁ ବାଦ ନପଡ଼ନ୍ତି ସରକାର ସେଥିପାଇଁ ପ୍ରତିଶୃତି ବଦ୍ଧ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଥିଲେ। ଅପରପକ୍ଷରେ ସ୍ଥାନୀୟ ବିଜେପି ନେତା ବାଇଧର ମଲ୍ଲିକ ଙ୍କ ଉପସ୍ଥିତି କୁ ଅଞ୍ଚଳ ର ବିଜେପି ନେତାଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା।

# ଠିକାଦାରଙ୍କ ବାଟମାରଣା ନୀତିରେ ଲୋକେ ହନ୍ତସନ୍ତ

**ଜଟଣୀ, ୯।୨ (ନି.ପ୍ର):** ଖୋର୍ଦ୍ଧା ଜିଲ୍ଲା ବାଣପୁର ଏନଏସି ୯ ନମ୍ବର ୱାର୍ଡରେ ଥିବା ମଦ୍ରାସା ଇସ୍ଲାମିୟାଁ ପ୍ରସଙ୍ଗ, ସାଧାରଣରେ ବିଚଳିତ କରିଛି। ସାମାନ୍ୟ କିଛି ଟଙ୍କା ଅଧିକ ବିଲ ବାବଦରେ ପାଇବା ପାଇଁ ରାସ୍ତାର ଉନ୍ନତିକରଣ ନାମରେ ଜୈନିକ, ନାମଜାଦା ଠିକାଦାର, ପୁରାତନ ସ୍କୁଲ ବାଡ ଭାଙ୍ଗି ଦେଇଥିବା କଥା, ବାଣପୁର ଅଞ୍ଚଳରେ ଆଲୋଚନାର ପ୍ରସଙ୍ଗ ହୋଇଛି। ସାଧାରଣ ଜନତା, ଅଭିଭାବକ, ବୁଦ୍ଧିଜୀବୀଙ୍କ ମହଲରେ ଅସନ୍ତୋଷର ବାତାବରଣ ଦେଖିବାକୁ ମିଳିଛି। ଏହି ଘଟଣାର ବିବରଣୀ ପ୍ରଶାସନିକ କ୍ଷେତ୍ରରେ ଅଭିଯୋଗ ହୋଇଥିବା ଦୃଷ୍ଟିକୁ ଆସିଛି। ବାଣପୁରର ମୁସଲମାନ ସାହିରେ ଥିବା ମାଦରସା ଇସ୍ଲାମିୟାଁ ସ୍କୁଲଟି ଦୀର୍ଘ ପଚାଶ ବର୍ଷ ପୁରାତନ ସ୍କୁଲ ରହିଥିବା ବେଳେ, ସ୍କୁଲଟିର ସାମନ୍ନାପଟ ମୁସଲମାନ ଗଡ଼ସାହିକୁ ସଂଯୋଗ କରୁଥିବା ଏକ ୧୦ ଫୁଟିଆ



ରାସ୍ତା ରହିଛି। କିଛି ଲୋକଙ୍କ ନିଜ ନିଜର ଜାନ ବାହାନ ଗୁଡିକୁ ପାର୍କିଙ୍ଗ ଓ ସାହି ମଧ୍ୟକୁ ନେବାରେ ଅସୁବିଧାକୁ ସୃଷ୍ଟିରେ ରଖି, ଉକ୍ତ ରାସ୍ତାର ଉନ୍ନତି କରଣ ପାଇଁ ନିଯୁକ୍ତି ପାଇଥିବା ଜୈନିକ ଠିକାଦାରଙ୍କୁ ହାତକରି ଅଧିକ ବିଲ କରିବା ଲୋଭ ଦେଖାଇ ସରକାରୀ ସ୍କୁଲ ପାଚେରୀ ବାଡ ସମ୍ପୂର୍ଣ ରୂପେ ଭାଙ୍ଗି ସମାନ କରି ଉକ୍ତ ରାସ୍ତାକୁ ଓସାରିଆ କରିବାର ଘଟଣା ସାମ୍ନାକୁ ଆସିଛି। କେଉଁ ପ୍ରଭାବସାଳି ବ୍ୟକ୍ତି ମାନଙ୍କ ନିର୍ଦ୍ଦେଶରେ ସରକାରୀ ସ୍କୁଲ ବାଡ ଭାଙ୍ଗି ପେଭେର ବ୍ଲକ ପକାଇ ଠିକାଦାର ବାବୁ ଜଣଙ୍କ ରୋଡ଼ ଟିକୁ ଓସାରିଆ କରିବାକୁ କେତେ ଅଧିକ ବିଲ ପାଇଛନ୍ତି ତାହା ତଦନ୍ତ ସାପେକ୍ଷ। ଏହି ପରିପେକ୍ଷୀରେ ସରକାରୀ ସ୍ୱୀକୃତି ପ୍ରାପ୍ତ ସ୍କୁଲର ପାଚେରୀକୁ ଭାଙ୍ଗିବା କେଉଁ ଅଫିସର ନିର୍ଦ୍ଦେଶ ଦେଇଛନ୍ତି ତାହା ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଚି ଏ ସମ୍ପର୍କରେ ମଦ୍ରାସାର ଜଣେ ପୁରାତନ ଛାତ୍ର ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଏକ ଲିଖିତ ଅଭିଯୋଗ କରି ସ୍କୁଲର ପାଚେରୀ ଭାଙ୍ଗି ନିୟମ ବର୍ହିଭୁତ ଭାବେ ରାସ୍ତା ଚଉଡା କରିଥିବା ଠିକାଦାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପୁର୍ନବାର ସ୍କୁଲର ପାଚେରି କରିବାପାଇଁ ଦାବି କରିଛନ୍ତି।

# ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ

**ନୟାଗଡ଼, ୯।୨ (ନି.ପ୍ର):** ଶନିବାର ଦିନ ନୟାଗଡ଼ ସରସ୍ତୀ ଶିଶୁ ବିଦ୍ୟାମନ୍ଦିରଠାରେ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ ର ପ୍ରଥମ ପର୍ଯ୍ୟାୟ ଅନୁଷ୍ଠିତ ହୋଇଅଛି। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଶାସନିକ ସଦସ୍ୟ,ନୟାଗଡ ମହିଳା ମହାବିଦ୍ୟାଳୟର ଶିକ୍ଷା ବିଭାଗର ଅଧାପକ ଶ୍ରୀଯୁକ୍ତ ଡ. କୃପାସିନ୍ଧୁ କରଣ ମହୋଦୟ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଦୀପ ପ୍ରଜ୍ଜ୍ୱଳନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ଅମ୍ବିକେୟ ପ୍ରସାଦ ପଟ୍ଟନାୟକ ଅତିଥିଙ୍କ ପରିଚୟ ପ୍ରଦାନ କରି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ଘର କିପରି ବିଦ୍ୟାଳୟରେ ପରିଣତ ହୋଇପାରିବ ସେ ବିଷୟରେ ସଂସ୍କାର ମୂଳକ କଥା ସ୍ୱାଗତ ଅଭିଭାଷଣରେ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଶିଶୁ ଶିକ୍ଷାର



ଭାରତୀୟ ଓ ପାଶ୍ଚାତ୍ୟ ସଙ୍କଳ୍ପନୟ, ଶିଶୁ ଶିକ୍ଷାରେ ବର୍ତ୍ତମାନ ସ୍ଥିତି ଉପରେ ମାର୍ଗଦର୍ଶନ ଦେଇଥିଲେ। ଶିଶୁ ଶିକ୍ଷାରେ ଶିଶୁ ମାନଙ୍କର ଭୂମିକା କ'ଣ ରହିଛି ? ମୋବାଇଲ ର ବ୍ୟବହାର କିପରି କମାଯାଇପାରିବ ସେ ବିଷୟ ବକ୍ତବ୍ୟରେ ରଖିଥିଲେ। ଚର୍ଚ୍ଚା କାଳାଂଶ ରେ ମୁଖ୍ୟ ପ୍ରଶାସକ ମାନନୀୟ ଶ୍ରୀଯୁକ୍ତ ହରେକୃଷ୍ଣ ମୁଦୁଲି ମହୋଦୟ ବର୍ତ୍ତମାନ ସ୍ଥିତି ରେ ମାତାପିତା କ'ଣ କରିବା ଦରକାର ବିଷୟ ରଖିଥିଲେ ଯଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଶାସନିକ ସଦସ୍ୟ ଶ୍ରୀଯୁକ୍ତ ଭଗବାନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯକ୍ରମ ରେ ପ୍ରାୟ ପଚାଶ ଜଣ ଅଭିଭାବକ ଉପସ୍ଥିତ ଥିଲେ ଯବିଦ୍ୟାଳୟର ଶିଶୁବାଟିକକ୍ଷ ପ୍ରମୂଖା ଶ୍ରୀମତୀ ଭାଗ୍ୟ ଲତକ୍ଷ ସାହୁ ସମେତ ସମସ୍ତ ଗୁରୁଜୀ ଗୁରୁମା ଓ ସେବକ ସେବିକୟଙ୍କ ସହଯୋଗରେ କାର୍ଯକ୍ରମ ଟି ସଫଳ ହୋଇଥିଲା।

# ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ

**କଟକ, ୯।୨ (ନି.ପ୍ର):** ନିଶ୍ଚିନ୍ତକୋଇଲି ବ୍ଲକ୍ କାର୍ଯ୍ୟାଳୟଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି ଯ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୮୮ଟି ଅଭିଯୋଗ ହସ୍ତଗତ ହୋଇଥିଲା। ତନ୍ମଧ୍ୟରେ ୭୫ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୩ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଅଭିଯୋଗ ଶୁଣାଣି ଶିବିରରେ ୪୭ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏହି ଅଭିଯୋଗ ଶୁଣାଣି କାଳରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କମଲଜ୍ଞି ଦାଶ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ପ୍ରଶାନ୍ତ କୁମାର ନାୟକଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ଯ ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯ ଏଠାରେ ସୂଚନାଯୋଗ୍ୟ ଆସନ୍ତା ୧୬ ତାରିଖରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ।

# ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି




**ଅନୁଗୋଳ, ୯।୨ (ନି.ପ୍ର) :** ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟଙ୍କ ଅଧକ୍ଷତାରେ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୪୮ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୩୭ଟି ବ୍ୟକ୍ତିଗତ ଓ ୧୧ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିବାବେଳେ ୯ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ୧ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ।

# ମାଁ ରାମଚଣ୍ଡୀ ମହୋତ୍ସବର ଉଦଯାପନି ଉତ୍ସବରେ ସାଂସ୍କୃତିକ ସନ୍ଧ୍ୟା

**ଗଞ୍ଜାମ, ୯।୨ (ନି.ପ୍ର):** ଗଞ୍ଜାମ ବ୍ଲକ ଅନ୍ତର୍ଗତ କରପଡା ପଞ୍ଚାୟତର ନୀଳାଦ୍ରୀପୁର ପ୍ରସିଦ୍ଧ ଗ୍ରାମରେ ତିନିଦିନ ବ୍ୟାପି ଚାଲିଥିବା ସାଂସ୍କୃତିକ ସନ୍ଧ୍ୟାର ଶନିବାର ରାତ୍ରରେ ଉଦଯାପିତ ହୋଇଯାଇଛି। ଉଦଯାପନି ସମାବେଷରେ ଚଳଚିତ୍ର ତାରକା ସବ୍ୟସାଚୀ ମିଶ୍ର ମୁଖ୍ୟ ଆକର୍ଷଣ ସାଜିଥିବା ଦେଖିବାକୁ ମିଳିଥିଲା। ଉକ୍ତ କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର,ଗଞ୍ଜାମ ଜିଲ୍ଲା ବିଜେପି ସଭାପତି ସରୋଜ ସାବତ,ମନ୍ଦିର ପରିଚାଳନା କମିଟି ସଭାପତି ତଥା ଜାତୀୟ ଖାଦ୍ୟ ନିଗମ ସଦସ୍ୟ ଡ଼ଃ. ପ୍ରଶାନ୍ତ କୁମାର ନାୟକ,ଟ୍ରଷ୍ଟି ସୁଧାକର ପଣ୍ଡା,ଗଜପତି ଜିଲ୍ଲା ପବ୍ଲିକ ପ୍ରସ୍ୟୁକ୍ୟୁଟର ରାଜେଶ ମିଶ୍ର,ଛତ୍ରପୁର ଓକିଲସଙ୍ଘ ସଭାପତି ପ୍ରଦୀପ କୁମାର ପାଢ଼ୀ,ମହାରାଜା କୃଷ୍ଣଚନ୍ଦ୍ର ନାୟକ ପ୍ରମୁଖ ମଞ୍ଚାସିନ



ରହିଥିଲେ । ସଂଯୋଜକ କମଳ ପଣ୍ଡା କାର୍ଯ୍ୟକ୍ରମ ସୁଚାଳନା କରିଥିଲେ। ତୃତୀୟ ସାଂସ୍କୃତିକ ସନ୍ଧ୍ୟା ରେ ଗୁରୁ ଶିବରାମ ବାରିକ ଙ୍କ ଓଡିଶୀ ନୃତ୍ୟ,ମାଁ ତାରା ତାରିଣୀଙ୍କ ମଙ୍ଗଳା ଚରଣ ନୃତ୍ୟ,ପ୍ରତିଭା ଆବାସିକ ଛାତ୍ରୀ ମାନଙ୍କ ଦ୍ୱାରା ଢେମସା ଲୋକ ନୃତ୍ୟ,ସାଇଶ୍ରୀ ନୃତ୍ୟ ଏକାଡେମୀ ଗୁରୁ ମଧୁସ୍ମିତା ପଟନାୟକ ନେତୃତ୍ୟରେ ଓଡିଶୀ ଶାସ୍ତ୍ରୀୟ ନୃତ୍ୟ ଦୃର୍ଗା ସ୍ତୃତି ପରିବେଷଣ ହୋଇଥିଲା। ସମିର କୁମାର ବେହେରା, ପ୍ରଶାନ୍ତ ପଟନାୟକ,ଗୌତମ ନାୟକଙ୍କ ଦ୍ୱାରା ପରିବେଶତ ବାଘ ନୃତ୍ୟ ବେଶ ଆକର୍ଷଣୀୟ ହୋଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ସ୍ୱସ୍ତିକ ସୁନ୍ଦର ସୁର ସଂଯୋଜନା କରିଥିଲେ। ପୂଜା କମିଟି ସଭାପତି ସି ଏଚ ଦୟାନନ୍ଦ ରେଡି ଙ୍କ ସମେତ ସମସ୍ତ ମନ୍ଦିର ପରିଚାଳନା କମିଟି ଓ ପୂଜାକମିଟି କର୍ମକର୍ତ୍ତା ଓ ସଦସ୍ୟ କାର୍ଯ୍ୟକ୍ରମ ସୁ ପରିଚାଳନାରେ ସହଯୋଗ କରିଥିଲେ କ୍ଷ ପ୍ରବଳ ଜନ ସମାଗମ ଓ ଆନନ୍ଦ ଉଲ୍ଲାସ ମଧ୍ୟରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା ।

# ୬ ଟି ଘରୁ ଲକ୍ଷାଧିକ ଟଙ୍କାର ଚୋରି ଅଭିଯୋଗ

**ଖଣ୍ଡପଡ଼ା, ୯/୨ (ନି.ପ୍ର):** ଖଣ୍ଡପଡ଼ା ବ୍ଲକର ବନମାଳିପୁର ପଞ୍ଚାୟତ ଅଧୀନ ବସନ୍ତପୁର ଗ୍ରାମରେ ୬ ଟି ଘରୁ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଗତକାଲି ବିଳମ୍ବିତ ରାତିରେ ଲୁଟେରାମାନେ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ସାମଗ୍ରୀ ସମେତ ନଗଦ ୫୦ ହଜାରରୁ ଉର୍ଦ୍ଧ୍ୱଟଙ୍କା ଲୁଟିନେଇଥିବା ନେଇ ଫତେଗଡ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଆଜି ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଥିବା ସୂଚନା ମିଳିଛି। ଲୁଟେରାମାନେ ସଂଘବଦ୍ଧ ଭାବେ ବିଦ୍ୟାଧର ବେହେରା, କୁଳମଣି ବେହେରା, ବୈଷ୍ଣବ ସାହୁ, ସନ୍ତୋଷ ସାହୁ, ଗୋବର୍ଦ୍ଧନ ସାହୁ, ସପନୀ ଦାଶଙ୍କ ଘରେ ପଶି ସୁନା, ରୁପା ଓ ନଗଦ ଟଙ୍କା ଲୁଟ କରିଥିବା ଅଭିଯୋଗ ହୋଇଛି। ଧାରୁଆ। ଅସ୍ତ୍ରଶସ୍ତ୍ର ସହ ପ୍ରାୟ ୫ରୁ ୬ ଜଣ ଲୁଟିଆ। ଏହି ଲୁଟପାଟ କରିଥିବା ନେଇ ଅନୁମାନ କରାଯାଉଛି। ଏହି ଚୋରି ଘଟଣା ପଛରେ ସ୍ଥାନୀୟ ଅଞ୍ଚଳର କିଛି ଦୁର୍ବୃତ୍ତଙ୍କ ହାତ ଥିବା ନେଇ ଚର୍ଚ୍ଚା ହେଉଛି।ଅଧିକ୍ଷକ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ବିଧାୟକଙ୍କ ଦ୍ୱାରା ଗ୍ରାମ୍ୟ ଉନ୍ନୟନ ରାସ୍ତାର ଶୁଭ ଭିତିପ୍ରସ୍ତର ସ୍ଥାପନ

**କୋରେଇ,୯।୨ (ନି.ପ୍ର) :** ସୋମବାର କୋରେଇ ବ୍ଲକ୍ ଅର୍ନ୍ତଗତ ତାହାରପୁର ଗ୍ରାମ ପଂଚାୟତ ତାହାରପୁର ଖେଳପଡିଆ। ଠାରୁ ଏକ ବିଶାଳ ମଟର ସାଇକେଲ ରାଲିରେ କୋରେଇର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଆକାଶ ଦାସନାୟକ ତେନ୍ତୁଲିଖୁଂଟା ଛକ ଠାରେ ପହଂଚିଥିଲେ। ସେଠାରେ ଗ୍ରାମ୍ୟ ଉନ୍ନୟନ (ବାରଦା) ଛକ ଠାରୁ ତେନ୍ତୁଲିଖୁଂଟା ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ରାସ୍ତାର ଉନ୍ନତିକରଣ ନିମନ୍ତେ ଶୁଭ ଭିତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ରାସ୍ତାର ଉନ୍ନତିକରଣ ନିମନ୍ତେ ଓଡିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ୫ କୋଟି ଟଙ୍କା ଅର୍ଥ ମଞ୍ଜୁର କରାଯାଇଛି। ଏହି ରାସ୍ତାର ଉନ୍ନତିକରଣ ହେବା ଦ୍ୱାରା ସାଦକପୁର, ତାହାରପୁର, ବ୍ୟାସନଗର ପୌରପରିଷଦରେ ନୂତନ ଭାବେ ନିର୍ମାଣ ହେଉଥିବା କୋର୍ଟକୁ ଗମନାଗମନର ସୁବିଧା ହୋଇପାରିବ। ଏହି ରାସ୍ତା ହେବା ଫଳରେ ପଂଚାୟତର ଲୋକମାନେ ବୃହତ ଖୁସି ଥିବାର ଅନୁମାନ କରାଯାଇଛି। କୋରେଇ ବ୍ଲକର ଗମନାଗମନ ବିକାଶରେ ଆଜି ଏକ ନୂତନ ଫର୍ଦ୍ଦ ଯୋଡି ହୋଇଥିଲା।



ମାନ୍ୟବର ବିଧାୟକ ଆକାଶ ଦାସନାୟକଙ୍କ ଏହି ପ୍ରଚେଷ୍ଟାକୁ କୋରେଇ ବ୍ଲକ୍ର ଜନସାଧାରଣ ଭୂୟସୀ ପ୍ରଂଶସା କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ଦାସନାୟକ କହିଥିଲେ - ଆଗାମୀ ଦିନରେ କୋରେଇର ସମସ୍ତ ରାସ୍ତାଗୁଡିକୁ ସୁଦୃଢୀକରଣ କରାଯିବାର ବ୍ୟବସ୍ଥା କରାଯାଉଅଛି। ଏହି ଭିତିପ୍ରସ୍ତର କାର୍ଯ୍ୟକ୍ରମରେ ଶ୍ରୀମତୀ ନଳିନୀପ୍ରଭା ଯେନା, ଅଧକ୍ଷା, ଜିଲ୍ଲା ପରିଷଦ, ଯାଜପୁର, ବ୍ୟାସଦେବ ମଣ୍ଡଳ ସଭାପତି ଅଚ୍ୟୁତାନନ୍ଦ ଦାସ, ଦିପ୍ତିମୟୀ କୁଅଁର, ପ୍ରିତିରଞ୍ଜନ ସାହୁ, ଚିନ୍ତାମଣି ରାଉତ, ଉଦୟ ନାୟକ, ନୀଳମାଧବ ଚକ୍ର ମାୟାଧର ଜେନା, ବ୍ରାହ୍ମଣୀଦେବୀ ମଣ୍ଡଳ ଭାପତି ରାକେଶ ଜେନା, ଗୋପାଳ ସାହୁ, ମନ୍ମଥ ଜେନା, ଗୌରପୁର ସରପଂଚ ସତ୍ୟାନନ୍ଦ ମହାପାତ୍ର, ଅଯୋଧ୍ୟା ଜେନା, ରଞ୍ଜନ ମହାନ୍ତି, ହିଂମାଶୁ ପାଢୀ, ଧନେଶ୍ୱର ବାରିକ, ପାଟରଙ୍ଗା ସରପଂଚ ରଞ୍ଜନ ଦାସ, ଶରତ ଜେନା, ପ୍ରତାପ ସାହୁ, ସୁବ୍ରତ ସ୍ୱାଇଁ, ସରୋଜ ରାଉତ, ତାହାରପୁର ପଂଚାୟତର ବୀରସେନ ସାହୁ, ଶରତ ଜେନା, ଚିନ୍ତାମଣି ରାଉତ, ଦୁଶାସନ ଆଏଚ, ସମିର ଜେନା, ମାୟାଧର ଜେନା, ଅମର ମଲ୍ଲିକ, ଗଣେଶ ନାୟକ, ସତ୍ୟାନନ୍ଦ ସାହୁ, ପ୍ରଫୁଲ୍ଲ ବୋଇତାଇ, ଆଶା ମହାନ୍ତି, ରାଜେନ୍ଦ୍ର ଗାହାଣ ପ୍ରମୁଖ ଯୋଗଦେଇଥିଲେ।

# ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶକଙ୍କ ଖଣ୍ଡପଡ଼ା ଗସ୍ତ



**ଖଣ୍ଡପଡ଼ା, ୯/୨ (ନି.ପ୍ର):** ରାଜ୍ୟ ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ସଚିବ ଗଙ୍ଗାଧର ନାୟକ ଆଜି ଖଣ୍ଡପଡ଼ା ଗସ୍ତରେ ଆସି ପ୍ରକଳ୍ପ ପରିଦର୍ଶନ ସହିତ ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିଛନ୍ତି। ଏନଏସି ନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର ଗୃହ ଏବଂ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବଙ୍କୁ ସହରାଞ୍ଚଳରେ ଚାଲିଥିବା ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ବାବଦରେ ସୂଚନା ଦେଇଥିଲେ। ପ୍ରଥମେ ଶ୍ରୀ ନାୟକ ଏନଏସି ଅଫିସରେ ସମୀକ୍ଷା ପରେ ସହରାଞ୍ଚଳରେ ନିର୍ମାଣଧୀନ ଚାଲିଥିବା ଆଦର୍ଶ ଶ୍ମଶାନ, ବର୍ଜ୍ୟବସ୍ତୁ ପୃଥକୀକରଣ କେନ୍ଦ୍ର, ମାଳ ଉପଚାର କେନ୍ଦ୍ର, ସୁନାମୁହିଁ ପରିବେଶ ପର୍ଯ୍ୟଟନ ସ୍ଥଳୀ ଆଦି ପ୍ରକଳ୍ପ ବୁଲି ଦେଖିବା ସହିତ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏ ଅବସରରେ ବିଭାଗ ପକ୍ଷରୁ ଅନୁଦାନ ରାଶି ଅଭାବ ଥିବା ପ୍ରକଳ୍ପ ବାବଦରେ ଲିଖିତ ଭାବେ ଦେବାକୁ ମଧ୍ୟ ସ୍ୱତନ୍ତ୍ର ସଚିବ ଶ୍ରୀ ନାୟକ ନିର୍ଦ୍ଦେଶ ଦେଇଥିଲେ।

# ୫୧ତମ ରାଜ୍ୟ ଅବକାରୀ କ୍ରୀଡା ସମାରୋହ ଉଦ୍‌ଯାପିତ

## ବ୍ୟକ୍ତିଗତ ବର୍ଗରେ ଦିଲ୍ଲୀପ ଓ ରୋଜାଲିନ୍ ଚମ୍ପିୟାନ
## ମୟୂରଭଞ୍ଜ ଅବକାରୀ ଜିଲ୍ଲା ଦଳଗତ ଚମ୍ପିୟାନ, ନବରଙ୍ଗପୁର ରନର୍ସଅପ

**କଟକ, ୯।୨(ନି.ପ୍ର):** କଟକସ୍ଥିତ ସତ୍ୟବ୍ରତ ଷ୍ଟାଡିୟମରେ ଦୁଇଦିନ ଧରି ଚାଲିଥିବା ଅବକାରୀ ବିଭାଗର ୫୧ ତମ ବାର୍ଷିକ କ୍ରୀଡା ଉତ୍ସବ ଆଜି ମହାସମାରୋହରେ ଉଦଯାପିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲ୍ଲାରେ କାର୍ଯ୍ୟରତ ଅବକାରୀ ସିପାହୀ, ଦିଲିପ କୁମାର ସାମନ୍ତ ଦଶ ପଏଣ୍ଟ ପାଇ ପୁରୁଷ ବର୍ଗରେ ବ୍ୟକ୍ତିଗତ ଭାବେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଅବକାରୀ ଗୁଇନ୍ଦା ସଂସ୍ଥାରେ କାର୍ଯ୍ୟରତ ଅବକାରୀ ସିପାହୀ ରୋଜାଲିନ୍ ବେହେରା ଦଶ ପଏଣ୍ଟ ପାଇ ମହିଳା ବର୍ଗରେ ବ୍ୟକ୍ତିଗତ ଭାବେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

ସେହିପରି ମୟୂରଭଞ୍ଜ ଅବକାରୀ




ଜିଲ୍ଲା ୩୧ ପଏଣ୍ଟ ପାଇ ରାଜ୍ୟ ସ୍ତରୀୟ ଚମ୍ପିଆନ ହୋଇଥିବା ବେଳେ ନବରଙ୍ଗପୁର ଅବକାରୀ ଜିଲ୍ଲା ୨୦ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଆଜିର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଏସବିସିଏଲର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଦେବେନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅବକାରୀ ଆୟୁକ୍ତ, ଓଡିଶା, ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡି, ଅବକାରୀ ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ଅର୍ଚ୍ଚନା ଦାସ ପଟ୍ଟନାୟକ ଏବଂ ଭାରତୀୟ କନିଷ୍ଠ ମହିଳା ଫୁଟବଲ ଦଳର କୋଚ ଶୁଶ୍ରୀ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଉପସ୍ଥିତ ରହି ନିଜର ବକ୍ତବ୍ୟ ପ୍ରଦାନ କରିବା ସହ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ ଓ ଉତ୍ସବରେ ଅବକାରୀ ବିଭାଗ, ଅବକାରୀ ନିର୍ଦ୍ଦେଶାଳୟ ଓ OSBC ର ଅଧିକାରୀ ଓ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ।

ଏଠାରେ ସୂଚନା ଯୋଗ୍ୟକି ଓଡିଶାର ସମସ୍ତ ୩୩ଟି ଅବକାରୀ ଜିଲ୍ଲା ଓ ୪ଟି ରଉ ରଇ ୟୁନିଟରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ୮୦୯ ଜଣ ପୁରୁଷ ପ୍ରତିଯୋଗୀ ୧୬ଟି ବିଭାଗରେ ଏବଂ ୧୮୧ ଜଣ ମହିଳା ପ୍ରତିଯୋଗୀ ୧୧ଟି ବିଭାଗରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତା ଗୁଡ଼ିକ ମଧ୍ୟରେ ମୁଖ୍ୟତଃ ୧୦୦ ମି ଦୌଡ଼, ୨୦୦ ମି ଦୌଡ଼, ୪୦୦ ମି ଦୌଡ଼, ୮୦୦ ମି ଦୌଡ଼, ୧୫୦୦ ମି ଦୌଡ଼, ୩୦୦୦ ମି ଦୌଡ଼, ଲମ୍ବା ଡିଆଁ, ଉଚ୍ଚ ଡ଼ିଆଁ, ଟ୍ରିପଲ ଜମ୍ପ, ଶଟ ଫୁଟ ଥ୍ରୋ, ଡିସ୍କସ ଥ୍ରୋ, ଜାଭେଲିନ ଥ୍ରୋ, ଭୋଲିବଲ୍, ବ୍ୟାଡମିଣ୍ଟନ ଇତ୍ୟାଦି ଅନୁଷ୍ଠିତ ହୋଇଥିଲା।

# ଜିଲ୍ଲା ସ୍ତରୀୟ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ

**ଅନୁଗୋଳ, ୯।୨ (ନି.ପ୍ର) :** ଆଜି ଜିଲ୍ଲାପାଳ ଶ୍ରୀ ଅବଦାଲ୍ ମୁହମ୍ମଦ ଅଖତରଙ୍କ ଅଧକ୍ଷତାରେ ପବିତ୍ର ମୋହନ ସଭାଗୃହ କଣିହାଁ ଠାରେ ଜିଲ୍ଲା ସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜନଶୁଣାଣି ଶିବିରରେ ସମୁଦାୟ ୩୪ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨୮ଟି ବ୍ୟକ୍ତିଗତ ଓ ୬ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିବାବେଳେ ୮ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ୩ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୨୨ ହଜାର ୫୦୦ ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା ଯ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଦେବଦତ୍ତ ମହନ୍ତ, ତାଳଚେର ଉପଜିଲ୍ଲାପାଳ ଶ୍ରୀ ସମୀର କୁମାର ଜେନା, ଆଇଏ ଏସ୍ ପ୍ରୋବେସନର କସ୍ତୁରୀ ସା,ଆସିଷ୍ଟାଣ୍ଟ କଲେକ୍ଟର ଶ୍ରୀ ସଞ୍ଜୟ କୁମାର ଭୋଇ, କଣିହାଁ ତହସିଲଦାର ଚିନ୍ମୟ ଦାସ, କଣିହାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ତ୍ରିବିକ୍ରମ କୁମୁରା, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ନିରଞ୍ଜନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ଦିଲ୍ଲୀପ କୁମାର ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ଶ୍ରୀନିବାସ ସାହୁ, ଉପ- ନିର୍ଦ୍ଦେଶକ ଉଦ୍ୟାନ ଶ୍ରୀ ଅମର ଲୁଗୁନ୍, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ଉପ- ନିର୍ଦ୍ଦେଶକ ଉଦ୍ୟାନ ଶ୍ରୀ ଅମର ଲୁଗୁନ୍, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ଉମା ଶଙ୍କର ମିଶ୍ର, ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସତ୍ୟ ନାରାୟଣ ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ମନିଷ ଏକ୍କାଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଓ ବ୍ଲକ୍ ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ ।

